

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୧୮ ଅକ୍ଟୋବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 18 October 2026

Vol.No. 36 ■ No.274 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ଆସୁଛି

ପୂଜାସଂଖ୍ୟା ସାଗରିକା




# କଟକଣା କୋହଳ କଲେ ଟ୍ରମ୍ପ୍: ସ୍ୱାଗତ ଜଣାଇଲେ ପୁଟିନ୍



ନୂଆଦିଲ୍ଲୀ,୧୭/୧୦ : ରୁଷିଆରୁ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ୧୦୦ ପ୍ରତିଶତ ଟାରିଫ୍ ଲଗାଇବା ଯୋଜନା କରିଥିଲେ ଆଉ ଏବେ ସେହି ପ୍ରସଙ୍ଗରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୟୁ-ଟର୍ଣ୍ଣ ନେଇଛନ୍ତି । ବଡ଼ ପଦକ୍ଷେପ। କିଛି କଟକଣା ଓ ଶୁଳ୍କରୁ ଛାଡ଼ ଦେବା ନେଇ ନିଷ୍ପତ୍ତି ଆସିବା ପରେ ଭାରତ ଓ ଚୀନ୍ ଭଳି ଦେଶଙ୍କୁ ମିଳିପାରେ ଆଶ୍ୱସ୍ତି। ତେବେ କାହିଁକି ନିଜ ନିଷ୍ପତ୍ତିରୁ ପଛକୁ ହଟିଲେ ଟ୍ରମ୍ପ ? ଏହା ପଛରେ ରହିଛି କି ଆମେରିକାର କି ସ୍ୱାର୍ଥ ? ରୁଷିଆ ଉପରେ ଚାପ... ଭାରତ ଉପରେ ଟାରିଫ୍‌ର ଭୟ... ଆଉ ଏବେ ଆମେରିକାର ନୂଆ ନିଷ୍ପତ୍ତି ! ରୁଷିଆରୁ ଅଶୋଧିତ ତୈଳ କିମ୍ବା ଗ୍ୟାସ୍ କିଣୁଥିବା ଦେଶଗୁଡ଼ିକ ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଅତିରିକ୍ତ ଟାରିଫ୍ ଲଗାଇବାର ଯୋଜନା ରହିଥିଲା। ଏହା ଲାଗୁ ହୋଇଥିଲେ ଆମେରିକାକୁ ସାମଗ୍ରୀ ରପ୍ତାନି କରୁଥିବା ଭାରତୀୟ ବ୍ୟବସାୟୀଙ୍କ ଉପରେ ପଡ଼ିଥାନ୍ତା ବଡ଼ ପ୍ରଭାବ। କିନ୍ତୁ ଏବେ କିଛି କଟକଣା ଓ ଶୁଳ୍କରୁ ଛାଡ଼ ଦେବା ନେଇ ଟ୍ରମ୍ପ ପ୍ରଶାସନର ପଦକ୍ଷେପକୁ ନେଇ ଚର୍ଚ୍ଚା। ଏହା ଫଳରେ ଭାରତ ଓ ଚୀନ୍ ଭଳି ଦେଶଙ୍କୁ ସମ୍ଭାବ୍ୟ ଅତିରିକ୍ତ ଟାରିଫ୍‌ରୁ ଆଶ୍ୱସ୍ତି ମିଳିପାରେ। ପ୍ରଶ୍ନ ଉଠୁଛି, ଯଦି ଟ୍ରମ୍ପ ବାରମ୍ବାର ଟାରିଫ ଧମକ ଦେଉଥିଲେ ବର୍ତ୍ତମାନ ଏଭଳି ନିଷ୍ପତ୍ତି କାହିଁକି ନେଲେ ? ରୁଷିଆ ଉପରେ ଆର୍ଥିକ ଚାପ ବଢ଼ାଇବା ଆମେରିକାର ରଣନୀତିର ଏକ ଅଂଶ। କିନ୍ତୁ ଅନ୍ୟ ଦେଶ ଉପରେ ଅତ୍ୟଧିକ ଶୁଳ୍କ ଲାଗୁ କଲେ ଆମେରିକାର ବାଣିଜ୍ୟ ଓ ଆର୍ଥିକ ସ୍ୱାର୍ଥ ଉପରେ ମଧ୍ୟ ପ୍ରଭାବ ପଡ଼ିପାରେ। ରୁଷିଆ ଉପରେ ଚାପ ବଜାୟ ରଖିବା ସହ ନିଜର ବାଣିଜ୍ୟିକ ସ୍ୱାର୍ଥକୁ ସୁରକ୍ଷା ଦେବା ମଧ୍ୟରେ ସନ୍ତୁଳନ ରଖିବାକୁ ଚାହୁଁଛି ଆମେରିକା ବୋଲି ଆକଳନ କରାଯାଉଛି। ସେପଟେ ଭାରତ ନିଜର ଶକ୍ତି ଆବଶ୍ୟକତା ପୂରଣ ପାଇଁ ବିଦେଶରୁ ବିପୁଳ ପରିମାଣର ଅଶୋଧିତ ତୈଳ ଆମଦାନୀ କରେ। ରୁଷିଆ ମଧ ଭାରତର ଏକ ପ୍ରମୁଖ ତୈଳ ଯୋଗାଣକାରୀ। ଭାରତୀୟ ସାମଗ୍ରୀ ଉପରେ ୧୦୦ ପ୍ରତିଶତ ଅତିରିକ୍ତ ଟାରିଫ୍ ଲାଗିଥିଲେ, ଭାରତୀୟ ରପ୍ତାନିକାରୀଙ୍କ ପାଇଁ ଆମେରିକା ବଜାରରେ ପ୍ରତିଯୋଗିତା କଷ୍ଟକର ହୋଇଥାନ୍ତା । ଏହାର ପ୍ରଭାବ ଭାରତ-ଆମେରିକା ବାଣିଜ୍ୟ ସମ୍ପର୍କ ଉପରେ ମଧ୍ୟ ପଡ଼ିଥାନ୍ତା। ତେଣୁ ଟାରିଫ୍‌ରୁ ଛାଡ଼ ମିଳିଲେ ଭାରତୀୟ ରପ୍ତାନି କ୍ଷେତ୍ରକୁ କିଛି ଆଶ୍ୱସ୍ତି ମିଳିବାର ସମ୍ଭାବନା ରହିଛି। କିଛି ଶୁଳ୍କରୁ ଛାଡ଼ ମିଳିବାର ଅର୍ଥ ନୁହେଁ ଯେ ଭାରତ ଉପରେ ଲାଗୁ ହୋଇଥିବା ସମସ୍ତ ଆମେରିକୀୟ ଟାରିଫ୍ ଉଠିଯାଇଛି। କେଉଁ ସାମଗ୍ରୀ ଉପରେ କେତେ ଶୁଳ୍କ ଲାଗୁ ହେବ, ତାହା ଆଦେଶର ସର୍ତ୍ତ ଉପରେ ନିର୍ଭର କରିବ। ଏବେ ନଜର ରହିବ, ଟ୍ରମ୍ପଙ୍କ ଏହି ପଦକ୍ଷେପ ଭାରତ-ଆମେରିକା ବାଣିଜ୍ୟ ସମ୍ପର୍କ ଓ ବିଶ୍ୱ ତୈଳ ବଜାର ଉପରେ କି ପ୍ରଭାବ ପକାଉଛି।

# ଓଡ଼ିଶାରେ ନୂଆ ରାଜ୍ୟପାଳ, ଆଜି ଶପଥ ଗ୍ରହଣ: ଗାର୍ଡ ଅଫ୍ ଅନର ସହ ଡକ୍ଟର ବ୍ରଜମୋହନ ରାମଙ୍କୁ ସ୍ୱାଗତ



ଭୁବନେଶ୍ୱର, ୧୭/୧୦ (ନି.ପ୍ର): ଓଡ଼ିଶାରେ ପହଞ୍ଚିଛନ୍ତି ନବନିଯୁକ୍ତ ରାଜ୍ୟପାଳ ଡକ୍ଟର ବ୍ରଜମୋହନ ରାମ। ଭୁବନେଶ୍ୱର ବିମାନବନ୍ଦରରେ ତାଙ୍କୁ ଗାର୍ଡ ଅଫ୍ ଅନର ସହ ଭବ୍ୟ ସ୍ୱାଗତ କରାଯାଇଛି । ଆସନ୍ତାକାଲି ଲୋକଭବନରେ ରାଜ୍ୟପାଳ ଭାବେ ସେ ଶପଥ ଗ୍ରହଣ କରିବେ। ଏଥିପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରସୋରରେ ଚାଲିଛି । ଅନ୍ୟପଟେ ନୂଆ ରାଜ୍ୟପାଳଙ୍କ କାର୍ଯ୍ୟକାଳରେ ରାଜ୍ୟର କେଉଁ କ୍ଷେତ୍ରକୁ ଗୁରୁତ୍ୱ ମିଳିବ ଏବଂ ତାଙ୍କ ଆଗରେ କେଉଁ ଚ୍ୟାଲେଞ୍ଜ ରହିବ, ତାକୁ ନେଇ ଚର୍ଚ୍ଚା ବଢ଼ିଛି। ଶନିବାର ଦିନ ସାଢ଼େ ୧୧ଟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲେ ଡକ୍ଟର ବ୍ରଜମୋହନ ରାମ। ତାଙ୍କୁ ସ୍ୱାଗତ କରିବା ପାଇଁ ଉପସ୍ଥିତ ଥିଲେ ମୁଖ୍ୟମନ୍ତ୍ରୀ, ବାଚସ୍ପତି, ମୁଖ୍ୟ ଶାସନ ସଚିବଙ୍କ ସମେତ ମନ୍ତ୍ରିମଣ୍ଡଳର ଅନେକ ସଦସ୍ୟ। ବିମାନବନ୍ଦରରେ ତାଙ୍କୁ ଗାର୍ଡ ଅଫ୍ ଅନର ସହ ସମ୍ବର୍ଦ୍ଧିତ କରାଯାଇଥିଲା । ଭୁବନେଶ୍ୱରରେ ପହଞ୍ଚିବା ପରେ ସେ ପରିବାର ସହ ପୁରୀ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଛନ୍ତି । ରବିବାର ସକାଳ ୧୧ଟାରେ ଲୋକଭବନର ନୂଆ ଅଭିଷେକ ହଲ୍ ?ରେ ତାଙ୍କର ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ । ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇବେ । ଏହି ସମାରୋହରେ ଝାଡ଼ଖଣ୍ଡରୁ ପ୍ରାୟ ୩୦୦ ଅତିଥିଙ୍କ ସମେତ ରାଜ୍ୟର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜନେତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ରାଜ୍ୟପାଳ ଭାବେ ଡକ୍ଟର ବ୍ରଜମୋହନ ରାମଙ୍କ ଏହା ପ୍ରଥମ ନିଯୁକ୍ତି ।

◆◆ପୃଷ୍ଠା ୭

# ଓଡ଼ିଶା ଭିଜିଲାନ୍ସର ବିଳମ୍ବିତ ରାତିରେ ଚଢ଼ାଉ: ଅଧୀକ୍ଷଣ ଯନ୍ତ୍ରୀଙ୍କଠାରୁ ୨୧ ଲକ୍ଷ ୮୮ ହଜାର ୬୨୦ ଟଙ୍କା ନଗଦ ଜବତ



ଭୁବନେଶ୍ୱର, ୧୭/୧୦ (ନି.ପ୍ର): ବିଭିନ୍ନ ଠିକାଦାରଙ୍କଠାରୁ ଲାଞ୍ଚ ଟଙ୍କା ସଂଗ୍ରହ କରାଯାଉଥିବା ନେଇ ମିଳିଥିବା ସୂଚନା ଆଧାରରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ବିଳମ୍ବିତ ରାତିରେ ଚଢ଼ାଉ କରାଯାଇଛି। ଏହି କାର୍ଯ୍ୟାନୁଷ୍ଠାନରେ କଟକ ଜଗତପୁରସ୍ଥିତ ମହାନଦୀ ଉତ୍ତର ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀପ୍ରସନ୍ନଜିତ ଦାସଙ୍କଠାରୁ ମୋଟ ୨୧ ଲକ୍ଷ ୮୮ ହଜାର ୬୨୦ ଟଙ୍କା ନଗଦ ଜବତକରାଯାଇଛି। ଗତକାଲି ବିଳମ୍ବିତ ରାତିରେ ଭୁବନେଶ୍ୱରର ଏଜି ଛକ ନିକଟରେ ଓଡ଼ିଶା ଭିଜିଲାନ୍ସ ଟିମ୍ ତାଙ୍କୁ ଅଟକାଇଥିଲା। ସେ ସରକାରୀ କାର୍ଯ୍ୟ ପାଇଁ ଭଡ଼ାରେ ନିଆଯାଇଥିବା ଏକ ବୋଲେରୋ ଗାଡ଼ିରେ ଯାତ୍ରା କରୁଥିଲେ। ତାଙ୍କ ପାଖରୁ ହିସାବ ବାହାରେ ଥିବା ସନ୍ଦେହଜନକ ୭ ଲକ୍ଷ ୨୮ ହଜାର ୬୨୦ ଟଙ୍କା ମିଳିଥିଲା। ତାଙ୍କୁ ଅଟକାଇବା ପରେ ଆଜି ସକାଳେ ଏକକାଳୀନ ତଲାସୀ ଅଭିଯାନ ଆରମ୍ଭ ହୋଇଥିଲା। ଭୁବନେଶ୍ୱରର ଘାଟିକିଆସ୍ଥିତ ଟ୍ରାଇଡେଣ୍ଟ ଗାଲାକ୍ସିର ଫ୍ଲାଟ୍ ନମ୍ବର ଉ-୪୦୧ରେ ଥିବା ତାଙ୍କ ଭଡ଼ା ଘର ଏବଂ ବରଗଡ଼ସ୍ଥିତ ପୈତୃକ ଘରେ ତଲାସୀ କରାଯାଇଥିଲା। ଭଡ଼ା ଘରୁ ଆଉ ୧୪ ଲକ୍ଷ ୬୦ ହଜାର ଟଙ୍କା ଜବତ ହୋଇଥିଲା। ଏହିପରି ଭାବେ ମୋଟ ୨୧ ଲକ୍ଷ ୮୮ ହଜାର ୬୨୦ ଟଙ୍କାର ହିସାବ ଅଧୀକ୍ଷଣ

◆◆ପୃଷ୍ଠା ୭

# ସାହିତ୍ୟର ସୁବାସରେ ମହକିଲା ବାଲେଶ୍ୱର: ଲୋକାର୍ପିତ ହେଲା 'ସାଗରିକା'ର ଶାରଦୀୟ ସଂଖ୍ୟା



ବାଲେଶ୍ୱର, ୧୭/୧୦ (ନି.ପ୍ର): ଶରତର ମନୋରମ ସ୍ୱର୍ଗୀୟ ବାତାବରଣ, କାଶତଣ୍ଡିର ହସ ଏବଂ ମଳୟର ସ୍ୱର୍ଶ ଭିତରେ ବାଲେଶ୍ୱର ମାଟି ପୁଣିଥରେ ସାହିତ୍ୟର ଦିବ୍ୟ ଆଲୋକରେ ଆଲୋକିତ ହୋଇଉଠିଛି। ସ୍ଥାନୀୟ ଷ୍ଟେସନ କ୍ଲବ ସଭାଗୃହରେ ଅନୁଷ୍ଠିତ ଏକାନ୍ତ ମନୋଜ୍ଞ ଓ ଭାବଗମ୍ଭୀର ସାହିତ୍ୟିକ ସମାରୋହରେ ଓଡ଼ିଶାର ପ୍ରତିଷ୍ଠିତ ସାହିତ୍ୟ ପତ୍ରିକା 'ସାଗରିକା'ର ଶାରଦୀୟ ସଂଖ୍ୟା ଆନୁଷ୍ଠାନିକ ଭାବେ ଲୋକାର୍ପିତ ହୋଇଯାଇଛି। କାଗଜ ଓ କାଳିର ସମ୍ପର୍କକୁ ଅକ୍ଷୁର୍ଣ୍ଣ ରଖି ଏହି ପତ୍ରିକା ଦୀର୍ଘ ୪୨ ବର୍ଷରୁ ଅଧିକ ସମୟ ଧରି ଓଡ଼ିଆ ସାହିତ୍ୟର ଯେଉଁ ନିରବଚ୍ଛିନ୍ନ ସାଧନା କରିଆସୁଛି, ତାହା ଆଜିର ଏହି ଉତ୍ସବରେ ପୁଣିଥରେ ପ୍ରମାଣିତ ହୋଇଛି। ପତ୍ରିକାର ସମ୍ପାଦିକା ସୈରୀନ୍ଦ୍ରୀ ସାହୁଙ୍କ ସୁଦକ୍ଷ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାହିତ୍ୟ ମହାକୁମ୍ଭରେ ବାଲେଶ୍ୱରର କଳା, ସାହିତ୍ୟ ଓ ବୌଦ୍ଧିକ ଜଗତର ଦିଗ୍ଦର୍ଶକମାନେ ଏକାଠି ହୋଇଥିଲେ। ପ୍ରାରମ୍ଭରେ ପବିତ୍ର ଦୀପ ପ୍ରଜ୍ୱଳନ ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା।

◆◆ପୃଷ୍ଠା ୭

# କୋଲକାତା ଦୁର୍ଗାପୂଜାରେ ଦୁର୍ଘଟଣା: ୧୭ ମୃତ ସୂଚନା; ଅନେକ ଆହତ



କୋଲକାତାନୂଆଦିଲ୍ଲୀ,୧୭/୧୦ : ଦୁର୍ଗାପୂଜା ପାଇଁ ପଶ୍ଚିମବଙ୍ଗରେ ଖୁସିର ମାହୋଲ ଥିବା ସମୟରେ ଆଜି କୋଲକାତାରେ ସପ୍ତମୀ ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ଉତ୍ତର କୋଲକାତାର ଚୋରବାଗାନ ସାର୍ବଜନୀନ ଦୁର୍ଗାପୂଜା ମଣ୍ଡପର ଏକ ଭାଗ ଭୁଶୁଡ଼ି ପଡ଼ିଛି। ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ ଏହି ଅଭାବନୀୟ ଦୁର୍ଘଟଣାରେ ୧୭ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ଅନେକ ଲୋକ ଆହତଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ପ୍ରଭାବିତ ସମସ୍ତ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି କୋଲକାତା ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣା ସଂପର୍କିତ ସୂଚନା ପାଇ ପୁଲିସ ଏବଂ ବିପର୍ଯ୍ୟୟ ପରିଚାଳନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଥିଲେ। ପୂଜା ଆୟୋଜକ କମିଟି ମଧ ସ୍ଥିତିକୁ ଦୃଷ୍ଟିରେ ରଖି ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏବଂ ମୁଖ୍ୟ ଶାସନ ସଚିବ ମନୋଜ ଅଗ୍ରୱାଲ କୋଲକାତା ମେଡିକାଲରେ ପହଞ୍ଚି ଛନ୍ତି। କୋଲକାତା ପୁଲିସ କହିଛି, ବର୍ଷା ସମୟରେ ପ୍ରବଳ ଭିଡ଼ କାରଣରୁ ବୋରବାଗାନର ଶାରଦା ପାର୍କ ପୂଜା ମଣ୍ଡପର ପ୍ରସ୍ଥାନ ଫାଟକ ନିକଟରେ

◆◆ପୃଷ୍ଠା ୭

# ହର୍ମୁଜ୍ ପ୍ରଣାଳୀରେ ପୁଣି ମାଇନ୍ ବିସ୍ଫୋରଣ

ନୂଆଦିଲ୍ଲୀ,୧୭/୧୦ : ପ୍ରାୟ ୨୦ ଲକ୍ଷ ବ୍ୟାରେଲ୍ ଅଶୋଧିତ ତୈଳ ପରିବହନ କରୁଥିବା ଏକ ବୃହତ୍ ସୁପରଟ୍ୟାଙ୍କର ଶନିବାର ହର୍ମୁଜ୍ ପ୍ରଣାଳୀ ଦେଇ ଗତି କରୁଥିବା ସମୟରେ ଏକ ନୌସେନା ମାଇନ୍ ସହ ଧକ୍କା ହୋଇ ବିସ୍ଫୋରଣ ଘଟିବା ସହ ପ୍ରବଳ ଅଗ୍ନିକାଣ୍ଡର ସମ୍ମୁଖୀନ ହୋଇଛି। ଇରାନର ରିଭୋଲ୍ୟୁସନାରି ଗାର୍ଡସ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଇରାନର ସରକାରୀ ଗଣମାଧ୍ୟମ ପ୍ରେସ୍ ଟିଭିର ରିପୋର୍ଟ ଅନୁଯାୟୀ, ତେହେରାନ ଦ୍ୱାରା ଅନୁମତି ନଥିବା ଏକ ମାର୍ଗ ବ୍ୟବହାର କରି ଏହି ଜାହାଜ ବେଆଇନ ଭାବେ ରଣନୀତିକ ଜଳପଥ ପାର ହେବାକୁ ଚେଷ୍ଟା କରୁଥିଲା। ଆଇଆରଜିସି ଏକ ବିବୃତିରେ ଅଭିଯୋଗ କରିଛି ଯେ, ଇରାନର ସାମୁଦ୍ରିକ କର୍ତ୍ତୃପକ୍ଷଙ୍କୁ ଚକ୍‌ମା ଦେବା ଉଦ୍ଦେଶ୍ୟରେ ଟ୍ୟାଙ୍କରଟି ନିଜର ପୋଜିସନିଂ ଏବଂ ରାଡାର ବ୍ୟବସ୍ଥାକୁ ଜାଣିଶୁଣି ବନ୍ଦ କରିଦେଇଥିଲା। ଏହାସହ ଆଇଆରଜିସି ସମସ୍ତ ସାମୁଦ୍ରିକ ଜାହାଜକୁ ଏହି ଜଳପଥ ବ୍ୟବହାର ନକରିବାକୁ ପୁଣି

◆◆ପୃଷ୍ଠା ୭


15001/117/2627





## ଦୁର୍ଗାପୂଜା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶାରଦୀୟ ଦୁର୍ଗାପୂଜା ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି।

ମା' ଦୁର୍ଗା ହେଉଛନ୍ତି ମାତୃଶକ୍ତିର ପ୍ରତୀକ। ଦୁର୍ଗାପୂଜା ହେଉଛି ଅଧର୍ମ ଉପରେ ଧର୍ମର ଓ ଅସତ୍ୟ ଉପରେ ସତ୍ୟର ବିଜୟର ପ୍ରତୀକ। ଏହି ସାମୂହିକ ଉତ୍ସବ ସମାଜରେ ଭାଇଚାରା, ଏକତା ଓ ଆତ୍ମୀୟତାକୁ ପ୍ରତିଫଳିତ କରିଥାଏ। ଗାଁରୁ ସହର ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧିଥାଏ। ମା'ଙ୍କ ଧରାବତରଣ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ।

ପବିତ୍ର ଦୁର୍ଗାପୂଜା ଅବସରରେ ଶକ୍ତି ସ୍ୱରୂପିଣୀ ମା' ଦୁର୍ଗାଙ୍କ ଆଶୀର୍ବାଦରେ ସଂସାରରୁ ଦୁଃଖ, ଅନ୍ୟାୟ ଓ ଅଶାନ୍ତି ଦୂର ହୋଇ ଶାନ୍ତି ଓ ସଦ୍‌ଭାବନା ପ୍ରତିଷ୍ଠା ହେଉ, ମା'ଙ୍କ ନିକଟରେ ଏହା ହିଁ ମୋର ପ୍ରାର୍ଥନା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR:15001/15001/2/26-27/0116

# ଭାରତମାଲା ଓ ପୂର୍ତ୍ତ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ: ଦୁର୍ଦ୍ଦଶା ଭୋଗୁଛନ୍ତି ସାଧାରଣ ଜନତା

ଜୟପୁର, ୧୭/୧୦ (ନି.ପ୍ର): ବୋରିଗୁମ୍ମା ଠାରୁ ବି.ସିଂହପୁର ଛକ ଦେଇ ତରାଭଙ୍ଗା ପର୍ଯ୍ୟନ୍ତ ପ୍ରାୟ ୨୨ କି.ମି. ରାସ୍ତା, ଯାହାକି ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧୀନରେ ଥିବା ବେଳେ ଏହାର ରକ୍ଷଣାବେକ୍ଷଣ ଓ ମରାମତି ପ୍ରତି ବିଭାଗର କୌଣସି ଆନ୍ତରିକତା ନ ଥିବା ପରିଲକ୍ଷିତ ହେଉଛି । ଗତ ପ୍ରାୟ ୨ ବର୍ଷ ହେବ ଏହି ରାସ୍ତାର ବାଘଭଦ୍ରା ଓ କେରାପୁଟ ଗ୍ରାମ ମଧ୍ୟରେ ଭାରତ ମାଲା ଓଭର ବ୍ରିଜ୍ ନିକଟରେ ରାସ୍ତା ଦୟନୀୟ ଅବସ୍ଥାରେ ଅଛି ।ଏକାଧିକ ଦୁର୍ଘଟଣା ମଧ ଘଟିଲାଣି ।ଗତ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରାୟ ୯୩୫ ଟି କାମ ୫ ଲକ୍ଷ ଟଙ୍କାରୁ କମ ଅଟକଳ ମୂଲ୍ୟ ରଖି ବିଭିନ୍ନ ମହିଳା ଓ ପୁରୁଷ ଠିକାଦାରଙ୍କୁ ଦିଆଯାଇଛି ।କିନ୍ତୁ ଭାରତ ମାଲା ରାସ୍ତା ଭାରତୀୟ ଜାତୀୟ ରାଜପଥ ସଂସ୍ଥାନ ଦ୍ୱାରା ସମ୍ପନ୍ନ ହେବାକୁ ଥିବାବେଳେ ତାହା ପୂର୍ତ୍ତ ବିଭାଗ ରାସ୍ତାକୁ କେରାପୁଟ ଓ ବାଘଭଦ୍ରା ଗ୍ରାମ ମଧ୍ୟରେ ଅତିକ୍ରମ କରୁଛି ।କିନ୍ତୁ ଏଠାରେ ପ୍ରାୟ ୧୦୦ ମିଟର ରାସ୍ତାରେ କେବଳ ମେଟାଲ ଓ ପଥର ଗୁଣ୍ଡ ବିଛାଇ ପିଚୁ ନ ଢ଼ାଳି ଛାଡି ଦିଆଯାଇଛି । ଫଳ ସ୍ୱରୂପ ଦୈନିକ ହଜାର ହଜାର ଯାନ ବାହନ ଅସୁବିଧାର ସମ୍ମୁଖୀନ ହେବା ସହ ଏକାଧିକ ଦୁର୍ଘଟଣା ମଧ୍ୟ ଘଟିଲାଣି ।ଉକ୍ତ ରାସ୍ତାକୁ ଭାରତମାଳା କର୍ତ୍ତୃପକ୍ଷ କିମ୍ବା ରାସ୍ତା ଓ ଗୃହ ନିର୍ମାଣ ବିଭାଗ କେହି ମଧ ମରାମତି କରୁ ନାହାନ୍ତି ।ତେଣୁ ଦୈନିକ ଶହ ଶହ ଶିକ୍ଷକ, ସରକାରୀ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ସ୍କୁଲ, ଅଙ୍ଗନବାଡି ଛାତ୍ରୀଛାତ୍ର ତଥା ଆମ୍ବୁଲାନ୍ସ ଇତ୍ୟାଦି ଯାତାୟାତ ରେ ଅସୁବିଧା ସୃଷ୍ଟି ହେଉଛି ।

ପ୍ରକାଶ ଥାଉକି, ବୋରିଗୁମ୍ମା ବି.ସିଂହପୁର ରାସ୍ତା କାମ କରିଥିବା ଠିକା ସଂସ୍ଥାର ମେଣ୍ଟେନାନ୍ସ ପିରିଅଡ ସମାପ୍ତ ହୋଇନଥିବା ସତ୍ତ୍ୱେ ନୂତନ ଠିକାଦାରଙ୍କୁ ଛୋଟ ଛୋଟ କାମରେ ବିଭକ୍ତ କରି କରି ଏହି ବିଭାଗରେ ଗତ ୨ ବର୍ଷ ମଧ୍ୟରେ ୯୩୫ଟି ବିଭିନ୍ନ ମରାମତି କାମ ଦିଆଯାଇଛି ।କିନ୍ତୁ ଏହି ସ୍ଥାନର ମରାମତି ପାଇଁ ସଂପୃକ୍ତ ଯନ୍ତ୍ରୀ ମାନେ ନିଜର ବୁଦ୍ଧି ବିବେକ ଖର୍ଚ୍ଚ କରିବାକୁ ଆଗ୍ରହ ପ୍ରକାଶ କରି ନାହାନ୍ତି ।ସୂଚନା ଅଧିକାର ବଳରେ ତଥ୍ୟ ମାଗିଲେ ସୂଚନା ବାବଦ ଖର୍ଚ୍ଚର ୨ ଗୁଣ ଟଙ୍କା ଦାବି କରୁଛନ୍ତି , ଟଙ୍କା ପଇଠ କଲା ପରେ ପୁଣି ଫେରାଉଛନ୍ତି ।ସୂଚନା ପ୍ରମାଣୀକୃତ ନକଲ ନ ଦେଇ ଜେରକ୍ସ କପି ଦେଉଛନ୍ତି । ଫଳରେ ଜନ ସାଧାରଣ ଅଭିଯୋଗ କିମ୍ବା ଆଇନ ଅଦାଲତର ଆଶ୍ରୟ ନେବାରୁ ବଞ୍ଚିତ ହେଉଛନ୍ତି , ଫଳରେ ଜନ ସାଧାରଣଙ୍କ ମନରେ ଆକ୍ରୋଶ ଓ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି ।

# ଶାରଦୀୟ ଦୁର୍ଗାପୂଜା ପାଇଁ ଢେଙ୍କିକୋଟ ଉତ୍ସବ ମୁଖର

କେନ୍ଦୁଝର, ୧୭/୧୦ (ନି.ପ୍ର): ଚଳିତ ବର୍ଷ ଶାରଦୀୟ ଦୁର୍ଗାପୂଜା ପାଇଁ କେନ୍ଦୁଝର ଜିଲ୍ଲାର ଢେଙ୍କିକୋଟ ଟିକିରା ବଜାର ଅଂଚଳ ଉତ୍ସବ ମୁଖର ହୋଇ, ଭକ୍ତିମୟ ପରିବେଶ ହୋଇ ଉଠିଛି। ଦୁଇଟି ମଣ୍ଡପ ରେ ପୂଜା ଅନୁଷ୍ଠିତ ହେଉଛି,ଗତକାଲି ଶ୍ରୀ ଦୁର୍ଗା ପୂଜା କମିଟି ପକ୍ଷରୁ ଢେଙ୍କିକୋଟର ମୁରଲିଧର ସାହୁଙ୍କ ଘର ବାଡ଼ିରୁ ବିଲ୍ୱବରଣ କରାଯାଇଥିବା ବେଳେ ,ଦେବୀ ମଣ୍ଡପ ପକ୍ଷରୁ ଚିତରଂଜନ ସାହୁଙ୍କ ଘରେ ବିଲ୍ୱବରଣ କରାଯାଇଥିଲା । ଆଜି ମହାସପ୍ତମୀ ପୂଜା ମହା ଆଡମ୍ବରରେ ଅନୁଷ୍ଠିତ ହୋଇଛି । ଢେଙ୍କିକୋଟ ଟିକିରା ର ପୁରାତନ ଶ୍ରୀ ଦୁର୍ଗାପୂଜା କମିଟି ଓ ଦେବୀ ମଣ୍ଡପ ପକ୍ଷରୁ ସ୍ୱତନ୍ତ୍ର ସ୍ଥାୟୀ ମଣ୍ଡପ ରେ ଆକର୍ଷଣୀୟ ମୃଣ୍ମୟ ପ୍ରତିମା ଓ ପାର୍ଶ୍ୱ ଦେବାଦେବୀଙ୍କର ସ୍ଥାପନ କରାଯାଇ ଉଭୟ ମଣ୍ଡପ ରେ ଆଜି ମହା ସପ୍ତମୀ ପୂଜା ଚାଲିଥିବା ବେଳେ ରବିବାର ମହାଷ୍ଟମୀ ବ୍ରତ ପୂଜା ପାଇଁ ମହିଳା ଙ୍କ ଭିଡକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଆଜି ଦେବୀ ଆବାହନ, ଷୋଡ଼ଶ ଉପଚାର ପୂଜା, ଚଣ୍ଡୀ ପାଠ ହୋମ ଯଜ୍ଞ ଅନୁଷ୍ଠିତ ହୋଇଛି । ଶ୍ରୀ ଦୁର୍ଗାପୂଜା କମିଟି ପକ୍ଷରୁ ସଭାପତି ସନ୍ତୋଷ କୁମାର ଶତପଥି, ସଂପାଦକ ଅମର ସିଂ, ପିତବାସ ପଟ୍ଟନାୟକ, ଅଜୟ ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା, ପଙ୍କଜ ବେହେରା, ଦୀପକ ବେହେରା, ବିରେନ୍ଦ୍ର ସିନ୍ଧୁ,ଲକ୍ଷ୍ମୀଧର ରଣା ଅନ୍ୟ ସଦସ୍ୟ ମାନଙ୍କ ଉପସ୍ଥିତିରେ କର୍ତା ହଳଧର ବେହେରା ପୂଜକ ସର୍ବଶ୍ରୀ ରବୀନ୍ଦ୍ର ପାଢ଼ୀ, ସଞ୍ଜିତ ପଣ୍ଡା ଓ ଲକ୍ଷ୍ମୀଧର ତ୍ରୀପାଠୀ ପ୍ରମୁଖ ପୂଜା ଦାୟିତ୍ୱରେ ଅଛନ୍ତି । ସେହିପରି ଦେବୀ ମଣ୍ଡପ ପକ୍ଷରୁ କର୍ତା ଗୌରୀଶଙ୍କର ମୁନ୍ଦଡ଼ା ଙ୍କ ଉପସ୍ଥିତିରେ ପୂଜକ ପ୍ରଦୀପ କୁମାର ପଣ୍ଡା ଓ ରାଜୀବ ଲୋଚନ ପଣ୍ଡା ପୂଜା କାର୍ଯ୍ୟ ସମ୍ଭାଳିଛନ୍ତି । ସଭାପତି ଚିତରଂଜନ ସାହୁ , ସଂପାଦକ ଶତ୍ରୁଘ୍ନ ସାହୁ ସଦସ୍ୟ ଲଲାଟେନ୍ଦୁ ସାହୁ, ଗତିକୃଷ୍ଣ ଦଳାଇ, ଶ୍ରୀକାନ୍ତ ସାହୁ , ନିମାଇଁ ବେହେରା, ନାରାୟଣ ବେହେରା, ସ୍ମୃତି ରଞ୍ଜନ ମହାପାତ୍ର, ଅକ୍ଷୟ ମହାନ୍ତ ପ୍ରମୁଖ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି । ଢେ ଙ୍କିକୋଟ ବଜାର ଠାରୁ ଟିକିରା ହାଟ ରାସ୍ତା ଯାଏ ରଙ୍ଗୀନ ଆଲୋକ ମାଳ ରେ ସୁସଜ୍ଜିତ କରାଯାଇଛି, ମନ୍ତ୍ର ଧ୍ୱନୀ ଓ ରେ ପ୍ରକମ୍ପିତ ହୋଇଉଠିଛି ପରିବେଶ ନବମୀ ଓ ଦଶମୀ ରେ ଅନେକ ସାଂସ୍କୃତିକ କାର୍ଯକ୍ରମ ରଖାଯାଇଥିବା ବେଳେ ଉଭୟ ମଣ୍ଡପ ରେ ସମ୍ବର୍ଦ୍ଧନା ସମାରୋହ ବିଜୟା ଦଶମୀରେ ଅନୁଷ୍ଠିତ ହେବ ।

# ସାହିକୁ ନାହିଁ ରାସ୍ତା, ଖଟରେ ବୁହା ହେଉଛନ୍ତି ରୋଗୀ: ନିର୍ବାଚନ ବର୍ଜନ ଚେତାବନୀ

ଚମ୍ପୁଆ, ୧୭/୧୦ (ନି.ପ୍ର): ବିଜ୍ଞାନ ଓ ପ୍ରଗତିର ଯୁଗରେ ବି ଅପହଞ୍ଚ ହୋଇ ରହିଛି ମୌଳିକ ସୁବିଧା। ସାହିକୁ ପ୍ରବେଶ କରିବା ପାଇଁ ରାସ୍ତାଟିଏ ନଥିବା ବେଳେ ଅସୁସ୍ଥ ରୋଗୀଙ୍କୁ ଡାକ୍ତରଖାନା ନେବା ପାଇଁ ଖଟ ହିଁ ସାଜିଛି ଏକମାତ୍ର ସାହାରା। ଏଭଳି ଏକ ଅଭାବନୀୟ ଚିତ୍ର ଦେଖିବାକୁ ମିଳିଛି ଚମ୍ପୁଆ ଏନ୍ଏସି ଅନ୍ତର୍ଗତ ୧ ନମ୍ବର ୱାର୍ଡ ଗୋଧୂଳୀ ଗ୍ରାମର ମାଛଘାଟ ସାହିରେ। ପ୍ରଶାସନର ଏଭଳି ଅଣଦେଖା ପ୍ରତିବାଦରେ ଏବେ ସ୍ଥାନୀୟ ବାସିନ୍ଦା ଆଗାମୀ ଏନ୍ଏସି ନିର୍ବାଚନରେ ସମୂହ ଭୋଟ୍ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି ।ସୂଚନା ଅନୁଯାୟୀ, ମାଛଘାଟ ସାହିରେ ପ୍ରାୟ ୧୮ଟି ପରିବାର ବସବାସ କରନ୍ତି। ଦୀର୍ଘ ଦିନ ଧରି ଏହି ପରିବାରଗୁଡ଼ିକ ଅତି ସାଧାରଣ ଓ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ସାହିକୁ ସଂଯୋଗ କରିବା ପାଇଁ କୌଣସି ପକ୍କା କିମ୍ବା କଞ୍ଚା ରାସ୍ତା ନାହିଁ। ଫଳରେ ଗାଁକୁ ଆମ୍ବୁଲାନ୍ସ କିମ୍ବା ଅନ୍ୟ କୌଣସି ଯାନବାହନ ପ୍ରବେଶ କରିବା ସମ୍ଭବ ହେଉନାହିଁ। କେହି ହଠାତ୍ ଅସୁସ୍ଥ ହେଲେ କିମ୍ବା ଜରୁରୀ ପରିସ୍ଥିତି ଉପୁଜିଲେ, ଗ୍ରାମବାସୀ ବାଧ୍ୟ ହୋଇ ରୋଗୀଙ୍କୁ ଖଟରେ ବୋହି ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଆଣିଥାନ୍ତି। ଖାଲି ସେତିକି ନୁହେଁ, ସାହିର କୋମଳମତି ସ୍କୁଲ ପିଲାମାନେ ପ୍ରତିଦିନ ବିଲ ହୁଡ଼ା ରାସ୍ତା ଦେଇ ବିପଦପୂର୍ଣ୍ଣ ଭାବେ ବିଦ୍ୟାଳୟକୁ ଯାଉଛନ୍ତି। ବର୍ଷା ଦିନେ ଏହି ସମସ୍ୟା ଆହୁରି ଗମ୍ଭୀର ରୂପ ଧାରଣ କରିଥାଏ।ଏହି ଚରମ ଦୁର୍ଦ୍ଦଶାରୁ ମୁକ୍ତି ପାଇବା ପାଇଁ ସାହିବାସୀ ବରିଷ୍ଠ କଂଗ୍ରେସ ନେତା ଗୁରୁବକ୍ସ ସିଂ ଆହ୍ଲୁୱାଲୀଆଙ୍କ ନେତୃତ୍ୱରେ ଚମ୍ପୁଆ ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏକ ଦରଖାସ୍ତ ପ୍ରଦାନ କରିଛନ୍ତି। ନିଜର ଦୁଃଖ ଓ କ୍ଷୋଭ ପ୍ରକାଶ କରିବା ସହ ସେମାନେ ପ୍ରଶାସନକୁ ଚେତାଇ ଦେଇଛନ୍ତି ଯେ, ଯଦି ତୁରନ୍ତ ଏହି ରାସ୍ତା ସମସ୍ୟାର ସ୍ଥାୟୀ ସମାଧାନ କରାନଯାଏ, ତେବେ ଆଗାମୀ ଏନ୍ଏସି ନିର୍ବାଚନରେ ମାଛଘାଟ ସାହିର କୌଣସି ବ୍ୟକ୍ତି ମତଦାନ କରିବେ ନାହିଁ ଏବଂ ସମୂହ ଭାବେ ଭୋଟ୍ ବର୍ଜନ କରାଯିବ।

# କବି ଅଖିଳ ମିଶ୍ରଙ୍କ ନବମ କବିତା ସଂକଳନ 'ଦୂର ପୃଥିବୀ' ଉନ୍ମୋଚିତ

## ସାହିତ୍ୟ ମାନବିକ ଭାବନା ଓ ଅଭିବ୍ୟକ୍ତି ମଧ୍ୟରେ ଏକ ସୃଜନଶୀଳ ସେତୁର ଭୂମିକା ନିର୍ବାହ କରେ



ଭୁବନେଶ୍ୱର, ୧୭/୧୦ (ନି.ପ୍ର): ସାହିତ୍ୟ ମାନବୀୟ ଭାବନା ଓ ଅଭିବ୍ୟକ୍ତି ମଧ୍ୟରେ ଏକ ସୃଜନଶୀଳ ସେତୁର ଭୂମିକା ନିର୍ବାହ କରିଥାଏ। ଏହା ପ୍ରାୟତଃ ଅକୁହା ରହିଯାଉଥିବା ଅନୁଭବକୁ ଶବ୍ଦ ଦେଇଥାଏ। ବିଶେଷ କରି କବିତା ଜୀବନର ସୂକ୍ଷ୍ମତା, ମାନବିକ ଭାବନାର ଗଭୀରତା ଏବଂ ସମୟ ସହ ବଦଳୁଥିବା ବାସ୍ତବତାକୁ ଏକାଠି ସାଉଁଟି ନେଇଥାଏ । ଏହାଦ୍ୱାରା ବ୍ୟକ୍ତିଗତ ଅନୁଭୂତିକୁ ଏକ ବ୍ୟାପକ ସ୍ୱର ମିଳେ । ଶବ୍ଦଗୁଡ଼ିକର ଏହି ଚିରସ୍ଥାୟୀ ଶକ୍ତିକୁ ପରିପ୍ରକାଶ କରୁଥିବା ଏକ ସାରସ୍ୱତ କାର୍ଯ୍ୟକ୍ରମରେ ବିଶିଷ୍ଟ କବି ଶ୍ରୀ ଅଖିଳ କୁମାର ମିଶ୍ରଙ୍କର ନବମ କବିତା ସଂକଳନ 'ଦୂର ପୃଥିବୀ' ଆଜି ଭୁବନେଶ୍ୱରରେ ଉନ୍ମୋଚିତ ହୋଇଛି । ସିଏସଆଇଆର-ଖଣିଜ ଓ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଏମଏମଟି) ପରିସରରେ ଆୟୋଜିତ ଏହି ବର୍ଣ୍ଣାଢ୍ୟ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ । 'ଦୂର ପୃଥିବୀ' ଶୀର୍ଷକ ଏହି କବିତା ସଂକଳନରେ ସ୍ଥାନିତ କବିତାଗୁଡ଼ିକ ବିଚ୍ଛିନ୍ନତା, ବ୍ୟାକୁଳତା ଏବଂ ଆତ୍ମଚିନ୍ତନର ଭାବନା ଉଦ୍ରେକ କରିଥାଏ ଯାହା ପାଠକମାନଙ୍କୁ ସ୍ୱପ୍ନ ଓ ବାସ୍ତବତା ମଧ୍ୟରେ ରହିଥିବା ସୂକ୍ଷ୍ମ ସମ୍ପର୍କକୁ ବୁଝିବା ଲାଗି ଆମନ୍ତ୍ରିତ କରେ । କବି ଶ୍ରୀ ମିଶ୍ର ଖୁବ୍ ସରଳ, ସାବଲୀଳ ଓ ପ୍ରଭାବଶାଳୀ ଢଙ୍ଗରେ କବିତାଗୁଡ଼ିକର ସର୍ଜନା କରିଛନ୍ତି । ଏଥିରେ ସେ ସ୍ମୃତି, ପ୍ରକୃତି, ପ୍ରେମ, ମାନବୀୟ ସମ୍ପର୍କ ଏବଂ ଆଜିର ଜଞ୍ଜାଳଭରା ଜୀବନରେ ଆନ୍ତରିକ ଦ୍ୱନ୍ଦ୍ୱ ଭଳି ପ୍ରସଙ୍ଗକୁ ଉଜାଗର କରିଛନ୍ତି । କବିତାଗୁଡ଼ିକରେ ମଣିଷ ଭିତରେ ଚାପି ହୋଇ ରହିଥିବା ଦୁଃଖ, ଆଶା, ପ୍ରତ୍ୟାଶା ଏବଂ ସ୍ନେହର ବର୍ଣ୍ଣନା ରହିଛି ଯାହା ମାନବୀୟ ଅନୁଭୂତିକୁ ପ୍ରଭାବିତ କରିଥା'ନ୍ତି । ଶ୍ରୀ ମିଶ୍ର ବିଭିନ୍ନ ଭାବନାକୁ ସମ୍ବେଦନଶୀଳ କାବ୍ୟିକ ଚିତ୍ରଣ ମାଧ୍ୟମରେ ଗୁନ୍ଥି ଏପରି ଏକ ଦୁନିଆ ଗଢ଼ିଛନ୍ତି ଯେଉଁଠି ବ୍ୟକ୍ତିଗତ ଆତ୍ମଚିନ୍ତନ ଏକ ବ୍ୟାପକ ସାର୍ବଜନୀନ ଅର୍ଥକୁ ପରିପ୍ରକାଶ କରୁଛି । କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ସିଏସଆଇଆର-ଆଇଏମଏମଟିର ନିର୍ଦ୍ଦେଶକ ଡକ୍ଟର ରାମାନୁଜ ନାରାୟଣ ଭାରତର ବିକାଶକୁ ଆଗେଇ ନେବା ପାଇଁ ମାତୃଭାଷାରେ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ, ସାର୍ଥକ ପ୍ରଗତିର ମୂଳଦୁଆ ନିଜ ଭାଷା ଓ ସାହିତ୍ୟିକ ଅଭିବ୍ୟକ୍ତି ଉପରେ ଆଧାରିତ ହେବା ଉଚିତ୍ । ଶ୍ରୀ ଅଖିଳ କୁମାର ମିଶ୍ରଙ୍କର ନବମ କବିତା ସଂକଳନ 'ଦୂର ପୃଥିବୀ'ର ପ୍ରଶଂସା କରି ସେ କହିଥିଲେ, ଏହି କୃତି କବିଙ୍କର ଜୀବନଯାତ୍ରା, ଅନୁଭୂତି ଏବଂ ଆକାଂକ୍ଷାକୁ ଦର୍ଶାଉଛି । ସାହିତ୍ୟ କେବଳ ଅଭିବ୍ୟକ୍ତି ପର୍ଯ୍ୟନ୍ତ ସୀମିତ ରହିନଥାଏ, ବରଂ ସମାଜ ପାଇଁ ଏକ ସ୍ଥାୟୀ ଐତିହ୍ୟ ପାଲଟିଯାଏ ଯେଉଁଥିରେ ପ୍ରଶଂସା ଓ ସମାଲୋଚନା ଉଭୟ ଏହାର ସୃଜନଶୀଳ ମୂଲ୍ୟରେ ଯୋଗଦାନ ଦେଇଥା'ନ୍ତି । କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ରୂପେ ଯୋଗଦେଇଥିବା ବିଶିଷ୍ଟ କବୟିତ୍ରୀ ଡ. ମନୋରମା ବିଶ୍ୱାଳ ମହାପାତ୍ର 'ଦୂର ପୃଥିବୀ'ରେ ଜୀବନ, ପ୍ରେମ ଓ ମାନବୀୟ ସମ୍ପର୍କର ଚିତ୍ରଣକୁ ପ୍ରଶଂସା କରିଥିଲେ। ସେ କହିଥିଲେ, ଆଞ୍ଚଳିକ ଅନୁଭୂତି ଉପରେ ଆଧାରିତ କବିତା ମଧ ସାର୍ବଜନୀନ ମହତ୍ୱ ବହନ କରିଥାଏ। ଆଜିର ଏହି ଅନିଶ୍ଚିତ ବିଶ୍ୱରେ ସୃଜନଶୀଳତା, କରୁଣା ଏବଂ ମାନବୀୟ ସମ୍ବେଦନଶୀଳତାର ଆବଶ୍ୟକତା ଉପରେ ସେ ଆଲୋକପାତ କରିଥିଲେ । କବି ଡକ୍ଟର ହୃଷୀକେଶ ମଲ୍ଲିକ ଓଡ଼ିଆ ଭାଷାର ସାଂସ୍କୃତିକ ସମୃଦ୍ଧି ଉପରେ ଆଲୋକପାତ କରିବା ସହିତ ଅନୁବାଦ ସମୟରେ ଏହି ଭାଷାର ଅଭିନବ ତତ୍ତ୍ୱ ଏବଂ ସାଂସ୍କୃତିକ ସୂକ୍ଷ୍ମତାକୁ ସୁରକ୍ଷିତ ରଖିବା କେତେ କଠିନ, ସେ ସମ୍ପର୍କରେ ମତପ୍ରକାଶ କରିଥିଲେ । କବିମାନଙ୍କର ଭାବଗତ ସମ୍ବେଦନଶୀଳତା ଉପରେ ମଧ ସେ ବକ୍ତବ୍ୟ ରଖିଥିଲେ । କବିମାନେ ପ୍ରାୟତଃ ନିଜ ଆନ୍ତରିକ ଦୁନିଆର ଗଭୀରତାରେ ବୁଡ଼ି ରହିଥା'ନ୍ତି, ଯାହାଫଳରେ ଲୋକମାନେ ତାଙ୍କୁ ଠିକ୍ ଭାବେ ବୁଝି ପାରିନଥା'ନ୍ତି ବୋଲି ଡକ୍ଟର ମଲ୍ଲିକ କହିଥିଲେ। ଏହି ଅବସରରେ କବି ଅଖିଳ କୁମାର ମିଶ୍ର କବିତାକୁ ଆଶା, ସହନଶୀଳତା ଏବଂ ସାମାଜିକ ପ୍ରତିଫଳନର ଉତ୍ସ ଭାବରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ, ନିର୍ଭୀକ ଅଭିବ୍ୟକ୍ତି ମାଧ୍ୟମରେ ସମାଜର ମୂଳ ଆତ୍ମାକୁ ସାମ୍ନାକୁ ଆଣିବା ହିଁ ହେଉଛି ଜଣେ କବିର ଗୁରୁଦାୟିତ୍ୱ । ଏହି କାର୍ଯ୍ୟକ୍ରମରେ ଉକ୍ତ ସଂକଳନ ଉପରେ ଆଲୋଚନା କରାଯାଇଥିଲା । ଶ୍ରୀ ମିଶ୍ରଙ୍କ ସାହିତ୍ୟିକ ଯାତ୍ରା ଉପରେ କବି ତଥା ଶିକ୍ଷାବିତ୍ ସୌମ୍ୟା ସାରସ୍ୱତା ପଣ୍ଡା ଆଲୋକପାତ କରିଥିଲେ । ଡକ୍ଟର ହିମାଦ୍ରି ତନୟା ମିଶ୍ର 'ଦୂର ପୃଥିବୀ' କବିତା ସଂକଳନର ବିଷୟବସ୍ତୁ ଏବଂ ଏହାର ସାହିତ୍ୟିକ ମହତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। କବି ଡକ୍ଟର ରମଣ ଅଗ୍ରୱାଲ ଏବଂ ଅନ୍ୟ କବିମାନଙ୍କ ଦ୍ୱାରା ସ୍ୱରଚିତ କବିତା ପାଠ କାର୍ଯ୍ୟକ୍ରମକୁ ବେଶ୍ ଜୀବନ୍ତ ଓ ଆକର୍ଷଣୀୟ କରିଥିଲା । ଡକ୍ଟର ପ୍ରଦୀପ କୁମାର ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ନୀଳକଇଁ ପବ୍ଲିକେସନର ପ୍ରକାଶିକା ଡକ୍ଟର ସସ୍ମିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଏହି ସାରସ୍ୱତ ସମାବେଶ ସମାପନ ହୋଇଥିଲା।

# ମା' ଦୁର୍ଗାଙ୍କ ଆବାହନୀରେ ପ୍ରକମ୍ପିତ ଭଦ୍ରକ ସହର: ଏଥର ୨୭ଟି ମେଢ

ଭଦ୍ରକ, ୧୭/୧୦ (ନି.ପ୍ର): ରାଜ୍ୟର ଅନ୍ୟତମ ଶକ୍ତିପୀଠ ଭଦ୍ରକ ଜିଲାର ବିଭିନ୍ନ ଅଂଚଳରେ ପୂଜା ମଣ୍ଡପ ଓ ପୀଠମାନଙ୍କରେ ମା' ଦୁର୍ଗାଙ୍କ ସପ୍ତମୀ ଓ ଅଷ୍ଟମୀ ପୂଜା ଆରମ୍ଭ ହୋଇଛି। ଭଦ୍ରକ ଅଂଚଳରେ ଶାରଦୀୟ ଦୁର୍ଗାପୂଜା ପାଳନ ଦୀର୍ଘବର୍ଷ ଧରି ପରମ୍ପରା କ୍ରମେ ହୋଇଆସୁଅଛି। ବିଶେଷତଃ ବଙ୍ଗୀୟମାନେ ବସବାସ କରୁଥିବା ଏହି ଜିଲାର କେତେକ ପ୍ରମୁଖ ଅଂଚଳରେ ବିଗତ ୨ ଶହ ବର୍ଷ ଧରି ବଙ୍ଗୀୟ ପରମ୍ପରା କ୍ରମେ ଏହା ପାଳିତ ହୋଇଆସୁଥିବା ବିଭିନ୍ନ ପୂଜା କମିଟିର ବହୁ ପୁରୁଣା କର୍ମକର୍ତାମାନେ କହନ୍ତି। ବର୍ଷକୁ ବର୍ଷ ରଙ୍ଗ ବଦଳୁଛି ପାର୍ବଣର। ମୂର୍ତି ମେଢ ସାଜସଜ୍ଜାରେ ବି ପରିବର୍ତନର ରଙ୍ଗ ଲାଗିଛି। ଭଦ୍ରକ ଜିଲାରେ ଶାରଦୀୟ ଦୁର୍ଗାପୂଜା ପାଳନର ପୃଷ୍ଠଭୂମିର ଯଥେଷ୍ଟ ଭୂମିକା ରହିଛି। ବଙ୍ଗୀୟମାନେ ଯେଉଁଠି ବସବାସ କରିଛନ୍ତି, ସେଠାରେ ଶକ୍ତି ସ୍ୱରୂପିଣୀ ଦୁର୍ଗାପୂଜା ଆରମ୍ଭ ହୋଇଛି। ସହରର ବାଉଦପୁର, ଜାନୁଗଞ୍ଜ, ଗାନ୍ଧିପଡିଆ, ସନ୍ଥିଆ, ସଂଗତ, ବାଙ୍କା ବଜାର, ମାଟିଆପାଳରେ କେତେକ ବଙ୍ଗୀୟ ପରିବାରର ନେତୃତ୍ୱରେ ଏହିସବୁ ପୂଜା ଆରମ୍ଭ ହୋଇଥିଲା। କାଳକ୍ରମେ ସହରର ବଙ୍କବାସୁଳୀ, ବାଇପାସ, ଚରମ୍ପା ହାଇସ୍କୁଲ ରୋଡ୍, ପ୍ରାଚୀନଗର, ଏରେଇଁ, ଅପର୍ତିବିନ୍ଧା, ଚନ୍ଦନବଜାର ପ୍ରଭୃତି ସାହି ବସ୍ତି ଓ ମନ୍ଦିର ମାନଙ୍କରେ ଜଗତଜନନୀ ମା'ଙ୍କ ଦୁର୍ଗାପୂଜା କରାଯାଇଛି। ତେବେ ଚଳିତବର୍ଷ ନୂଆମେଢ କେଉଁଠି ହୋଇନାହିଁ। ଭଦ୍ରକ ସହରାଂଚଳରେ ଏଥର ୩ଟି ଥାନା ଅଂଚଳରେ ୨୭ ଟି ମେଢ ଓ ସାରା ଜିଲାରେ ୧୨୯ ଟି ମେଢ ପୂଜା ପାଉଛି।

# କୁଚିଣ୍ଡାରେ ଲାଇସେନ୍ସ ପ୍ରାପ୍ତ ବିଦେଶୀ ମଦ ଦୋକାନ ଗୋଟିଏ: ମାତ୍ର ଶତାଧିକ କାଉଂଟରରେ ଚାଲିଛି ବିକ୍ରି

ସମ୍ବଲପୁର, ୧୭/୧୦ (ନି.ପ୍ର): ରାଜ୍ୟ ସରକାରଙ୍କ ରାଜକୋଷକୁ ସର୍ବାଧିକ ରାଜସ୍ୱ ଅବକାରୀ ବିଭାଗରୁ ହିଁ ସଂଗୃହିତ ହେଉଛି। ଏଥିପାଇଁ ରାଜ୍ୟ ସରକାର ମଦ ବିକ୍ରି ପାଇଁ କଡ଼ା କଟକଣାରେ ତଥା ମୋଟା ଅଙ୍କର ଅର୍ଥ ଜିମା ନେଇ ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷଙ୍କୁ ମଦ ଦୋକାନ ପାଇଁ ଲାଇସେନ୍ସ ପ୍ରଦାନ କରିଥାଆନ୍ତି। ଚଳିତ ଋତୁରେ ସମଗ୍ର ରାଜ୍ୟରେ ସରକାରଙ୍କ ନୂଆନୂଆ ନୀତି ନିୟମରେ ବହୁ ଓଡ଼ିଆ ମଦ ବ୍ୟବସାୟୀ ଲାଇସେନ୍ସ ପାଇବାରେ ହତାଶ ହୋଇ ପଡ଼ିଥିବା ବେଳେ ସର୍ବାଧିକ ଅର୍ଥ ଜିମାକରି ସର୍ବାଧିକ କାଉଂଟର ପାଇଁ ଲାଇସେନ୍ସ ଆବେଦନ କରିଥିବା ବ୍ୟବସାୟୀଙ୍କ ମଧ୍ୟରେ ଅଣ ଓଡିଆ ପଡୋଶୀ ବିହାର ରାଜ୍ୟର ପୋଖତ ମଦବିକ୍ରେତା ମାନେ ରାଜ୍ୟର ବିଭିନ୍ନ କାଉଂଟର ପାଇଁ ଲାଇସେନ୍ସ ପାଇବାରେ ସଫଳ ହୋଇଥିବା ଦେଖାଯାଇଛି। ଅବକାରୀ ବିଭାଗ ମଦ ବିକିବା ପାଇଁ ନିର୍ଦ୍ଦିଷ୍ଟ ନୀତି ନିୟମ ମଧ ଧାର୍ଯ୍ୟ କରିଛନ୍ତି। କେବଳ ଲାଇସେନ୍ସ ପ୍ରାପ୍ତ ବ୍ୟକ୍ତି ହିଁ ନିର୍ଦ୍ଦିଷ୍ଟ କାଉଂଟରରେ ମଦ ବିକ୍ରି କରି ପାରିବ। ମାତ୍ର ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ କୁଚିଣ୍ଡା ଭଳି ଅଂଚଳରେ ଶତାଧିକ ସ୍ଥାନରେ ଖୁଲମ ଖୁଲା ବିଦେଶୀ ମଦ ବିକ୍ରି ହେଉଥିବା ଘଟଣା ସାଧାରଣରେ ଲୋକଙ୍କୁ ଚକିତ କରାଇଛି। ପୁରୁଣା ସରକାର ବଦଳିବା ପରେ ନୂତନ ସରକାର ନୂତନ ନୀତି ନିୟମ ଲାଗୁ କରି ସମଗ୍ର ରାଜ୍ୟରେ ଲାଇସେନ୍ସ ନବୀକରଣ ଓ ନୂଆ ନୂଆ ବ୍ୟବସାୟୀଙ୍କୁ ଲାଇସେନ୍ସ ପ୍ରଦାନ କରିଛନ୍ତି। ତଦନୁସାରେ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକରେ ଏବେ ଜଣେ ନୂତନ ଭାବେ ଲାଇସେନ୍ସ ପାଇଁ ମଦ ବିକ୍ରି କରୁଛନ୍ତି। ମାତ୍ର ଏବେ ଏହି ମଦ କାଉଂଟରକୁ ନେଇ ତୀବ୍ର ଜନ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି। ବିଭିନ୍ନ ସମୟରେ ଏହି ମଦ ଦୋକାନରୁ ୧୮ ବର୍ଷରୁ କମ୍ ବାଳକ ମାନେ ମଦ କିଣୁଥିବା ଦେଖିବାକୁ ମିଳୁଥିବା ବେଳେ ବିଭିନ୍ନ ସମୟରେ ଧାର୍ଯ୍ୟଦର ଠାରୁ ମାତ୍ରାଧିକ ଅର୍ଥ ଶୋଷଣ କରୁଥିବା ନେଇ ଗ୍ରାହକ ଓ ମଦ ବିକ୍ରେତାଙ୍କ ମଧ୍ୟରେ ବଚସା ଓ ହାତ ଉଠାଉଠି ହେବା ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। ସେହିପରି ଲାଇସେନ୍ସ ପ୍ରାପ୍ତ ମଦ ଦୋକାନରେ ମଦ ବିକ୍ରିରେ କୋଣସି ଅସୁବିଧା ନଥିଲେ ମଧ ଏହି ବିଦେଶୀ ମଦ ଦୋକାନରୁ ଶହଶହ ସଂଖ୍ୟାରେ କୁଚିଆ ଏବଂ ରାସ୍ତା ପାର୍ଶ୍ୱରେ ଥିବା ଢ଼ାବା ଗୁଡିକୁ ପର୍ଯ୍ୟାପ୍ତ ପରିମାଣର ମଦ ଚାଲାଣ ହେବା ଘଟଣାକୁ ନେଇ ଏବେ ତୀବ୍ର ଜନ ଅସନ୍ତୋଷ ମୁଣ୍ଡ ଟେକିଛି। ସୁସ୍ଥ ସମାଜ ଗଠନ ପାଇଁ ଗୋଟିଏ ପଟେ ନିଶା ନିବାରଣ ପାଇଁ ଲୋକଙ୍କୁ ସଚେତନ କରାଯାଉଥିବା ବେଳେ କୁଚିଣ୍ଡା ଭଳି ଅଂଚଳ ଓ ଏହାର ଆଖପାଖ ଅନେକ ଗ୍ରାମରେ ଅବାଧରେ ବିଦେଶୀ ମଦ ବିକ୍ରି କରାଯିବା ସମ୍ପ୍ରତି ନିଶା ନିବାରଣ ସଚେତନତା ପ୍ରତି ଶକ୍ତ ଉପହାସ ପାଲଟିଛି। ପ୍ରତ୍ୟେକ ଗାଁ ଗହଳିରେ ନିବ୍ ଗୋଟା ୨୫୦ ଟଙ୍କାରୁ ୨୭୦ ଓ ୩ ଶହ ଟଙ୍କାରେ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି । ଅପରପକ୍ଷରେ କାଉଣ୍ଟରରୁ ଗ୍ରାହକ କିଣିବା ଅପେକ୍ଷା କିଛି କୁଚିଆଙ୍କୁ ହାତବାରିସୀ କରି ବିଭିନ୍ନ ଗାଁ ଗହଳିରେ ମଦ ବିକ୍ରି ପାଇଁ ଲାଇସେନ୍ସ ଧାରୀ ବ୍ୟବସାୟୀ ଜଣଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଉତ୍ସାହିତ କରାଇବା ଅଭିଯୋଗ ହେଉଛି । ଯାହା ଫଳରେ ସମଗ୍ର ସମ୍ବଲପୁର ଜିଲ୍ଲାର ମଦ୍ୟପଙ୍କ ସଂଖ୍ୟା ଅନୁପାତରେ କୁଚିଣ୍ଡା ଓ ଏହାର ଆଖପାଖ ଅଂଚଳ ଏକ କୁଖ୍ୟାତ ମାନ୍ୟତା ହାସଲ କରିବାକୁ ଯାଉଛି। ଏହି ଘଟଣାକୁ ନେଇ କୁଚିଣ୍ଡା ଅଂଚଳର କିଛି ସଚେତନ, ବରିଷ୍ଠ ନାଗରିକ ଓ କିଛି ଗଣମାଧ୍ୟମ ପ୍ରତିନିଧି ସମ୍ବଲପୁର ଜିଲ୍ଲା ଆସିଷ୍ଟାଂଟ ଅବକାରୀ ଅଧିକାରୀ କୈଳାଶ ଦେହୁରୀଙ୍କ ସହ ଯୋଗାଯୋଗ କରି ଘଟଣା ସମ୍ପର୍କରେ ଅଭିଯୋଗ ବାଢ଼ିଥିଲେ। ମାତ୍ର ଦୁର୍ଭାଗ୍ୟ, ଏଦିଗରେ ଅବକାରୀ ଅଧିକାରୀ ଜଣଙ୍କ ତଦନ୍ତ ବା କାର୍ଯ୍ୟାନୁଷ୍ଠାନର କୌଣସି ପ୍ରତିଶ୍ରୁତି ଦେବା ହଠାତ୍ ଉତେଜିତ ହୋଇ ପଡିଥିଲେ। ଏପରିକି 'ଯଦି ଆପଣମାନଙ୍କ ମଧ୍ୟରୁ କେହି ଜଣେ କୁଚିଆ ଦ୍ୱାରା ଓ ଢାବାକୁ ମଦ ଚାଲାଣ ବେଳେ ଧରାଇଦେବ ତେବେ କିଛି କରିହେବ। ଯେତେବେଳେ ମଦ ଚୋରା ଚାଲାଣ ହେଉଥିବ ସେତେବେଳେ ଖବର କଲେ ଆମେ ଘଟଣାର ଯାଂଚ କରିବୁ ବୋଲି ଅତି ତାଚ୍ଛଲ୍ୟ ମୁଦ୍ରାରେ କହିଥିବା ଅଭିଯୋଗ ହୋଇଛି। ଅଭିଯୋଗକାରୀ ମାନେ କହିଛନ୍ତି ବେଆଇନ ମଦ ଚୋରା କାରବାରରେ ମୋଟା ଅଙ୍କର କମିଶନୀ ମିଳୁଥିବା ଯୋଗୁଁ ବହୁ ଅସାମାଜିକ ଓ ଅପରାଧୀ ଗୋଷ୍ଠୀର ଯୁବକ ମାନେ ଏଥିରେ ସମ୍ପୃକ୍ତ ରହୁଛନ୍ତି। ଆମେ ଅବକାରୀ ବିଭାଗର ଜଣେ ସଚ୍ଚୋଟ ଅଧିକାରୀ ଭାବେ କୈଳାଶ ଦେହୁରୀଙ୍କ ନିକଟରେ କାର୍ଯ୍ୟାନୁଷ୍ଠାନ ପାଇଁ ଦୃଷ୍ଟି ଆକର୍ଷଣ କରାଇଥିଲୁ। ମାତ୍ର ଅଧିକାରୀ ଜଣଙ୍କ ଚୋରା ମଦ କାରବାର ରୋକିବା ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତେ ଇଙ୍ଗିତରେ ଏଭଳି ଅଭିଯୋଗରୁ ଦୂରେଇ ରହିବା ପାଇଁ ଯେଉ ପରୋକ୍ଷରେ ସୂଚିତ କରାଇଛନ୍ତି ତାହା ସମଗ୍ର କୁଚିଣ୍ଡା ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏଦିଗରେ ଜିଲ୍ଲା ଅବକାରୀ ବିଭାଗ କୌଣସି ତଦନ୍ତ ବା କାର୍ଯ୍ୟାନୁଷ୍ଠାନ ଗହଣ ନକଲେ ଆଗାମୀ ଦିନରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ସହ ଆବଶ୍ୟକତା ପଡ଼ିଲେ ଜନ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଚେତାବନୀ ଦେଇଛନ୍ତି।

# ପୂର୍ବଛାତ୍ର ଏକତ୍ରୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର, ୧୭/୧୦ (ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶାରଦା ବିହାର, ଜୟପୁରଠାରେ ପ୍ରଧାନାଚାର୍ଯ୍ୟ ଶ୍ରୀଯୁକ୍ତ ସତ୍ୟନାରାୟଣ ସେଠୀଙ୍କ ଅଧ୍ୟକ୍ଷତାରେ ପୂର୍ବଛାତ୍ର ଏକତ୍ରୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ପୂର୍ବତନ ପ୍ରଧାନ ଶିକ୍ଷକ ତଥା ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀଯୁକ୍ତ ସୁରେନ୍ଦ୍ର କୁମାର ପଟ୍ଟନାୟକ ଏବଂ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଶିଷ୍ଟ ସମାଜସେବୀ ଶ୍ରୀ କୃଷ୍ଣ କେଶବ ଷଡ଼ଙ୍ଗୀ, ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ପଣ୍ଡା, ପୂର୍ବଛାତ୍ର ସଂସଦର ସଂପାଦକ ଶ୍ରୀଯୁକ୍ତ କେ. ସୁନୀଲ୍ କୁମାର ରାଓ ଉପସ୍ଥିତ ଥିଲେ । ଶିଶୁ ଭଉଣୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଶ୍ରୀଯୁକ୍ତ ପଟ୍ଟନାୟକ ମାଆ ସରସ୍ୱତୀଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରି ସମସ୍ତଙ୍କ ଶୁଭ କାମନା କରିବା ସହିତ ନିଜର ବୌଦ୍ଧିକରେ ବିକଶିତ ଭାରତ ଗଠନରେ ଯୁବ ପିଢୀର ଭୂମିକା ଏବଂ ପୂର୍ବତନ ଛାତ୍ରଛାତ୍ରୀଙ୍କର ନିଜର ବିଦ୍ୟାଳୟ ପ୍ରତି ସଦଭାବନା ରହିବାର ଆବଶ୍ୟକତା ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ । ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ପ୍ରଧାନାଚାର୍ଯ୍ୟ ପୂର୍ବତନ ଛାତ୍ରଛାତ୍ରୀଙ୍କ ନିକଟରେ ଉପସ୍ଥାପନା କରିଥିଲେ । କାର୍ଯ୍ୟକ୍ରମରେ ୪୭ ଜଣ ପୂର୍ବତନ ଛାତ୍ରଛାତ୍ରୀ ଉପସ୍ଥିତ ରହିବା ସହିତ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମୟର ଏବଂ ବର୍ତ୍ତମାନ ସମୟର ଅନୁଭୂତି ବିଷୟରେ ନିଜର ମତାମତ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ମହାପାତ୍ର ଏବଂ କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିବା ପାଇଁ ସମସ୍ତ ଗୁରୁଜୀ ଗୁରୁମା ଏବଂ ଅନ୍ୟାନ୍ୟ ସେବାବ୍ରତୀ ସଂପୂର୍ଣ୍ଣ ସହଯୋଗ କରିଥିଲେ ।

# କ୍ଷେତମଜଦୂର ନେତା ସୁରେନ୍ଦ୍ର ନାୟକଙ୍କ ସ୍ମୃତିଚାରଣ ସଭା

ଭଦ୍ରକ, ୧୭/୧୦ (ନି.ପ୍ର): ଓଡିଶା କ୍ଷେତ ଓ ଗ୍ରାମୀଣ ମଜଦୂର ୟୁନିୟନ ଭଦ୍ରକ ଜିଲ୍ଲା ଉପସଭାପତି, ଭଦ୍ରକ ଜିଲ୍ଲାର ବିଶିଷ୍ଟ କ୍ଷେତମଜଦୂର ନେତା ସୁରେନ୍ଦ୍ର ନାୟକଙ୍କ ସ୍ମୃତି ଚାରଣ ସଭା ଗେଲଟୁଆ ପଂଚାୟତ ଅନ୍ତର୍ଗତ କୁଆପଦା ଗ୍ରାମରେ କ୍ଷେତମଜଦୂର ୟୁନିୟନ ଭଦ୍ରକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତି ଚାରଣ ସଭାରେ ସିପିଆଇ(ଏମ) ଭଦ୍ରକ ଆଂଚଳିକ କମିଟି ସଂପାଦକ ରାଧାନାଥ ଦାସ, ଓଡିଶା କୃଷକ ସଭା ରାଜ୍ୟ ଯୁଗ୍ମ ସଂପାଦକ ବିକାଶ ନାଥ, ଭଦ୍ରକ ପୌରପାଳିକା ଅଧ୍ୟକ୍ଷା ଗୁଲମକ୍କି ଦଲୱାଜି ହବିବ୍, ବିଜୁ ଜନତା ଦଳ ଯୁବ ନେତା ନାସିରୁଦ୍ଦିନ ଖାନ୍, ଓଡିଶା କ୍ଷେତ ଓ ଗ୍ରାମୀଣ ମଜଦୁର ୟୁନିୟନ ଜିଲ୍ଲା ସଂପାଦକ ଗିରିଧାରୀ ନାଥ, ଆଇନଜୀବୀ ପାର୍ଥସାରଥି ପଣ୍ଡା, ବିନୋଦ ସାହୁ, ଯୁବନେତା ସଂଗ୍ରାମ ଦାସ, ଓଡିଶା ଜୀବିକା ମିଶନ ସଂଗଠକ ରଘୁନାଥ ପ୍ରହାଣ, ସନାତନ ପଣ୍ଡା,ଶୀର୍ଷାନନ୍ଦ ମହାପାତ୍ର, ମୃତ୍ୟୁଞ୍ଜୟ ଧୂପାଳ, କୃଷିମିତ୍ର ଦୀପକ ମଲ୍ଲିକ, ଆଇନଜୀବୀ ବିଜୟ ରାଉତ, ଆଇନଜୀବୀ ସଞ୍ଜୟ ନାୟକ, ମୋହନ ଚରଣ ଜେନା, ରଙ୍ଗାଧର ଚିନାରା, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ପ୍ରୟାତ ଜନନେତା ସୁରେନ୍ଦ୍ର ନାୟକଙ୍କ ଜୀବନୀ ଓ ଆଦର୍ଶ ସଂପର୍କରେ ଆଲୋଚନା କରିଥିଲେ ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୮ ଅକ୍ଟୋବର ୨୦୨୬
email :
rabibarachayan2015@gmail.com





.......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର




## ବୁଦ୍ଧ କାହାଣୀ

ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ **'ବୁଦ୍ଧ କାହାଣୀ'** ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**



### ୪୭ ରାଜା ପସେନାଦି କୋଶଳ (ଭାଗ ୨)

ଦିନେ ସନ୍ଧ୍ୟାରେ, ଯେତେବେଳେ ରାଜା କୋଶଳ ବୁଦ୍ଧଙ୍କ ସହ କଥା ହେଉଥିଲେ; ସେହି ରାସ୍ତାରେ ଜଟାଜୁଟଧାରୀ, ଲୋମଶ ଶରୀର ଏବଂ ଲମ୍ୱା ନଖ ଯୁକ୍ତ ଦଳେ ତପସ୍ୱୀ ଯାଉଥିଲେ। ସେମାନେ ମୁଣ୍ଡ ତଳକୁ କରି ଧୀରେଧୀରେ ଚାଲୁଥିଲେ। ରାଜା ସଙ୍ଗେସଙ୍ଗେ ଉଠିଆସି ଆଣ୍ଠୁମାଡ଼ି ସେମାନଙ୍କୁ ପ୍ରଣାମ କଲେ ଏବଂ ତିନିଥର ନିଜ ନାମ ଉଚ୍ଚାରଣ କଲେ।

ରାଜା ବୁଦ୍ଧଙ୍କ ପାଖକୁ ଫେରି ଆସିଲେ ଏବଂ କହିଲେ, "ହେ ପ୍ରଭୁ, ଏହି ତପସ୍ୱୀମାନଙ୍କ ମଧ୍ୟରେ କିଛି ସନ୍ଥ ଥିଲେ। ଦେଖନ୍ତୁ ସେମାନେ କେତେ ନମ୍ର ହୋଇ ମଥାନତ କରି ଚାଲୁଥିଲେ।" ବୁଦ୍ଧ ତାଙ୍କ ଦିବ୍ୟ ଆଖିରେ ଦେଖିଲେ ଯେ ସେହି ଲୋକମାନେ ସନ୍ଥ ନୁହଁନ୍ତି, ବରଂ ଗୁପ୍ତଚର ଥିଲେ ଯାହାଙ୍କୁ ସୂଚନା ସଂଗ୍ରହ କରିବା ନିମନ୍ତେ ପଠାଯାଇଥିଲା।

ବୁଦ୍ଧ କହିଲେ, "ମହାରାଜ, କେବଳ ବାହାର ରୂପରୁ ଆପଣଙ୍କ ପରି ସୁଖମୟ ଜୀବନ ଜୀଉଁଥିବା ବ୍ୟକ୍ତିଙ୍କ ନିମନ୍ତେ ଅନ୍ୟବ୍ୟକ୍ତିର ପ୍ରକୃତ ସ୍ୱରୂପ ଜାଣିବା ସମ୍ଭବ ନୁହେଁ। ଯଦି ଆମେ କୌଣସି ବ୍ୟକ୍ତିର ପ୍ରକୃତ ସ୍ୱରୂପ, ତା'ର ଭଲ ଓ ମନ୍ଦ ଗୁଣଗୁଡ଼ିକୁ ବୁଝିବାକୁ ଚାହୁଁ; ତେବେ ଆମକୁ କିଛି ସମୟ ପାଇଁ ତାଙ୍କ ସହିତ ସମ୍ପର୍କ ରଖିବାକୁ ପଡ଼ିବ। ଆମକୁ ଜ୍ଞାନୀ ଓ ତୀକ୍ଷ୍ଣ ମନଯୁକ୍ତ ହେବାକୁ ପଡ଼ିବ।"



"ଆମେ ଜଣେ ବ୍ୟକ୍ତିଙ୍କ ସହ କଥାବାର୍ତ୍ତା କରି ତାଙ୍କ ପବିତ୍ରତା ଜାଣିପାରିବା, ବିପତ୍ତି ସମୟରେ ତାଙ୍କର ସାହସକୁ ପର୍ଯ୍ୟବେକ୍ଷଣ କରିପାରିବା ଏବଂ ଆଲୋଚନା ସମୟରେ ତାଙ୍କର ଜ୍ଞାନକୁ ବୁଝିପାରିବା। ହେ ମହାରାଜ, ମନ୍ଦବ୍ୟକ୍ତିମାନେ କେବେକେବେ ଭଲ ହେବାର ଅଭିନୟ କରନ୍ତି ଏବଂ ସେମାନଙ୍କର ନୈତିକ ସ୍ତରର ଅବସ୍ଥା ବିଚାର କରିବା ଆପଣଙ୍କ ପାଇଁ କଷ୍ଟକର।"

ରାଜା ପସେନାଦି କୋଶଳ ତାଙ୍କ ଭଣଜା ରାଜା ଅଜାତଶତ୍ରୁଙ୍କ ସହ ଅନେକ ଯୁଦ୍ଧ କରିଥିଲେ। ସେ ଥରେ ପରାସ୍ତ ହୋଇଥିଲେ ଏବଂ ଅନ୍ୟ ଥର ବିଜୟୀ ହୋଇଥିଲେ। (କ୍ରମଶଃ)


♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮


## ମିନିଗଳ୍ପ-୨୬

### ମାମଲା (ଯ)

**ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ**



ସେ ଚଢ଼ିଲେନି ଗଛ। ବୁଣିଲେନି ଛାପା, ବିଞ୍ଚଣା। କାଟିଲେନି ତାଳସଜ। ସେ ସେସମୟରେ ମୁକରିର ହେଲେ ସରକାରୀ ଚାକିରୀରେ। ଅର୍ଦ୍ଧସାମରିକ ବାହିନୀରେ। ବାରି ହେଇ ପଡିଲେ ଏଇଥିପାଇଁ।

ସେ ଚାଲନ୍ତି ହଲିଝୁଲି। ତେଣୁ, ବାପ ମା 'ନାଁ' ଦେଲେ 'ଝୁଲିଆ'। ସେ ଫେରନ୍ତି ଯେତେବେଳେ ହାତ ହଲାଇ, ଗାଁ'ଲୋକେ ଉପଭୋଗ କରନ୍ତି। କହନ୍ତି :ରଜା ଚାଲି।

ଠାଣି, ମାଣି, କଥା, ଲଥା ସବୁଥିରେ ଭିନ୍ନତା ଥାଏ ତାଙ୍କର। କଥା ମଝିରୁ ଫସଫାସ୍ ଇଂରାଜୀ ବାହାରେ। ସବୁବେଳେ ସୁଟବୁଟ। ଯେମିତି ପରୋପକାରୀ, ସେମିତି ମାମଲତକାରୀ। କଥାରେ ଦବେଇ ଦେବେ ଭରା ପଞ୍ଚାୟତ।

ଥାନପତି ଠେଇଁ ପାଲା ହବ, ଡାକ ଝୁଲିଆଇକୁ। ରଥ ବିଦ୍ୟାପୀଠର ପରିଚାଳନା ସମିତି ଗଢା ହବ। ଡାକ ଝୁଲିଆଇକୁ। ନାଥସାଇ, ଚମାରସାହି, ମଳିକ ସାହି ସବୁଠି ଆଧିପତ୍ୟ ଝୁଲିଆଇର।

ପୁଅକୁ ସାର୍ ପଚାରିବେ : ହ୍ୱାଟ୍ ଇଜ୍ ଇଓର୍ ଫାଦର୍ ?

ପୁଅ ଗମ୍ଭୀର ହୋଇ ଉତ୍ତର ଦବ: ମାଇଁ ଫାଦର ଇଜ୍ ଏ ଗଭମେଣ୍ଟ ସରଭାଣ୍ଟ୍।

ଚମତ୍କାର ଉତ୍ତର। ସାର୍ ସାବାସି ଦେବେ।

ପୁଅ ପାଠ ପଢି ବଡ଼ ଚାକିରୀ କଲା। ଭୁବନେଶରରେ ରହିଲା। ଝୁଲିଆଇ ଅବସର ନେଲା। ଗାଁ'ରେ ରହିଲା। କଳିନିଶାପ, ଧର୍ମକାର୍ଯ୍ୟ, ରାଜନୀତି, ସାମାଜିକ ଉତ୍ସବରେ ପୂରିଲା। ଦଳେ ଚେହିଲେ: ଝୁଲିଆଇ ଠିଆ ହୁଅ ସରପଞ୍ଚରେ। ଉହୁଁକୁ ଥେଲା। ବସି ଗଲା। କହିଲା: ନାଇଁ ତମେ ଠିଆ ହୁଅ ପିଲେ। ମୁଁ ତମକୁ ବାଟ ଦେଖେଇବି।

ଗାଁ'ପାନ ଦୋକାନରେ ସକାଳେ ସଞ୍ଜେ ସଭିଙ୍କ ଗହଣରେ ବସିଥାଏ ଝୁଲିଆଇ। ଦେଶବିଦେଶ, ଢେଙ୍କାନାଳରୁ ଡିଙ୍କିଶାଳ ଯାଏ ଆଲୋଚନା କରେ ଝୁଲିଆଇ। ଗୋସାଇଁପୁଅକୁ ଦେଖିଲେ ଚମ୍ପାଫୁଲିଆ ହସ ହସି ପଚାରେ: ଭୁବନେଶ୍ୱରରେ ଅଛ ପା। ପଦ ସହ ଦେଖା ହୁଏ ?

ଗୋସାଇଁ ପୁଅ ଜୁହାରେ। ଭଲମନ୍ଦ ପଚାରେ।

ଥରେ ଧାନକଟା ପରେ ରଜକୁ କବାଡି ପ୍ରତିଯୋଗିତାର ଆୟୋଜନ କଲେ ଗୋସାଇଁପୁଅ। ସମସ୍ତେ ସହଯୋଗ କଲେ ଅଣ୍ଟା ଭିଡି। ଝୁଲିଆଇ କହିଲା : ମୁଁ ଖେଳିବି। ଲୋକେ ତାଟକା। ବୟସ ପଚସ୍ତରୀ ଟପିଲାଣି। ଏ କଣ ପାରିବେ।

ସମସ୍ତଙ୍କୁ ଚକିତ କରି ଲମ୍ୱା ରାହା ଧରି ଝୁଲିଆଇ ଖେଦିଲା ପଡିଆ କିଆରୀ। ଛକିଲା ଗୋଡ। ପାଞ୍ଚଜଣଙ୍କ ପଞ୍ଝାରୁ ଖସି ଆସିଲା ଶତ୍ରୁ ଗଡକୁ ପରାଜିତ କରି।

ମୁହଁରେ ଦର୍ପିତଠାଣି। ବେଖାତିରରେ ଅନଉଥାଏ ଝୁଲିଆଇ। ଜଗତକୁ ଫୁତ୍କାର କରୁଥାଏ।

ଝୁଲିଆଇ ନେବ ସରିକି ଗଜାଟୋକା। ମଝିରେ ଯାଆନ୍ତି ପୁଅପାଖକୁ । ପୁଣି ଫେରି ଆସନ୍ତି ଭିଟାମାଟି। ଥାନପତି ପାଲାମଣ୍ଡପରେ ବସି ହେଉଡି ମାରନ୍ତି। ସଭିଙ୍କୁ ଭଲମନ୍ଦ ପଚାରନ୍ତି।

ଶୁଣୁଶୁଣୁ ନଗଦରେ ଆଖି ବୁଜିଦେଲେ ଝୁଲିଆଇ। ତା'ଦୋକାନକୁ ସକାଳ ଆଠରେ ଯାଉଯାଉ ପଡିଗଲେ ଅଧାବାଟିଆ। ଆଉ ଫେରିଲାନି ନିଃଶ୍ୱାସ।

ଯୋଗୀଦଣ୍ଡା ସାରା ଉଚ୍ଛୁଳି ଉଠୁଥାଏ ଦୀର୍ଘଶ୍ୱାସ।

॥ ମାମଲା ଖଲାସ ॥


♥ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ, (ମୋ) ୯୭୭୬୫୪୬୧୩୦


## କବିତା।

### ॥ ଦେବୀ ॥

**ଶରତ କୁମାର ଦାସ**



ଦେବୀ
ଗଢି ହୋଇ ନ ଥାଆନ୍ତି
ପଥର କି ମାଟି ଛାଞ୍ଚରେ
କି ତାଙ୍କ ପ୍ରତିମାରେ ରଙ୍ଗ ତୂଳୀ ମାଖି
ଚକ୍ଷୁ ଦାନ କରି ନଥାଏ ଶିଳ୍ପୀ
ସେ ସ୍ୱଇଚ୍ଛାରେ ଗଢି ହୋଇ ନିଜସ୍ୱ ଶୈଳୀରେ
ବିରାଜନ୍ତି ପୂଜା ମଣ୍ଡପରେ
ଭିନ୍ନ ଭିନ୍ନ ମୁଦ୍ରାରେ ।

ସେ ଦର୍ଶନ ଦବା ପୂର୍ବରୁ
ପୁଣ୍ୟାତ୍ମା ମାନେ ସ୍ୱାଗତ କରନ୍ତି
ଆବାହନ ସଙ୍ଗୀତ ଗାଇ
ଅବିଳମ୍ବେ ପାପିଷ୍ଠଙ୍କ ଦୌରାତ୍ମ୍ୟରୁ
ମାଟି ମା'ର ରକ୍ଷା କବଚ ସାଜି
ପୁନଶ୍ଚ ସେ ସ୍ୱର୍ଗାରୋହଣ କରନ୍ତି
ନିଭୃତ ମୁଦ୍ରାରେ ।

ଆମେ
ମୂର୍ଖ ମାନବ, ଭାବୁଥାଉ ତାଙ୍କୁ ଗଢିଛୁ
କୌଶଳତାର ସହ ନିଜ ହାତରେ
କାରୁକାର୍ଯ୍ୟଭରା ନିଅନ ଆଲୁଅରେ
ତାଙ୍କୁ ସଜେଇଛୁ
ଶଙ୍ଖ, ବାଜା, ଆତସବାଜିର ଥାଟମାଟରେ
ବିସର୍ଜନ କରିଛୁ ମହାଆଡମ୍ବରେ

କିନ୍ତୁ ବାସ୍ତବରେ
ମର୍ତ୍ତ୍ୟରେ ଧର୍ମସଂସ୍ଥାପନା ପାଇଁ
ଅନେକ ପୂର୍ବରୁ ସ୍ଥିରିକୃତ ହୋଇସାରିଥାଏ
ଦେବୀଙ୍କ ଆବାହନ ଓ ବିସର୍ଜନର ପ୍ରକ୍ରିୟା
ଗର୍ଭ ଗୃହରେ, ସମସ୍ତଙ୍କ ଅଲକ୍ଷ୍ୟରେ

ଆମେ ଯାହା ତୁଚ୍ଛାଟାରେ
ଦେବୀଙ୍କ ଖାସ ଭକ୍ତ ବୋଲି ଗୁରାଳି କରୁ
ପାର୍ବଣକୁ ନେଇ ମଉଜ ମସ୍ତି ହଉ
ବିନା କାରଣରେ ।


♥ ପାଲୁର ବଙ୍ଗଳା, ଘର ନମ୍ବର.. ୨୬
ବ୍ରହ୍ମପୁର
(ମୋ) ୯୮୬୧୪୦୨୪୭୩


### ॥ ଦେବୀ-୨ ॥

**ପ୍ରବାସିନୀ ମହାକୁଡ଼**



ତୁମେ ସେଇ ପ୍ରତୀକ୍ଷା ଦେବୀ !
ଯା' ପ୍ରତୀକ୍ଷାରେ ବିତିଯାଏ ମୋର
ଦିନରାତି ଆଉ ଅଗଣିତ ସ୍ୱପ୍ନ ।

ତୁମେ କେବଳ ଆବାହନ
କି ବିସର୍ଜନରେ ନଥାଅ
ତୁମେ ସର୍ବକାଳରେ
ସର୍ବବ୍ୟାପୀ ଚିରସ୍ଥାୟୀ ଏକ ଅସ୍ମିତା
ଭଲ ପାଇଁ ମନ୍ଦ ପାଇଁ
ଭଲମନ୍ଦର ଉର୍ଦ୍ଧ୍ୱରେ ତୁମେ
ଏମିତି ଏକ ଶ୍ରଦ୍ଧା
ଯା' ପାଖରେ ନଇଁଯାଏ
ନିଷ୍ଠୁର ମଣିଷର ମଥା ।

ତୁମେ ପ୍ରତୀକ୍ଷାର ଦେବୀ
ତୁମ ପ୍ରତୀକ୍ଷାରେ ଥାଏ ଏଇ ମୋର
ଭୀରୁ ଦେହ ଆଉ ସେ ଦେହର ପ୍ରାର୍ଥନା
ଯେଉଁ ପ୍ରାର୍ଥନାରେ ନଥାଏ କୌଣସି ଚାହିଁବା
କୌଣସି ଇଚ୍ଛା ଅଭିଳାଷ
ଥାଏ ତ ତୁମକୁ ଅନୁଭବ କରିବାର
କିଛିକିଛି ସୂତ୍ର
ଯେମିତି ନଦୀକୂଳର କାଶଫୁଲ
ନିର୍ମଳ ଆକାଶ
ସେଫାଳି ଫୁଲର ବାସ୍ନାରେ
ସମ୍ମୋହିତ ମୋର ସ୍ମୃତି ।

ଏବର୍ଷର ଏତେ ଘଟଣା ଦୁର୍ଘଟଣା
ପ୍ରତିଟି ହୃଦୟକୁ
ଦୁଃଖଶୋକରେ ବୁଡ଼େଇ ଦେଇଚି
ଏ ବର୍ଷର କ୍ଷତର ପୂର୍ତ୍ତି ନାଇଁ ଦେବୀ
ଗୋଟିଏ କଥା ଜାଣିଛି
ତୁମ ଶକ୍ତିର ପ୍ରତୀକ୍ଷାରେ
ମୁଁ ପ୍ରତୀକ୍ଷାରତ।


♥ ପ୍ରଶାନ୍ତି କୁଟୀର, ଷ୍ଟେସନ ବଜାର,
ଢେଙ୍କାନାଳ


### ପାଉଁଜିର ପାଣ୍ଡୁଲିପି-୩୭

**ବିପିନ ମହାନ୍ତି**

### ହଜେ ମୋ' ଗାଆଁର ନିଦ



ତୁମରି ଗାଆଁରେ ସୁରୂଯ ଉଇଁଲେ ମୋ' ଗାଆଁରେ ପଡ଼େ ଖରା
ତୁମ ଆକାଶରେ ଚାନ୍ଦ ହସିଦେଲେ ଜୋଛନା ମୋ' ଗାଆଁସାରା
ତୁମରି ଗାଆଁର ଡୋଟାମାଳେ ବସି କୋଇଲି ଗାଇଲେ ସୁରେ
ମୋ' ଗାଆଁର ଯେତେ ଆମ୍ବଡାଳେ ସବୁ ପହିଲି ବଉଳ ଧରେ।

ତୁମ ଗାଆଁ ଛାତିରେ ବହଳ ରାତିରେ ନିଦ ଯେବେ ଯାଏ ଲୋଟି
ମୋ' ଗାଆଁ ଆଖିରେ ବିରହର ଫୁଲ ସପନରେ ଯାଏ ଫୁଟି
ମୋ' ଗାଆଁର ଯେତେ ଅନ୍ଧମହୁମାଛି ତୁମ ଗାଆଁ ଅନ୍ଧାର ଖୋଜେ
ତୁମ ଗାଆଁ ଅନ୍ଧାର ଭାରି ଆପଣାର ମୋ' ଗାଆଁ ପ୍ରେମରେ ଭିଜେ।

ସକାଳର ତୁଠେ ବସି ନଦୀଘାଟେ ମାଜ ଯେବେ ତୁମେ ପାଦ
ତୁମ ପାଉଁଜିର ରୁଣୁଝୁଣୁ ସୁରେ ହଜେ ମୋ' ଗାଆଁର ନିଦ
ହଳଦୀମଖା ସେ' ତୁମ ଗୋରାଦେହେ ଡୋରା ଦିଶେ ନଈତୁଠ
ସୁନା ସୋରିଷିଆ ମୋ' ଗାଆଁ ସୂରୁଯ ଓଗାଳେ ତୁମର ବାଟ।

ଓଦା ସରସର ଦେହେ ଜଡ଼ିଥିବା ତୁମ ଝିନବାସ ତଳୁ
କେମିତି ହଜିବ ମୋ' ଗାଆଁ ଚଇତ ଦୁଷ୍ଟଆଖି ଆଢୁଆଳୁ।


♥ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧


### ॥ ଏକପଦୀ ॥

**ଡ. ରଜନୀ ରଂଜନ**



ଯେତିକି ଭାବୁଚି ଭୁଲିବି ତମକୁ
ସେତିକି ପଡୁଚ ମନେ
ଭଲପାଅବୋଲି ମନଖୋଲି ପଦେ
କହିତ ନଥିଲ ଦିନେ ,
ଭାବୁଚି ଏବେ ମୁଁ ମରଣଟା ଭଲ
ଦହନଠୁ ଶତଗୁଣେ ।


♥ ବାଳକାଟୀ, ଖୋର୍ଦ୍ଧା (ମୋ)୯୩୩୭୨୬୧୦୭୫


### ॥ ଛୁଇଁ ଦେଇ ଆସନ୍ତି ମୁଁ ॥

**ଯୋଗେଶ ଦାସ**



ଛୁଇଁ ଦେଇ
ଆସନ୍ତି ମୁଁ ଥରେ
ମେ' ଗାଆଁ ମୋ' ମାଟି
ମୋ ପାଣି ପବନ,
ହିଡରେ ତା ନାଚୁଥିବା
ଢଳିଢଳି କାଶତଣ୍ଡିଫୁଲ
ହସକୁରୀ ଝିଅପରି
ହସୁଥିବା ମୋ ଗାଆଁର
ନଦୀ ବିଲ ବନ।

ଛୁଇଁ ଦେଇ ଆସନ୍ତି ମୁଁ
କାକଳୀ ଉଚ୍ଛୁଳା ତା'ର
ଶାରଦୀୟ ନରମ ସକାଳ,
ଜୀବନର ଗୀତ ଗାଉଥିବା
ବୁଦିକିଆ ଧାନଗଛ
କେତେ ଶାଖା ପ୍ରଶାଖାରେ
ସବୁଜ ଶ୍ୟାମଳ ।

ସବୁଜ ତା' ଧାନ ବିଲ
ଶଙ୍ଖ ଚିଲ ଗେଣ୍ଡାଳିଆ
ସୁନାବଣି ଚଢେଇର କିଚିରିମିଚିରି
ହାଟଟିଏ ବସିଛି ଯେମିତି,
ଝାଙ୍କଝାଙ୍କ ଆଙ୍କକୋଳି
ଅଣ୍ଟାରେ ଗାମୁଛା ବାନ୍ଧି
ତୋଳୁଥାନ୍ତି ମୁହିଁ
ସାଙ୍ଗ ସୁଖେ ମାତି।

ଛୁଇଁ ଦେଇ ଆସନ୍ତି ମୁଁ
ମୋ ଗାଆଁ ଅଶିଣର ଖରା,
ଆସିଥାନ୍ତି ଟିକେ ଛୁଇଁ
ନୀଳାକାଶେ ତା'ର
ତୁଳା ପରି ସାରିସାରି
ମେଘର ପସରା ।

ଛୁଇଁ ଦେଇ ଆସିଥାନ୍ତି
ମୋ ପ୍ରିୟ ସୁବର୍ଣ୍ଣରେଖା
ଛଳଛଳ ହୃଦୟ ତା'କାଚକେନ୍ଦୁ ପାଣି
କୁଞ୍ଚିକୁଞ୍ଚି ଲହରୀ ତା'
ନାଲିମାରେ ଭରା
ତା ପଶ୍ଚିମ ଆକାଶରେ
ଚିତ୍ରମୟ ସୁନାର ଗୋଧୂଳି।

ସତେ କି ଗାଆଁଟି ମୋର୍
ସାଜିଥିବ ଶରତରେ
ଦଶଭୁଜା କାତ୍ୟାୟନୀ
ମୃଣ୍ମୟୀ ଦୁର୍ଗା ହୈମବତୀ,
ମୁଁ ତ ଦୂର ପରବାସୀ
ପ୍ରାଣ ଚାହେଁ
ଛୁଇଁ ଦେଇ ଆସନ୍ତି ତା
ଧୂପ ଝୁଣାଗନ୍ଧେ ଭରା
ଢାକେଇର ନହବତ
ଶଂଖ ହୁଳହୁଳି
ଭକତି ଉଚ୍ଛୁଳା ତା'ର ସନ୍ଧିପୂଜା
ତ୍ରିସନ୍ଧ୍ୟା ଆଳତି !


♥ ଶୂନ୍ୟନୀଡ଼, ସୋର, ବାଲେଶ୍ୱର
ମୋ: ୮୨୬୦୬୯୭୮୭୮


### ॥ ଗୋପ ଗାଁ ଝିଅ ॥

**ପିନାକୀ ମିଶ୍ର**



ରଚନା ଲେଖିବୁ ଝିଅ,
ଲେଖ୍
ମହାପୁରୁଷଙ୍କ ଜୀବନୀକଥା ।

ପ୍ରାକ୍ ସୂଚନା ଦେଇଥିବେ ଗୁରୁଜୀ
ତୁ ଏକା ଘରେ କଲମ ଧରି କଳିନେ ।

ଜାତି ଆଉ ଜନ
ତାଙ୍କ ପ୍ରାଣର ସ୍ପନ୍ଦନ,
ବନ୍ଧୁତା ଆଳରେ ସେବା ଆଉ ତ୍ୟାଗ
ତାଙ୍କ ଜୀବନଯୋଗ,
ଗର୍ଭିଣୀନଈ ଫୁଲିଲେ
ତାଙ୍କର ନିଦ ହଜେ, ଛାତି ଥରେ,
ଅନନ୍ତ ସାଇକେଲ୍ କିଣିବେନି
ମଝିଦାଣ୍ଡ କାଦୁଅରେ ଗୋଡ ପଶିପଶି ଯାଉ
ଦିମୁଠା ଚୂଡା ତିନିଭେକିଲା ତୁଣ୍ଡକୁ ଆସୁ,
ଦୁଃଖିନୀ ଗାଁରେ ମାଟିକାନ୍ଥ ଭୁଷୁଡିଛି
ଦାସେ ମାଆ କୋଳରୁ ନେଇଗଲେ ଛୁଆକୁ
ଦାହ ପାଇଁ ।

ଏତେ ବହି ତ ପଢିଥିଲେ ଦାସେ ,
ଆଜି ସେଇ ବହି ଖୋଜୁଛି
ଜଣକ ଛାତିର ସଂଚିତ ମାନବବାଦ
ଯାହା ମାଟିକୁ ସ୍ୱର୍ଗ ବନେଇ ଦେବ ।

ଲେଖ୍ ଝିଅ, ରଚନା ଲେଖ୍,
କଷିକୋମଳ କୁଆଁରୀମନରେ
ଅନା ତୋ ଘରକାନ୍ଥର କ୍ୟାଲେଣ୍ଡର ଫଟୋକୁ
ବାପା ପରି ଘରକୁ ଅନେଇଛନ୍ତି ସିଏ
ଝିଅଠୁ ବେଶୀ ଭଲ କିଏ ଲେଖିବ ଯେ' ।

ସୁଆଣ୍ଡୋ ଶାସନକୁ ଆଣିବୁ
ମଞ୍ଜୁଷା, ଖରସୁଆଁକୁ ଆଣିବୁ
ହଜାରିବାଗ୍ ବନ୍ଦୀକଥା ଟିକେ ରଖିବୁ
ବାପୁଙ୍କ ସହ ମଣିଙ୍କ ନଈପଠା ସଭା
ତ୍ୟାଗବନ୍ତପୁରୁଷର ପ୍ରଜ୍ୱଳିତ ଆଭା
ମିଶୁମୋର ଦେହର ବୀଜମନ୍ତ୍ର
ଯେମିତି ଲେଖୁଛୁ ଲେଖ୍
ଓଡିଶାର ପ୍ରତି ଗାଁ ପା ଗୋପ ଗାଁ ।

ଜାଣିଥା ଝିଅ
ସହରଛକର ପ୍ରତିମୂର୍ତ୍ତି
ଅନେଇ ଦେଲେ ଦେବତା ଲାଗେ,
କପାଳ ବିଭୁତି ସିଏ
ଏମିତି ଗାଁ ନାହିଁ, ଘର ନାହିଁ
ଯେଉଁଠି ଶୈଶବ
ଉତ୍କଳମଣି ଝଲକ ପାଇନାହିଁ ।


♥
ଚର୍ଚ୍ଚ ପାଖ, ଜେଲ୍ ରୋଡ୍, କେନ୍ଦୁଝର
ମୋ - ୯୪୩୮୧୧୮୩୯୭


### ॥ ଦୁଃଖର କାରଣ ॥

**ସ୍ନିଗ୍ଧା ପଣ୍ଡା**



କିଛି ବୁଝି ନପାରିବା ମୋର ଯୋଗ୍ୟତା ଥିଲା
ଯେଉଁ ବାଟରେ ଚାଲିବାକୁ କହିଲ
ସେଇଟି ମୋ ଲାଗି ଅଛି ବୋଲି ଭାବିଲି
ଆଉ ସେଥିରେ ହିଁ ଚାଲିଲି
ତମେ ମତେ ପ୍ରଶଂସା କରୁଥିଲ
ଅନୁସରଣ କରିବା ବି ତ
ଗୋଟାଏ ଯୋଗ୍ୟତା ନା !!

ଯେବେ ଚାଲିବା ଦରକାର ନଥିଲା
ମୁଁ ଚୁପ୍‌ଚାପ୍ ବସି ରହୁଥିଲି ଗୋଟିଏ କୋଣରେ
ଆଉ ସମୟକୁ ଗୁନ୍ଥି ତୋରଣ କରି ସଜାଉଥିଲି
ତମ ରାସ୍ତାରେ ତମେ ଲେଉଟିବା ଆଗରୁ ?

ତମେ ଆସିବା ଆଗରୁ
ଗରମ ଭାତ ବାସ୍ନାରେ ମୋର ଲାଳ ଝରୁଥିଲା
ଯାହାକୁ ଲୁଚେଇବାକୁ ଶିଖିଯାଇଥିଲି
ଡରରେ ମୁଁ ଉଠିଆସୁଥିଲି ହାଣ୍ଡି ପାଖରୁ
ଭୋଗ ଲାଗିବା ଆଗରୁ
ଲୋଭ କଣ କରାଯାଏ କି ?

ଚାରିପାଖର ଲୋକ କହୁଥିଲେ
ତମ ଆଖି ମୋର ଦର୍ପଣ ଥିଲା
ତା' ଭିତରେ ମୋର ଛାଇ ଝଟକୁଥିଲା ବୋଲି
ମୋର ସ୍ୱର ଶୁଭୁ ନଥିଲା
ମୋଟା ହାର ତଳେ କିନ୍ତୁ
ସୁନ୍ଦର ଦିଶୁଥିଲା ମୋର ଗଳା ?
ଅନ୍ଧାର ମୋର ନିଜର ଥିଲା ଏତେ ଯେ
ମତେ ଦିଶୁ ନ ଥିଲା
ଆକାଶରେ ଉଡୁଥିବା ପକ୍ଷୀ
ଦୂରକୁ ଉଡିଗଲାବେଳେ
ଶୁଭୁ ନ ଥିଲା ଡେଣାର ଶବ୍ଦ
ମୁଁ ତ ଶୁଣୁଥିଲି ତମ ନିଃଶ୍ୱାସକୁ ମନ୍ତ୍ର ପରି ?

ତମକୁ ପରିକ୍ରମା କରି
ମୁଁ ପୁଣ୍ୟ ଅର୍ଜନ କରୁଥିଲି
ଦାସପଣର ଭାଗ୍ୟ ବି
ଯୁଟି ନଥାଏ କାହା କାହା କପାଳରେ ?

ଚଉଠେ ଛାତ ମୋ ପାଦ ତଳେ
ଚଉଠେ ଛତା ମୋ ମୁଣ୍ଡ ଉପରେ
ଚଉଠେ ବୋଲି ତ ଏବେ ଏବେ ଜାଣିଲି
ଜାଣିଲି ବୋଲି ତ ବୁଝିଲି
ବୁଝିପାରିବା ହିଁ ଅଯୋଗ୍ୟପଣ
ଦୁଃଖର କାରଣ ?


♥ ମୋ-୯୮୬୧୩୨୩୬୫୦

# କବିର କବିତ୍ୱ ଈଶ୍ୱର ପ୍ରଦତ୍ତ କିନ୍ତୁ କବିତା ଲେଖିବା ଛଡ଼ା ମୋ ଦ୍ୱାରା ଆଉ କିଛି ହେଲା ନାହିଁ : ରୁନୁ ମହାନ୍ତି

**ରୁନୁ ମହାନ୍ତି**
ସମକାଳୀନ ଓଡ଼ିଆ କବିତା ଜଗତରେ ଏକ ଛଳଛଳ ନିର୍ଭୀକ ସ୍ୱର । ପ୍ରେମମୟ ଦ୍ୟୁତିରେ ଝଲମଲ ତାଙ୍କ କବିତାର ଚଉହଦୀ । ପଦ୍ମପତ୍ରରେ ଢଳଢଳ ଜଳବୁନ୍ଦା ପରି ସାଂସାରିକ ଜୀବନ ଜିଉଁଥିବା କବି ରୁନୁ ମହାନ୍ତିଙ୍କ କାବ୍ୟ-ଉଡ଼ାଣ କିନ୍ତୁ ମାଟିରୁ ଆକାଶ ଯାଏ ପରିବ୍ୟାପ୍ତ । ପ୍ରେମକୁ ନିଜର ପରିଧି କରି, ପ୍ରେମର ଜ୍ୟୋତ୍ସ୍ନା ବୋଲି ହୋଇ ନିଜ ପାଇଁ ପ୍ରେମିକାର ପରିଚୟ ତିଆରି କରିଥିବା ରୁନୁ କିନ୍ତୁ ଶବ୍ଦ, ଭାବ ଓ ଉପସ୍ଥାପନାରେ ବେଶ୍ ସ୍ୱଚ୍ଛ । “ମୋ ଜୀବନ ହିଁ ମୋ ସାହିତ୍ୟ । ପ୍ରେମ ମୋର ମଧୁର ପ୍ରାର୍ଥନା” ବୋଲି କହୁଥିବା କବି ରୁନୁ ମହାନ୍ତିଙ୍କ ସହ ଏଥରର ଆଳାପ...



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

**■ ଅଳ୍ପରେ ରୁନୁ ମହାନ୍ତି**

ଠିକଣା-
ମାତା ଗୋସ୍ୱାମୀ ଲେନ,
ଚୁଡ଼ଙ୍ଗ ସାହି, ପୁରୀ
ପି - ସ୍ୱର୍ଗତ ରତ୍ନାକର ମହାନ୍ତି
ମାତା - ଶଶୀମଣି ମହାନ୍ତି
(ମୋ) ୮୨୪୯୫୫୦୯୬୩



**ପ୍ରକାଶିତ ପୁସ୍ତକ**

କବିତା ସଂକଳନ :
(୧)ବାଜେଝିଅ
(୨) ରାଧା ନୋଳିଆଣୀ
(୩)ସହଜ ସୁନ୍ଦରୀ
(୪) ମୋହିନୀ
(୫) ପ୍ରିୟ ପରଦେଶୀ (ଯନ୍ତ୍ରସ୍ଥ)

**ଗଦ୍ୟ ପୁସ୍ତକ -**
(୧)ସହଯାତ୍ରିଣୀ
(୨) ଗୋଟେ ପାଗଳୀଝିଅର ପ୍ରେମ କାହାଣୀ

**■ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟ ସ୍ଫୁରଣ ?**

■■ କବିତା ଏକ କଳା, ଯାହା ମନର ଭାବନାକୁ ଚିତ୍ରଣ କରିଥାଏ । କବିତା ମୁଖ୍ୟତଃ ଚିତ୍ତ ବିନୋଦନ କରେ । ଆନନ୍ଦ ଦାନ କରେ । ସୃଜନରେ ଆଦ୍ୟସ୍ଫୁରଣ ମୋର କେମିତି ହୋଇଥିଲା ? ଯାହା ପଚାରିଛନ୍ତି, ମୋର ମନେ ପଡୁଛି, ଆଜିକୁ ଠିକ୍ ସଇଁତିରିଶ ବର୍ଷ ପୂର୍ବେ ୧୯୮୮ ମସିହାରେ ମୋର ସେହି ଅତିପ୍ରିୟ ସହପାଠୀ ଜଣକ ପରୀକ୍ଷା ପରେ ଦକ୍ଷିଣରେ ଥିବା ତା' ନିଜ ରାଜ୍ୟ କେରଳକୁ ଯେବେ ସେ ଟ୍ରେନ୍‌ରେ ଚାଲିଗଲା, ସତରେ ସେତେବେଳେ ମୁଁ ଖୁବ୍ ଭାଙ୍ଗି ପଡ଼ିଥିଲି । ମୋ ଆଖିରୁ ଲୁହ ଝରି ପଡ଼ିଥିଲା । ବିରହ ଏତେ ବେଦନାଦାୟକ ହୋଇପାରେ ? ଜାଣି ଜାଣି ମୁଁ ବର୍ଷାରେ ଖୁବ୍ ଓଦା ହେଲି, ଭାବୁଥିଲି ମୋତେ ପ୍ରବଳ ଜ୍ୱର ହେଉ, ମୁଁ ଜ୍ୱର ରୋଗରେ ଯେମିତି ମରିଯାଏ । ସେତେବେଳେ ମୋବାଇଲ ନଥିଲା, ତା' ଚିଠି ଫଟୋ ସବୁ ପୋଡ଼ିଦେଲି ତାକୁ ଭୁଲି ଯିବା ପାଇଁ । ତଥାପି କିଛି ମାସ ତାକୁ ଝୁରି ହେଲି । ସେହି ସମୟରେ ମାର୍କଣ୍ଡ ଦାସଙ୍କ ‘କେଶବ କୋଇଲି’ ଚଉତିଶା ପଢ଼ି ସେଇ ପ୍ରିୟ ପରଦେଶୀ ପାଇଁ ଗୀତି କବିତାଟେ ସେତେବେଳେ ଲେଖିଲି । ପ୍ରଥମେ ତା' ନାଁ ରଖିଲି ଚଢ଼େଇ ଗୀତ, ପରେ ଲୁହର ଲିରିକ୍ (ଯାହା ଅପ୍ରକାଶିତ) । ଆମ ବାଡ଼ିରେ ଥିବା ମହୁଲ ଗଛରେ ଯେଉଁ ନାଁ ଅଜଣା ଚଢ଼େଇଟିଏ ଆସି ନିତି ବସୁଥିଲା, ତାକୁ ସମ୍ବୋଧନ କରି ଧାଡ଼ି ଧାଡ଼ି କବିତା ପଦ ରଚିଥିଲି । କିଛି କିଛି ମନେ ପଡୁଛି ଏହିପରି- ‘କହିଲି ଚଢ଼େଇ ଦବୁ କିନା ମୋତେ / ଗୋଟିଏ ଋତୁର ଫଗୁଣ,/ ଫଗୁଣ ଛଳରେ ଦେଲୁ ଏ ଆଖିରେ /ଅସରା ଅସରା ଶ୍ରାବଣ ।/ ଲୁହରେ ଆଙ୍କିଲି ଝୋଟିରେ ଚଢ଼େଇ/ ହାଡ଼ରେ ଗଢ଼ିଲି ମନ୍ଦିର/ ରକତର ନାଲି ଫୁଲରେ ସଜେଇ/ ଦେଲି ମଧୁଶାଳା ଘର ।/ ଚଢ଼େଇ! କିଏ ଥିର କିଏ ଫେରାର ? / ସବୁଠି ଚଢ଼େଇ ଦଳଦଳ ଦଳ/ ଫୁଲ ପ୍ରଜାପତି ଭିଡ଼ ।’ ଏଇ ତିନିବର୍ଷ ତଳେ ଜଣେ ସୁସଂପାଦକ ତାଙ୍କ ପତ୍ରିକାରେ ପ୍ରକାଶ କରିବା ପାଇଁ ମୋ ଠାରୁ ଏକ ପ୍ରେମ ପୂର୍ଣ୍ଣ ଚିଠି କବିତାଟେ ଚାହିଁଲେ । ମୁଁ ତାକୁ ଅନେକ ଖୋଜିଲି, ହେଲେ ତାହା କୋଉ ବହି ଭିତରେ ରହିଛି, ଆଉ ଜମା ପାଇଲିନି ସେଇ ମୋ ପ୍ରଥମ ପ୍ରେମର ପ୍ରଥମ ଚିଠି କବିତାଟିକୁ । ପ୍ରେମ ଅମୃତ, ଅଜର, ଅମର । ସତରେ ପ୍ରଥମ ପ୍ରେମ ତାହା, ଯାହା ହୃଦୟର କୋଉ କୋଣରେ ଗୋଟେ ଗଭୀର ଆଞ୍ଚୁଡ଼ା ଦାଗଟେ ରହିଯାଏ ମୃତ୍ୟୁ ପର୍ଯ୍ୟନ୍ତ । ଏବେ ଦେଖୁଥିଲି, ଜଣେ ମାଲାୟଲୀ କବୟିତ୍ରୀ ସୁଗତି କୁମାରଙ୍କ ଏକ କବିତା ନାମ- କାଟ୍ଟୁପକ୍ଷୀ, ମାନେ ବଣପକ୍ଷୀ ।

**■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?**

■■ ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କ ଏକ ଶ୍ଳୋକ ଅଛି- ଚିତ୍ରମ୍ ବଟୋତରୋମୂଳେ ବୃଦ୍ଧା ଶିଷ୍ୟା, ଗୁରୁ ଯୁର୍ବା, ଗୁରୋସ୍ତୁ ମୌନ ବ୍ୟାଖାନ ଶିଷ୍ୟାସ୍ତୁ ଛିନ୍ନ ସଂଶୟାଃ । (ଅବଶ୍ୟ ସାହିତ୍ୟ ଗଣିତ ନୁହେଁ ଯେ ଗୁରୁ ସୂତ୍ର ବତାଇବେ) କିନ୍ତୁ ବିଶିଷ୍ଟ ଲେଖକ ପ୍ରଫେସର ଆଦିକନ୍ଦ ସାହୁ ମୋର ସାରସ୍ୱତ ପ୍ରେରଣା ହୋଇଛନ୍ତି, ଆଦର୍ଶ ହୋଇଛନ୍ତି । ବର୍ଷ ବର୍ଷ ଧରି ମୁଁ ତାଙ୍କ ସହିତ ସାହିତ୍ୟ ଆଲୋଚନା କରିଛି । ସେ ତାଙ୍କ ଜ୍ଞାନ ସମ୍ପତ୍ତି କ୍ଷେତରୁ ଉତ୍ତମ ଶସ୍ୟ ଦାନ କରିଛନ୍ତି । ତାଙ୍କ ପରି ସାଧୁ ହୃଦୟର ଲେଖକ ଆଚାର୍ଯ୍ୟ କ୍ୱଚିତ୍ ମିଳିବେ । ଜଣେ ଜ୍ଞାନୀ ଲେଖକଙ୍କୁ ଜଣେ ଗୁରୁ କରିବା, ବଂଧୁ କରିବା ଭଲ କଥାଟିଏ । କାହାର ଗୁରୁ ନାହିଁ ? ଦେବତା ମାନଙ୍କର ବି ଗୁରୁ ଅଛି, ଯାହା ଆମେ ପୁରାଣରୁ ପଢୁ । ଶ୍ରୀକୃଷ୍ଣଙ୍କ ଗୁରୁ ସନ୍ଦିପନୀ ତ ରାମଚନ୍ଦ୍ରଙ୍କ ଗୁରୁ ବିଶ୍ୱାମିତ୍ର, ଅବଧୂତଙ୍କର ଚବିଶି ଗୁରୁ, ଅର୍ଜୁନଙ୍କ ଗୁରୁ ଦ୍ରୋଣାଚାର୍ଯ୍ୟ, ଶୁକ୍ରାଚାର୍ଯ୍ୟ ତ ଅସୁରମାନଙ୍କ ଗୁରୁ । ବିବେକାନନ୍ଦଙ୍କ ଗୁରୁ ରାମକୃଷ୍ଣ ପରମହଂସ, ଭୀମଭୋଇଙ୍କର ମହିମା ଗୋସେଇଁ । ଗାନ୍ଧିଜୀ ଟଲଷ୍ଟୟଙ୍କ ଆଦର୍ଶରେ ଅନୁପ୍ରାଣିତ ଥିଲେ, କାହାର ଗୁରୁ ନାହିଁ ? ଗୁରୁ ଶିଷ୍ୟଙ୍କ ତାଲିକା ଖୁବ୍ ଲମ୍ବା । ଗୁରୁ ଖାଲି ଶିଷ୍ୟଙ୍କୁ ବଢ଼ାନ୍ତି ନାହିଁ, ଯୋଗ୍ୟ ଶିଷ୍ୟ ଗୁରୁଙ୍କୁ ମଧ ବଢ଼ାଏ । ଯେମିତି ବିବେକାନନ୍ଦ । ଯେମିତି ସକ୍ରେଟିସ୍ ପ୍ଲାଟୋ, same birds are same feathers. କାଉ ଓ କାଉ ସହିତ ସାଙ୍ଗ ହେବ, ହଳଦୀ ବସନ୍ତ ହଳଦୀବସନ୍ତ ସହିତ ସାଙ୍ଗ ହେବ । ନହନ୍ୟତେ ଉପନ୍ୟାସର ଲେଖିକା ମୈତ୍ରେୟୀ ଦେବୀଙ୍କର ଖୁବ୍ ଭାବଗତ ସଂପର୍କ ଥିଲା ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ସହିତ । ଆଉ ଜଣେ ବିଦୂଷୀ ମୈତ୍ରେୟୀ ତ ଜ୍ଞାନ ଲାଭ ଆଶାରେ ବୃଦ୍ଧ ଋଷି ଯାଜ୍ଞବଳକ୍ୟଙ୍କ ସହିତ ବଣକୁ ଚାଲି ଯାଇଥିଲେ । କୋଉ ଯୁବରାଜ ସରିହେବେ ବୃଦ୍ଧ ଯାଜ୍ଞବଳକ୍ୟଙ୍କ ପାଖରେ ?

**■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବୃତ୍ତି ଓ ପରିବାର କେମିତି ପ୍ରୋତ୍ସାହିତ କରନ୍ତି ଆପଣଙ୍କ କବି ଜୀବନକୁ ?**

■■ ପିଞ୍ଜରା ଭିତରେ ବାନ୍ଧି ହୋଇ ରହିବା ମୋ ଜାତକରେ ବୋଧେ ଲେଖା ନଥିଲା । ରାଜପ୍ରାସାଦରେ ବୁଦ୍ଧତ୍ୱ ମିଳିବନି, ତେଣୁ ତ ସିଦ୍ଧାର୍ଥ ରାତିରେ ଲୁଚିକରି ବଣକୁ ଚାଲିଗଲେ । କବି ପ୍ରାଣଟେ ନେଇ ମୁଁ ଏ ପୃଥିବୀକୁ ଆସିଛି । କେବଳ ପ୍ରେମ ଲେଖିବା ପାଇଁ । ଶୃଙ୍ଖଳା ପୁଣ୍ୟ ମୋର ଲୋଡ଼ାନାହିଁ । ମୋ ନିଜ ରୂପ ଏକ କବିର ଓ ପ୍ରେମିକାର ତାହା ହେଉ ବୋଲି ମୋ ଭାଗ୍ୟ ରେଖାରେ ଯେମିତି ନିୟତି ଆଗରୁ ଲେଖି ଦେଇଥିଲା । ଜଟଣୀ ବ୍ଲକର ଗୋଟିଏ ନିପଟ ଟାଙ୍ଗୀ ଅଞ୍ଚଳ ବୁଢ଼ାପଡ଼ା ଗାଁର ଏକ ଚାଳଘରେ ମୁଁ ଜନ୍ମ ହୋଇଥିଲି । ଗାଁର ତିନିପାଖେ ପଥର ଖାଦାନ । ଏକ ପାଖେ ଧାନଜମି । ପଶ୍ଚିମରେ ଦିଶିଯିବ ବରୁଣେଇ ପାହାଡ଼ ଓ ପୂର୍ବରେ ଧଉଳି ପାହାଡ଼ । ଗାଁ ପାଖରେ ଆମ୍ବତୋଟା, ସୋମନାଥ ମନ୍ଦିର, କଙ୍କଡ଼ାଝରଣା, ଗହିର ସେପାଖେ ବହି ଯାଇଛି ଦୟା ନଦୀ । ବାପା ଥିଲେ ସ୍କୁଲରେ ପ୍ରଧାନ ଶିକ୍ଷକ । ବାପାଙ୍କ କଡ଼ା ଅନୁଶାସନ ଯୋଗୁଁ ପିଲାବେଳ ଭାରି କାକୁସ୍ଥ ଥିଲା ତ ବୋଉର ସ୍ନେହ ଆଦର ଯୋଗୁଁ ଶୈଶବ ଭାରି ମଧୁର ଥିଲା । ବୋଉ ସଂଧ୍ୟା ହେଲେ ନିତି ପୁରାଣ ପଢ଼େ । ବାପାଙ୍କ ନୀତି ଶ୍ଳୋକ କାବ୍ୟ କବିତାର ଧାଡ଼ି ଏ ସବୁ ଭିତରେ ଛୁଆ ବେଳୁ ନିଶ୍ଚୟ ସାହିତ୍ୟର ବୀଜବପନ କରିଛି । ସତ କହିଲେ ପିଲାଟି ବେଳୁ ମୁଁ ଭାରି ଭାବପ୍ରବଣ, ଅନ୍ୟମନସ୍କ । ମୁଁ ଗାଁ ଝିଅଟିଏ ହୋଇଥିବା କାରଣରୁ ସାହିତ୍ୟ ଜଗତରେ ପ୍ରବେଶ କରିବା ମୋ ପାଇଁ ଥିଲା ଭାରି କଷ୍ଟକର । ଦିଶା ପାଉନଥିଲି । ଆଗରେ ଯେମିତି ସାହାରା ମରୁଭୂମି । ନା ଥିଲା ଗଛ ନା ପଦ୍ମ ପୋଖରୀ ? ସାହିତ୍ୟ ପତ୍ରିକାଟିଏ କି ଭଲ ବହିଟିଏ ପାଇଲେ ଭାରି ଖୁସି ଲାଗୁଥିଲା । ମୋ ଚାକିରୀ ଜାଗାରେ କିଛି ସହକର୍ମୀ ମୋର କବିତାର ଖୁବ୍ ପ୍ରଶଂସା କରିଛନ୍ତି ତ, ନିଜକୁ ବ୍ରହ୍ମା,ବିଷ୍ଣୁ ଭାବୁଥିବା କିଛି ଅହଂକାରୀ ଅଧିକାରୀ ସମ୍ୟାଦରୁ ମୋ କବିତା ପଢ଼ି ମୋତେ ଦୁଃଖ ଦେଇଛନ୍ତି । ବୃତ୍ତି କ୍ଷେତ୍ରରେ ମାନସିଂ କି ପୀଡ଼ ପାଇଥିଲେ ତାଙ୍କ ଶିକ୍ଷାବିତର ଗାଥା ପଢ଼ିଲେ ବୁଝିହେବ । ସତ କହିଲେ ନାରୀଟିଏ ଘରେ ରହି ପ୍ରେମ କବିତା ଲେଖିବ, ଏହାକୁ କୋଉ ଘର ଲୋକ ବା ସହ୍ୟ କରିବେ ? ମୀରା ଲେଖିଛନ୍ତି- ଲୋଗ କହେ ମୀରା, ହୋ ଗୟି ବାବରୀ ଶାଶ କାହେ କୁଳନାଶିରେ ।

ମୋ କନ୍ୟା ‘ସାଏରୀ’ର ଗୀତରେ ରୁଚି ଥିବା କାରଣରୁ ମୋ କବି ପ୍ରାଣକୁ ସେ କିଛି ବୁଝିପାରେ । ମୋ ପ୍ରେମ କବିତା ତାକୁ ଭଲ ଲାଗେ । ଅବଶ୍ୟ ଭଲ ପରିବେଶ ନ ପାଇଲେ ସାରସ୍ୱତ ବୃକ୍ଷଟି ଭଲ ଉଧେଇ ପାରିବନି ସତ, ହେଲେ ଯେଉଁ ଅଞ୍ଚଳରେ ବେଶି ଖରା, ସେଠି ଯେ ବେଶି ବର୍ଷା । ଚିରହରିତ୍ ଅରଣ୍ୟ ! ଅବଶ୍ୟ ମାନସିକ ସ୍ତରରେ ମୁଁ ଖୁବ୍ ଆଘାତ ପାଇଚି ସତ କିନ୍ତୁ ମୋ ପଢ଼ାପଢ଼ି, ମୋ କବିତା କର୍ମ ଓ ମୋର ଛଳଛଳ ପ୍ରେମ, ଆଉ ପ୍ରକୃତି ପ୍ରାଣ, ନୀରିହତା ଯୋଗୁଁ ପଙ୍କିଳ କର୍ଦ୍ଦମାକ୍ତ ଭିତରୁ ମୁଁ ଫୁଟିଛି ପଦ୍ମଫୁଲଟି ପରି ।

ମୋ ଘର ସଂସାର ତ ପଦ୍ମ ପତ୍ର ଉପରେ ଢ଼ଳଢ଼ଳ ପାଣି ବୁନ୍ଦା ପରି । ଚନ୍ଦନ ଗଛ ଦେହରେ ବିଷାକ୍ତ ସର୍ପ ରହିଥିଲେ ବି ଚନ୍ଦନ ଗଛ ବିଷାକ୍ତ ହୋଇଯାଏନି । ଉପଦ୍ରୁତ ଇଲାକାରେ ଥିଲେ ବି କଠିନ କୋଷାଭିତରେ ଟସରପୋକଟି ପରି ମୁଁ ଅଛି । ମୋ ଦେହରେ ବାଜେନି ବାହାରର ପାଣି ଓ ପବନ । ନାରୀର ନୈତିକ ପ୍ରଗତିରେ ଯେଉଁ ସ୍ୱାମୀ ପ୍ରତିବନ୍ଧକ ସୃଷ୍ଟି କରେ ଅବଶ୍ୟ ସେଠାରେ ବିବାହ ବିଚ୍ଛେଦ ବେଶୀ ଭଲ । ଅମୃତା ପ୍ରିତମ୍ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇ ପ୍ରେମିକ ଇମ୍‌ରୋଜଙ୍କୁ ସାରା ଜୀବନ ପାଖରେ ରଖିଲେ । ଡକ୍ଟର ଆନିବେଶାନ୍ତ ଭାବିଲେ ତାଙ୍କର କ୍ରୁର ପାଦ୍ରୀ ସ୍ୱାମୀଙ୍କ ପାଖରେ ରହି ଯନ୍ତ୍ରଣା ଜର୍ଜ୍ଜରିତ ହୋଇ ବଞ୍ଚିବା ଅପେକ୍ଷା ଛାଡ଼ପତ୍ର ଦେଇ ଚାଲିଯିବା ଭଲ । ଆନି ଚାଲିଆସିଲେ ଭାରତ, ଗାନ୍ଧିଜୀଙ୍କ ସାନ୍ନିଧ ଲାଭ କଲେ । ମୁନି ଋଷିମାନେ ଯଜ୍ଞ କରିବା ବେଳେ ଅସୁରମାନେ ଆସି ତାଙ୍କ କମଣ୍ଡଳୁ ଫିଙ୍ଗି ଯଜ୍ଞ ସ୍ଥଳକୁ ଛାରଖାର କରନ୍ତି । ମୋ ମନ ଖରାପ ବେଳେ ମୁଁ ଭଲ ବହିରୁ ପାଞ୍ଚ ଦଶ ପୃଷ୍ଠା ପଢ଼ି ପକାଏ । ବହି ବଳ ଦିଏ, ସାନ୍ତ୍ୱନା ଦିଏ, ଶାନ୍ତି ଦିଏ, ଲେଖିବାକୁ ପ୍ରେରଣା ଦିଏ । ମୋ ଜୀବନ ହିଁ ମୋ ସାହିତ୍ୟ । ପ୍ରେମ ମୋର ମଧୁର ପ୍ରାର୍ଥନା । ମୁଁ କବିତା ଲେଖେଁ କି ଗଦ୍ୟ ଲେଖେଁ ତାହା ଯେ ମୋର କାହାଣୀ । କାକୁଡ଼ି ଭିତରେ ପାଣି ପରି ମୁଁ ଭାରି ଜଡ଼ସଡ଼ ହୋଇ ରହିଥାଏ ସେଥିରେ ଗୋଟାପଣେ । ମୋ ପ୍ରେମ, ମୋ ବେଦନା, ମୋ ଆବେଗ, ମୋ ସ୍ୱପ୍ନ ଯାକୁ ନ ଲେଖି ମୁଁ ଆଉ କୋଉ କଥା ଲେଖିବି ? ମୋତେ ଛଳନା ଆସେନା । ମିଥ୍ୟା ଇଟାରେ ମୁଁ ନଅର ତୋଳି ଜାଣେନି । ଏହା ସତଯେ ପ୍ରେମ ଓ କବିତାରେ କେବେ ଚାଲାକି ଚଳେନି ।

ମୋ ଲେଖାରେ କୃତ୍ରିମ ଆବରଣ ରହୁ ମୁଁ ତାହା ଚାହେଁନି । ପାହାଡ଼, ସମୁଦ୍ର, ନଦୀ, ବୃକ୍ଷ ଏମାନେ କେଉଁ ବସ୍ତ୍ର ପିନ୍ଧିଛନ୍ତି ? ସେଥିପାଇଁ ତ ପ୍ରକୃତି ସୁନ୍ଦର । ମୁଁ ପ୍ରକୃତିକୁ ପ୍ରଣାମ କରେ ।

ପିଲାଟି ଦିନରୁ ମୁଁ ଭାରି ଗୋଠଛଡ଼ା । କୋଳାହଳ ପରିବେଶ ମୋତେ କେମିତି ଆଶ୍ୱସ୍ତି ବିରକ୍ତି ଭାବ ଆଣିଦିଏ । ମୁଁ ନିଜ ସହିତ କଥା ହୁଏ । ମୋର ଅସ୍ଥିରତା ପ୍ରବଳ । ମୋରି ଚେତନାର ଜଣେ ସମଧର୍ମୀ ନହେଲେ ମୋତେ ସେ ସହଜରେ ବୁଝି ପାରିବନି । ମୋର ଗମ୍ଭୀର ରହିବା, ପ୍ରଗଳଭ ହେବା, ଜହ୍ନରେ ଭିଜିବା, ବର୍ଷାରେ ତିନ୍ତିବା ଅନ୍ୟମନସ୍କ ରହିବା, ଏସବୁ ଗୁଣ ଦେଖି ଅନେକ ତ ମୋତେ ପାଗଳୀ ବୋଲି ଭାବନ୍ତି ।

କବିତା ଲେଖୁଥିବା ଝିଅ ସତରେ ଗୋଟେ ପାଗଳୀ ଝିଅ । ସେ ସଚ୍ଚା ପ୍ରେମିକାଟିଏ । ତାର ସୁନାଝିଅ, ସତୀ ସାବିତ୍ରୀ ହେବା ଲୋଡ଼ା ନାହିଁ । ପ୍ରେମର ପତାକା ଧରି ସେ ଆଗକୁ ଚାଲେ । ପ୍ରେମପୂର୍ଣ୍ଣ ବାକ୍ୟ ମୋର ମନ୍ତ୍ରଜପ ।

କୋଉ ଘର ବାନ୍ଧି ରଖି ପାରିବ ମୀରାଙ୍କୁ, ରାଧାଙ୍କୁ ? ସୂର୍ଯ୍ୟାଲୋକ ନ ପାଇଲେ ତ ପାଚେରୀ ଡେଇଁ ଆରପଟକୁ ଲମ୍ବିଯାଏ ଟଗର ଡାଳ । ଲୁହାର ଫାଟକ ଡେଇଁ ଉଡ଼ିଯାଏ ପ୍ରଜାପତି ।

ଅମରପୁରକୁ ଯିବାର ଯାତ୍ରା କିନ୍ତୁ ଜାହିର ରୁହେ ।

କେବେକେବେ ଲାଗେ ମୋ କବିତା ଯେମିତି ନଈ ଆରପାଖେ ତଣ୍ଡାରେ ଫୁଟିଥିବା ନିରୀମାଖୀ ଭୁଆସୁଣୀ ଫୁଲ । ପ୍ରେମକୁ ଝୁରିଝୁରି ଜଳି ଯାଇଥିବା ଗୋଟେ ପୋଡ଼ା ଭୁଇଁ । ଓଲଟା ବହି ଶୁଖି ଯାଉଥିବା ଗୋଟେ ମରୁଝର । ପୁଣି କେବେ ଲାଗେ ମୋ କବିତା ହଜାର ହଜାର ବର୍ଷ ଧରି ଠିଆ ହୋଇଥିବା ଗୋଟେ ଅହଙ୍କାର ଦୁର୍ଗ ଉପରକୁ ବୋମାମାଡ଼ କରିବା ପାଇଁ ସଜିଲ ହୋଇଥିବା କମାଣ । କବିର କବିତ୍ୱ ଈଶ୍ୱର ପ୍ରଦତ୍ତ । କବିତା ଲେଖିବା ଛଡ଼ା, ମୋ ଦ୍ୱାରା ଆଉ କିଛି ହେଲା ନାହିଁ । ପ୍ରେମିକ କବି ମାୟାଧର ମାନସିଂହ ଲେଖିଛନ୍ତି- ଜଣେ ଚେଷ୍ଟା କଲେ ହୁଏତ ଛୋଟ ମହାତ୍ମା କି ଛୋଟ ଗୋପବନ୍ଧୁ ହୋଇପାରେ, ହେଲେ ଜଣେ ଚେଷ୍ଟା କରି ଛୋଟ କାଳିଦାସ କି ଛୋଟ ସେକ୍ସପିଅର ହୋଇ ପାରିବନି ।

ମୁଁ କେବଳ ପ୍ରେମକୁ ଲେଖିଲି । ଆମ୍ବଗଛରେ ପଣସ ଫଳିଲାନି । ସତ କହିଲେ ତମାମ୍ ଜୀବନ କବି ଗୋଟିଏ କଥାକୁ ଲେଖେ । ସେଇ ତାର ଜପାମାଳି, ତାର କୁଳୁକୁଳୁ । ଯେପିର ବାଲ୍ମୀକି ବିରହକୁ ଲେଖିଲେ ତ ବ୍ୟାସ ମହାକାଳକୁ ଲେଖିଲେ । କାଳିଦାସ ବିପ୍ରଲମ୍ଭକୁ, ଭକ୍ତ ଚରଣ ମୃତ୍ୟୁକୁ । ୱର୍ଡସ୍ୱର୍ଥ ପ୍ରକୃତିକୁ, ଲରେନ୍ସ ଦେହବାଦକୁ, ଚେକଭ କ୍ଷୁଧାକୁ, ଡନ୍ ରହସ୍ୟକୁ, କିର୍‌କେଗାର୍ଡ ପ୍ରେମକୁ, ନଜରୁଲ୍ ବିପ୍ଳବକୁ, ସାର୍ତ୍ତ ମଣିଷର ସ୍ୱାଧୀନତା କଥାକୁ, ତାରାଶଙ୍କର, ଗୋପୀନାଥ ମହାନ୍ତି ନିମ୍ନବର୍ଗର ମଣିଷର କଥାକୁ । ଲେଖକ, କବି ଗୋଟିଏ କଥାକୁ ହିଁ ଲେଖୁଥାଏ ତମାମ୍ ଜୀବନ । ତାରି ଭିତରେ ଅନ୍ତଃରୀଣ ସ୍ରୋତ ପରି ସେ ନିଜକୁ ହିଁ ଲେଖୁଥାଏ ।

ପ୍ରେମ କଲେ ଜଣେ ପାଖକୁ ଘୁଞ୍ଚି ଆସେ । ପୀଡ଼ା ଦେଲେ ଜଣେ ଦୂରକୁ ଘୁଞ୍ଚିଯାଏ । ସତରେ ସମଧର୍ମୀ ନହେଲେ ପକ୍ଷୀଟିଏ ବି ସଖୀ ହୁଏନା କାହାର । ଦୁର୍ଜନେନ ସମଂ ସଖଂ ପ୍ରୀତିଂ ଚାପି ନ କାରୟତେ ।' ପତ୍ନୀ ପୀଡ଼ିତ ବୃଦ୍ଧି ଟଲଷ୍ଟୟ ଘର ଛାଡ଼ିଦେଲେ ଏକ ରେଳ ଷ୍ଟେସନରେ ମୃତ୍ୟୁ ମୁଖରେ ପଡ଼ିଲେ । ପାରିବାରିକ ଅଶାନ୍ତି ଯୋଗୁଁ ଫକୀରମୋହନଙ୍କ ଅନ୍ତିମ କାଳ ମର୍ମଦାହୀ ହୋଇ ଉଠିଥିଲା । ତାଙ୍କ ନେତ୍ର ଯୁଗଳରୁ ଅବିଚ୍ଛେଦ ଅଶ୍ରୁଧାର ବହୁଥିଲା । (ଏହା କବି ମାୟାଧର ମାନସିଂହ ଲେଖିଛନ୍ତି) ପ୍ରେମିକ କବି ମାନସିଂହଙ୍କ ମୃତ୍ୟୁ ପରେ ବି ତାଙ୍କ ଶବଦାହ ପାଇଁ ଚନ୍ଦନ କାଠ ଖଣ୍ଡେ ଦିଆଯାଇ ନଥିଲା । ଏମିତିରେ ତ ପାରିବାରିକ ପୀଡ଼ା ଅନେକ ଲେଖିକା ପାଇଛନ୍ତି । କୁନ୍ତଳାକୁମାରୀ, ବିଦ୍ୟୁତ ପ୍ରଭା ଦେବୀ, ମୀରା, ସାରା ଶଗୁଫତା, ସିଲଭିଆ ପ୍ଲାଥ, ବେବି ହାଲଦାର, ତସଲିମା, ବିଦୂଷୀ ଖନା । ଦୁଃଖ ପାଇଥିଲେ ବି ଏମାନଙ୍କ କଲମ ମୁନରୁ ଯେମିତି ମଧୁ ଝରିଛି, ସେମିତି ଅଗ୍ନି ବର୍ଷିଚି । ଦୁଃଖ ପାଇଥିଲେ ବି ଅଟକି ଯାଇନି କଲମ । ଅସମ୍ମାନ କରୁଥିବା ପତି ପାଖରେ ପତ୍ନୀଟି ସତୀ ଶିରୋମଣି ହୋଇ କାହିଁକି ରହିବ ? ଏଇ ଗୋଟିଏ ମାତ୍ର ଜୀବନ । କାହିଁକି ପ୍ରେମ କରିବନି ? ଲେଖୁଥିବା ନାରୀର ଦୁଃଖ ତ ରହିବ । ହେଲେ କର୍ଷଣ ଜାରି ରହିବ । ଫୁଲଗଛର ଯତ୍ନ ନେବାକୁ ହେବ । ଦେବୀ ମଣ୍ଡପରେ କଳାଶାଢ଼ି ପିନ୍ଧି ବସିବାକୁ ହେବ । ନହେଲେ କେମିତି କାଳିସୀ ଲାଗିବ ?

**■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆପଣ ଭାବନ୍ତି ?**

■■ ଆମେ ନୈରାଶ୍ୟ ଭୋଗ କରିବା କାହିଁକି ? ଏବେ ତ ଈଶ୍ୱର- ଈଶ୍ୱରୀ, ରାଜପୁତ୍ର - ରାଜପୁତ୍ରୀ କଥା ଲେଖାଯାଉନି । ଜୀବନ ଜିଇଁଥିବା ମଣିଷର କଥା ଲେଖାଯାଉଛି । ଆଧୁନିକ ସାହିତ୍ୟ କୋଟି କୋଟି ଲୋକଙ୍କ ପାଖରେ ପହଞ୍ଚି ପାରୁଛି । ମାନବ କେନ୍ଦ୍ରିକତା ଆଜି ଆମ ସାହିତ୍ୟର ବଡ଼ ଆଦର୍ଶ ହୋଇଛି ।

**■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?**

■■ ମାତୃଭାଷା ଯେଉଁ ସମୟରେ ଯାହା ରହିଛି ତାହା ରହିବ । ସଙ୍କଟରେ ଅଛି ବୋଲି ଆମେ କାହିଁକି ଭାବିବା ?

**■ ଭଲ କବିତାର ସଂଜ୍ଞା କ'ଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?**

■■ ଯେଉଁ କବିତା ମଣିଷ ପ୍ରାଣକୁ ଛୁଇଁଥାଏ ତାହାହିଁ ଭଲ କବିତା ।

**■ ଓଡିଆ ଭାଷା, ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?**

■■ ନିଶ୍ଚୟ । ଗଭୀର ଆଶାବାଦୀ ମୁଁ ।

**■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?**

■■ ପୁରସ୍କାର ପାଇବା ଗୋଟେ ବଡ଼ କଥା ନୁହେଁ । ମାୟାଧର ମାନସିଂହ, ଭକ୍ତଚରଣ, ଦାସ, ଆଦିଯୁଗ ମଧ୍ୟଯୁଗର କବି ଏମାନେ କୋଉ ପୁରସ୍କାର ପାଇଥିଲେ ? ଯିଏ ଯେତିକି, ସେତିକିରେ ରହିବେ । ପୁରସ୍କାର ପାଇଗଲେ କାହାର ଉଚ୍ଚତା କିଛି ବଢ଼ି ଯିବନି । ♥♥



ସୁଖୀ ପରିବାର: ଏକମାତ୍ର ପୁତ୍ର ଓ ଏକମାତ୍ର କନ୍ୟାଙ୍କ ସହ କବି ରୁନୁ ମହାନ୍ତି ।




ସମ୍ବର୍ଦ୍ଧିତ ହେବାର ଗରିମାମୟ ମୁହୂର୍ତ୍ତ...

## ଧାରାବାହିକ ଅନୁବାଦ ଉପନ୍ୟାସ

ହିନ୍ଦୀ ମୂଳ- ସରୋଜ କୌଶିକ
ଅନୁବାଦ- ନମିତା ପାଇକରାୟ



# ପୂର୍ଣ୍ଣମିଦମ୍



ହିନ୍ଦୀ ସାହିତ୍ୟର ଏକ ବହୁ ଚର୍ଚ୍ଚିତା କଥାଶିଳ୍ପୀ ସରୋଜ କୌଶିକ । ତାଙ୍କର ଜନ୍ମ ୦୬ ଅକ୍ଟୋବର ୧୯୪୦ରେ ଫିରୋଜପୁର ପଞ୍ଜାବ ଅଖଣ୍ଡ ଭାରତରେ ହୋଇଥିଲା । 'ସେ କରାଚୀ, ବମ୍ବେ, କଲିକତାରୁ ଶିକ୍ଷା ଲାଭ କରିଛନ୍ତି । ସମାଜସେବା, ସଂଗୀତ ଏବଂ ପଢ଼ା ଲେଖାରେ ରୁଚି, ମା'ଠାରୁ ପ୍ରଭାବିତ ହୋଇଛନ୍ତି । ବାପାଙ୍କଠାରୁ ସେ ପାଇଛନ୍ତି ନିର୍ଲିପ୍ତତା । ବର୍ତ୍ତମାନ ସୁଦ୍ଧା ତାଙ୍କ ଲେଖନୀ ଚଳଚଞ୍ଚଳ । ତାଙ୍କ ରଚିତ 'ପୁର୍ଣ୍ଣମିଦମ୍'ଉପନ୍ୟାସଟି ତାଙ୍କର ହିନ୍ଦୀ ସାହିତ୍ୟ ଜଗତରେ ବହୁ ଚର୍ଚ୍ଚିତ ଉପନ୍ୟାସ ।

ନମିତା ପାଇକରାୟଙ୍କ ଦ୍ୱାରା ଅନୁଦିତ 'ପୂର୍ଣ୍ଣମିଦମ୍' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

### ଭାଗ-୮
(ପୂର୍ବ ପ୍ରକାଶିତ ଉତ୍ତାରୁ)

ଚୁପଚାପ କରି ବୀରୁ କହିଲା ।

ରିଚାକୁ କିଛି ଆଶ୍ଚର୍ଯ୍ୟ ଲାଗିଲାନି । ଏ ତ ହେବାର ଥିଲା । ତୁମେ ଭୟ କରୁଛ କି ବୀରୁ ?'

ତଳକୁ ଚାହିଁ ଦେଖିଲା ଗୌରା ଠିଆ ହୋଇଥିଲା ସିଡ଼ି ପାଖରେ ।

ରିଚା ଗୌରାକୁ ଦେଖି, 'ଆରେ ଗୌରାଦି ଆପଣ ? ଶହେ ବର୍ଷ ବଞ୍ଚିବେ । ଏବେ ଆପଣଙ୍କ କଥା କହୁଥିଲେ ବୀରୁ ।'

ଗୌରା କିଛି ନ ଶୁଣିଲା ପରି କହିଲା, 'ରିଚା ତୁମ ସହ ଏକୁଟିଆ କଥା ହେବାର ଅଛି ।'

ରିଚା ବୁଝିଗଲା । କ୍ଷମା କରନ୍ତୁ ଗୌରାଦି, ଏମିତି କିଛି ବି ବାକି ନାହିଁ, ତ ସବୁ ଶେଷ ହୋଇଗଲା । ଏଇଠିକା ଲୋକଙ୍କୁ କେବଳ ଜଣା ନଥିବ । ଆପଣ କିଛି ପଚାରିବା ପୂର୍ବରୁ ମୋ କଥା ଟିକେ ଶୁଣି ନିଅନ୍ତୁ । ମୁଁ ମୋ ଇଚ୍ଛାରେ ମଠ ଛାଡ଼ିନି, କି ମୋ ଇଚ୍ଛାରେ ସଂକଳ୍ପ ଛାଡ଼ିନି । ମୁଁ ମଠ ଛାଡ଼ି ଦେଲି କାହିଁକିନା, ତାହା ଏବେ ଅଧର୍ମର ସ୍ଥାନ ହୋଇଗଲା । ମୋ ଅନ୍ତର୍ମନରେ ଆଜି ବି ବାବା ଶିଖାଇଥିବା ଗୀତାବାଣୀ, ଏକାଗ୍ରତା ଓ ଆଦର୍ଶ ପାଥେୟ ହୋଇ ରହିଛି । ଏହା ସତ୍ୟ । କିନ୍ତୁ ସତ୍ୟକୁ ଗ୍ରହଣ କରିବା ବଡ଼ କଠିନ ଗୌରାଦି । କୋଠରୀର କାନ୍ଥ ପରି ଅସ୍ତିତ୍ୱର କାନ୍ଥ ବି ମୋ ଅନ୍ତର୍ମନ ଭିତରେ ସୁଦୃଢ଼ ରହିଛି । କେଉଁ ଦିଗକୁ ତ ମୋତେ ମୋ ଭିତରେ ଥିବା କାନ୍ଥକୁ ପିଠି ଆଉଜି ବସିବାକୁ ପଡ଼ିବ । ମୁଁ ମଠର ଅଧର୍ମୀ ଆଡ଼କୁ ପିଠି କରି ଦେଇଛି । ରିଚାର କଥାରେ ତେଜଭରା ସଂକଳ୍ପ ଥିଲା ।

ଗୌରା କହିଲା, ମୁଁ ତୁମର କଣ ଓ କାହିଁକି ଶୁଣିବାକୁ ଆସିନାହିଁ । ବୀରୁ କହୁଥିଲେ ତୁମେ ସାରାଦିନ ଚୁପଚାପ ବସି ରହୁଛ ବୋଲି । ଏଠି ଗୋଟେ ମହିଳା ସଂସ୍ଥାରେ ସଂଗୀତ ଶିକ୍ଷା ଦେବାକୁ ଚାହିଁବ କି ? ତୁମର ସମୟ କାଟିବା ସହ କିଛି ରୋଜଗାର ବି ହୋଇଯିବ । ମୁଁ କଥାବାର୍ତ୍ତା କରି ସାରିଛି ମତାମତ କଣ ? ହଁ ବୁଝିବି କି ?'

ରିଚା ସଙ୍ଗେ ସଙ୍ଗେ ମୁଣ୍ଡ ହଲାଇ ଦେଲା ।

ତା' ହେଲେ ଠିକ୍ ଅଛି, ମୋ ଗାଡ଼ି ଆସିବ, ତୁମକୁ ଏଇଠି ନେଇଯିବ । ସେଇଠି ମୁଁ ଥିବି । ଏତିକି କହି ତୀର ବେଗରେ ଗୌରା ବାହାରି ଚାଲିଗଲା, ସିଧା ଗାଡ଼ିରେ ବସିଗଲା ।

ରିଚାକୁ ଜମା ଭଲ ଲାଗୁ ନଥିଲା । ତା' ଦେହ ଖରାପ ହେବାର ସୂଚନା ମିଳୁଥିଲା । ଦୁଇମାସ ହେବ ତାର ମହିଳା ସଂସ୍ଥାର ସଂଗୀତ ଶିକ୍ଷା ଦେବା । ଅସମ୍ଭବ, ଅସାଧ୍ୟ ନୁହେଁ ଜୀବନ ବିତାଇବା ଭାବୁ ଭାବୁ, ତାର ଦେହ ଖରାପ ହେବାକୁ ଲାଗିଲା । ଏ ପର୍ଯ୍ୟନ୍ତ କେତେ ଉଠାପକା ରାସ୍ତା ଦେଇ ଚାଲିଲା, କେତେ ବାଧାବିଘ୍ନ ସହିଲା, ସେ ଆଉ କିଛି ବାଟ ଚାଲିଯିବ ଭାବିଲା ବେଳକୁ ତା' ପାଦ କିଏ ଟାଣି ଧରିଲା । କିଛିଦିନ ଲଗାତର ସକାଳୁ ସକାଳୁ ବାନ୍ତି ଲାଗି ରହିଲା । ମାସିକ ଧର୍ମ ବନ୍ଦ ହୋଇ ଯାଇଥିଲା । ଟୁକଟୁକୀ ରିଚା କାନରେ ଫୁସଫୁସ କରି କଣ କହିଲା ଯେ ରିଚା ସଂଜ୍ଞା ଶୂନ୍ୟ ହୋଇ ପଡ଼ି ରହିଲା । ତା' ହୋସ ଆସିଲା ବେଳକୁ ବୀରୁ ତା' ପାଖରେ ଠିଆ ହୋଇଥିଲା, ତାର ହାତକୁ ଧରି ।

'ବୀରୁ, ଭଙ୍ଗା କାନ୍ଥରେ ପାପର ଫୁଲ ଫୁଟିବ । 'ରିଚା ଧୀର ସ୍ୱରରେ କହିଲା ।

ପାପ ଶବ୍ଦ ଶୁଣି ବୀରୁକୁ ଲାଗିଲା ତା' ମସ୍ତିଷ୍କକୁ କିଏ ହାତୁଡ଼ିରେ ପିଟି ଦେଲା । ବୀରୁ କହିଲା, 'ପାପ' ଏ ଶବ୍ଦ ତୁମ ଓଠରେ ଶୋଭା ପାଉନି । ରିଚା, ପାପ-ପୂଣ୍ୟ, ଧର୍ମ-ଅଧର୍ମକୁ ମୁଁ ମାନେ ନାହିଁ । ତୁମକୁ ଏ ଶବ୍ଦରୁ ମୁକ୍ତ କରିବାକୁ ମୋତେ ଯଦି ତୁମକୁ ବାହା ହେବାକୁ ପଡ଼େ ମୁଁ ବାହା ହେବା ପାଇଁ ପ୍ରସ୍ତୁତ । ପ୍ରତି ମୁହୂର୍ତ୍ତରେ ଆମେ ଦୁହେଁ କାହିଁକି ଦୁହେଁ ଦୁହିଁଙ୍କ ପାଇଁ କାହିଁକି ମୃତ୍ୟୁ ଲଭିବା । ତାହାଠାରୁ ଭଲ ଗୋଟିଏ ଥରରେ ମରିଯିବା' । ବୀରୁ ଆକ୍ରୋଶରେ ସିନା କହିଗଲା । ରିଚାର ଜଡ଼ବତ ଅବସ୍ଥା ଦେଖି ଚୁପ୍ ହୋଇଗଲା । ରିଚା ସ୍ତବ୍ଧ । ବୀରୁର ଆକ୍ରୋଶ, ଆଖିରେ ପୀଡ଼ା, ଶବ୍ଦରେ କ୍ରୋଧ ଦେଖି ।

ରିଚାର ଆତ୍ମା କହୁଥିଲା, 'ହେ ମୋର ଆତ୍ମବନ୍ଧୁ, କୋଟି କୃତଜ୍ଞତା, ଶ୍ରଦ୍ଧା ସ୍ନେହ ଭରା ଦୃଷ୍ଟିକୁ ଆପଣି କରୁଛି, ଅଭିନନ୍ଦନ କର । ସ୍ୱୀକାର କର । ଦେହ ନୁହେଁ । ନୀରବରେ ରିଚା ବୀରୁକୁ ଚାହିଁ ରହିଥିଲା ।

ଖବର କଣ ଲୁଚି ରହିବ । ଇତି ଜାଣିଲା, ସେ ଆସି ପହଞ୍ଚିଲା । 'ବୀରୁ ଏ ତ ରିଚାର ବ୍ୟକ୍ତିଗତ କଥା, ଏଥିରେ କିଛିକହିବା ଠିକ୍ ହେବନି । ବୀରୁ କଣ ଇତି ପାଖରୁ ଏହା ଆଶା କରିଥିଲା ?'

ଭୁଲ ବହୁତ ବଡ଼ ଭୁଲ, କାହାଠାରୁ କିଛି ଆଶା କରିବା । ଗୌରା ପହଞ୍ଚିଲା । ରିଚାର ସମ୍ମାନରେ କେମିତି ଆଞ୍ଚ୍ ଆସିବନି । ଗୌରା ଭାବୁଥିଲା, ଅଳ୍ପ ସମୟ ପରେ କହିଲା । ଏଥିରୁ ରିଚା ନିସ୍କୃତି ପାଇବାକୁ ହେଲେ ବିବାହ ନହେଲେ ଆବରସନ୍ । ବୀରୁ ପୁରାପୁରି ଚୁପ୍ । ଏ ସମସ୍ୟାର ସମାଧାନ କେମିତି ହେବ ସମସ୍ତେ ଭାବୁଥିଲେ । କିନ୍ତୁ ସମାଧାନ କେବଳ ରିଚା ପାଖରେ ଥିଲା । ରିଚା ଯାହା ନିଷ୍ପତ୍ତି ନେବ, ତାକୁ ସମସ୍ତେ ଗ୍ରହଣ କରିବେ ଆଉ କଣ କରାଯାଇପାରେ ? ତା'ର ନିର୍ଣ୍ଣୟକୁ ସମ୍ମାନ ଦେବା ହିଁ ତା' ପାଇଁ ସାନ୍ତ୍ୱନ । ରିଚା ନିର୍ଭୟରେ ନିଃସଂକୋଚରେ ଯାହା ନିର୍ଣ୍ଣୟ ନେବ ।

ବୀରୁ ଗୌରାକୁ କହିଲା, ନିର୍ଣ୍ଣୟ ରିଚାର ଯାହା ବି ହେଉ, ରହିବା ପାଇଁ ଗୋଟେ ଘରର ବ୍ୟବସ୍ଥା କରି ଦେଲେ ମୋର ଟିକେ ବଳ ଆସନ୍ତା । ଗୋଟିଏ ଘରର ବ୍ୟବସ୍ଥା କରିବାକୁ ଅନୁରୋଧ ରହିଲା । 'ଗୌରା ବି ହେଁ କହି ଆଶ୍ୱସ୍ତ କରାଇଲା । ବୀରୁ ମନେ ମନେ ଖୁସି ହେଲା । ସେ ଖୁସି ସହ ରିଚା ପାଖକୁ ଗଲା । ରିଚା ପଚାରିଲା ।' କଣ ହେଲା ବାସୁ ଏତେ ଖୁସି ଜଣା ପଡୁଛ । କଣ ଭାନୁମତୀର ପେଡ଼ି ମିଳିଲା କି ?'

'ଖୁସି ହେବା କଣ ଦୋଷ ? ଶୁଣ ରିଚା ଖୁସି ଏଇଥି ପାଇଁ କି ଗୌରା ଗୋଟେ ଘର ବୁଝି ଦେବ । ଏଇଠି ତ ଆଉ ସମସ୍ତେ ବେଶୀ ଦିନ ରହି ପାରିବାନି । ଗୋଟେ ଛାତ ମିଳିଗଲେ, ସେଥିରେ ଆମେ ଆମ ଅତୀତ ସହିତ ନୁହେଁ, ଭବିଷ୍ୟତ ସହିତ ଜୀବନ ନିର୍ବାହ କରିବା । ବୁଝିଲ ।'

ରିଚା କହିଲା, 'ଘର ମିଳିବା ସ୍ୱପ୍ନ ଟୁକ୍‌ଟୁକୀକୁ କୁହ ନାହିଁ । ସେ ଶୁଣିଲା ମାନେ ଇତି ସାମ୍ନାରେ କହିଦେବ । ଇତିକୁ କଣ ଲାଗିବ ନା ନାହିଁ । ଇତିଙ୍କର ସିଗାରେଟ ପିଇବା, ମଦ ପିଇବା ଟୁକଟୁକୀକୁ ବିଲକୁଲ ପସନ୍ଦ ନୁହେଁ । ଏଇଟା ତ ତାଙ୍କ ଘର । ତାଙ୍କର ଭଲ ଅଭ୍ୟାସ କି ଖରାପ ଅଭ୍ୟାସରେ କାହାର କିଛି କହିବାର ନାହିଁ । ଆଜି ଦୁଇଟି ଆଲେଖ୍ୟ ଲେଖିଛି । ଯଦି ପସନ୍ଦ ଆସିବ କେଉଁଥିରେ ଛାପିବାକୁ ଦେବ । ମୁଦ୍ରଣ ଅକ୍ଷର ଦେଖିଲେ, ତା'ର ସ୍ୱାଦ ନିର୍ଣ୍ଣୟ ନିଆରା ହେବ ।'

ଖାଇବା, ବୁଲିବା, ସମାଜସେବା ଓ ଲେଖାଲେଖିରେ କିଛି ମାସ ବିତିଗଲା । ବିରୁ ନୀରବରେ ରିଚାର ମାଆ ହେବା କଥାକୁ ସ୍ୱୀକାର କରି ନେଇଥିଲା । କିନ୍ତୁ ଭିତରେ ରିଚାର ଏ ନିର୍ଣ୍ଣୟକୁ ଗ୍ରହଣ କରି ପାରୁ ନଥିଲା । ଶତାବ୍ଦୀ ଯେତେ ଆଗକୁ ଗଲେ ବି ଭାବନା କେବେ ବଦଳିବନି । କାରଣ ଅନ୍ୟକୁ ଆପଣାଇବା ଏତେ ସହଜ ନୁହେଁ । ତାର ଅନ୍ତର୍ଦ୍ୱନ୍ଦ ଚାଲି ଥିଲା ମନ ଭିତରେ । ହଠାତ୍ ଦିନେ ରିଚା ସାମ୍ନାରେ ପ୍ରସ୍ତାବ ରଖି ଦେଲା, ରିଚା ଛୁଆ ଜନ୍ମ ହେବା ପୂର୍ବରୁ ଆମେ ଯଦି ବିବାହ କରିନେବା । ତା' ହେଲେ ଏ ଶିଶୁକୁ ସମାଜର ସ୍ୱୀକୃତି ମିଳିଯିବ ।

ରିଚା ହତପ୍ରଭ ହୋଇ ଚାହିଁଲା । ଇଏ କି ପ୍ରକାର ପ୍ରସ୍ତାବ ? କଣ ହେଲା ବୀରୁ, ତୁମର ବାଲ୍ୟସାଥୀଠାରୁ ବିଶ୍ୱାସ ଉଠିଗଲା କଣ ? ତୁମେ କାହିଁକି ଡରୁଛ ? ମୁଁ ସମାଜକୁ ସାମ୍ନା କରିବାକୁ ସମର୍ଥ । ଆଉ ଶିଶୁକୁ ବି ସମର୍ଥ କରିପାରିବି । ତୁମେ ତ ଅଛ ନା ? ତୁମେ ସାଙ୍ଗରେ ଥିଲେ କାହାକୁ ଭୟ ? ଜାଣିଛ କଥା ବିଶ୍ୱାସର ନୁହେଁ, ତୁମେ ଲୋକମାନଙ୍କ ଆଡୁସାଡୁ କଥାକୁ ଭୟ କରୁଛ । ଆମେ ଦୁହେଁଦୁହିଁଙ୍କୁ ବିଶ୍ୱାସ କରୁଛେ । ଲୋକମାନଙ୍କ କଥା କାହିଁକି ଶୁଣିବା ?'

ତାକୁ ଲାଗିଲା ବୀରୁ ସଂପୂର୍ଣ୍ଣ ଆଶ୍ୱସ୍ତ ହୋଇ ନାହିଁ । ତାକୁ କହିବାକୁ ପଡ଼ିଲା, 'ବୀରୁ, ଆମେ ଦୁହିଁଙ୍କର ଆତ୍ମିୟ ସଂପର୍କରେ ପ୍ରେମ ପରି ଶବ୍ଦ ବହୁତ ନିମ୍ନ ଓ ନିରର୍ଥକ ଭାବନା ପରି ଲାଗୁଛି । ଆମର ଦୁହେଁ ଦୁହିଁଙ୍କ ପ୍ରତି କଣ ସମ୍ବେଦନା ଅର୍ଥହୀନ ? ତୁମ ମାନସିକ ଉପଚାର ପାଇ ବିବାହ ବା ଅନ୍ୟ କୌଣସି ବିକଳ୍ପ ନାହିଁ ସଖା । ଯେଉଁ ଭାବନାର ପଙ୍କରେ ତୁମେ ପଶି ବାଟବଣା ହେଉଛ, ସେ ଭାବନାର ନାଁ ହେଉଛି ଲୌକିକ ପ୍ରେମ ଏବଂ ସାମାଜିକ ଭୟ । ଆମର ଆତ୍ମିୟତା । ନାରୀ- ପୁରୁଷ ସଂପର୍କରେ ନୁହେଁ । ତୁମେ ପଳାୟନ କରୁଛ ବୀରୁ । ମୋତେ କିନ୍ତୁ ବାବାଙ୍କର ସଂସ୍କାର ମିଳିଛି । ପ୍ରତ୍ୟେକ ସତ୍ୟର ସ୍ଥିତିରେ ଠିଆ ହେବା ପାଇଁ ଶକ୍ତି ମିଳିଛି । ବିରୁ ଯଦି ବିବାହ ସମସ୍ୟାର ସମାଧାନ, ତା' ହେଲେ ମୁଁ କୌଣସି ବିଜ୍ଞାପନର ବସ୍ତୁ ନୁହେଁ । ନା ହେବାକୁ ଚାହୁଁଛି । ବୀରୁ କେବଳ ତୁମେ ଜଣେ, ଯାହା ସାମ୍ନାରେ ମୁଁ କହି ପାରୁଛି ନିଜର ହୋଇ, ମୋ ଯୁଦ୍ଧ ସମାଜ କି ମଠ ସହ ନୁହେଁ । ମୋର ଅସ୍ତିତ୍ୱର ଯୁଦ୍ଧ ସେ ଆବେଗ ସହ । ଯିଏ ଭିତରେ ବଳ ମାଧ୍ୟମରେ ଗୋଟିଏ ସାର୍ଥକତା, ନୀରବ ଜୀବନ ଜିଇବା ପାଇଁ ପ୍ରୋତ୍ସାହନ କରୁଛି । ଏବଂ ଆଗକୁ ନେଇ ଯିବାକୁ ତତ୍ତ୍ୱର ସାହାରା ନେବାକୁ ପରିଚୟ ଦେଉଛି । ଅର୍ଥହୀନତାର ଅନୁଭୂତିଠାରୁ ଉଚ୍ଚରେ । ମୋର ବିକାଶର ସାଧନର ସହାୟତା କରିବ ବୋଲି ଆଶା । ବୀରୁ ଯାହା ଆଜି ହେଉଛି, କି ହୋଇସାରିଛି, ସେ ସବୁ ପ୍ରତ୍ୟେକ ଶତାବ୍ଦୀରେ, ପ୍ରତ୍ୟେକ ବୟସରେ, ପ୍ରତ୍ୟେକ କାଳରେ ଘଟି ଚାଲିଛି । ଚାଲି ଆସୁଛି । ସମସ୍ୟାର ସେହି, କେବଳ ରୂପ, ରଙ୍ଗ, ପରିସ୍ଥିତିର ବ୍ୟତିକ୍ରମ । ଜାଣିଛି ମୁଁ ଏ ଘଟଣାର ବିଶ୍ଲେଷଣ ଖୁବ୍ ଭଲ କରି ଥରେ ହେବ । ତା' ପରେ ସମୁଦ୍ରର ଜୁଆର ପରି ଭିତରକୁ ଚାଲିଯିବ ବେଳାଭୂମି ଛୁଇଁ । ସବୁ ଚୁପ୍‌ଚାପ ନୀରବ ହୋଇଯିବେ । ବାବା ଥରେ କହିଥିଲେ ଜୀବନରେ, ସ୍ୱୟଂ ନିଜେ ନିଜକୁ ଗୋଟେଇ ପୋଟେଇ ଏକାଠି କରିବାକୁ ହୁଏ । ଏକତ୍ରିତ ସହ ସୁରକ୍ଷିତ ରହିବାକୁ ହୁଏ ।

ମୁଁ ଏକତ୍ର ତୁମ ସହିତ ସୁରକ୍ଷିତ ଅଛି । ବୁଝିଲ ବିରୁ । 'ବୀରୁ ଚେହେରା ଉପରେ ଏକ ଗଭୀର ସଂକଳ୍ପର ରେଖାପାତ ହୋଇଗଲା । ସଂଶୟ, ଭୟ, ଧିକ୍କାର ସବୁ ବାଷ୍ପୀଭୂତ ହୋଇଗଲା ।

ରିଚା ଆଶ୍ୱସ୍ତ ସ୍ୱରରେ ବିରୁକୁ କହିଲା, 'ମୋ ଦେହ ଭଲ ଲାଗୁନି ବୀରୁ । ଯଦି ତୁମ ମନରେ କୌଣସି ଶଙ୍କା ରହିଲା, ତା' ହେଲେ ସକାଳେ କଥା ହେବ ।'

(କ୍ରମଶଃ)

♥ ଭୁବନେଶ୍ୱର
(ମୋ): ୯୮୬୧୩୮୫୦୪୬

---

# ନବରାତ୍ର : ପରିଚୟ ଆଉ ଗାରିମାର କଥା 'ପତାକା'



## ଡ. ରାଜକିଶୋର ମିଶ୍ର

ବସନ୍ତ ଏବଂ ଶରତ ଋତୁରେ ଦେବୀ ଆରାଧନା କରାଯାଏ । ଚୈତ୍ର ଶୁକ୍ଳ ଏବଂ ଆଶ୍ୱିନ ଶୁକ୍ଳ ପ୍ରତିପଦାଠାରୁ ନବମୀ ପର୍ଯ୍ୟନ୍ତ ନବଗୌରୀ ବା ନବଦୁର୍ଗାଙ୍କ ପୂଜା ଅନୁଷ୍ଠିତ ହୁଏ । ସର୍ବ ମୂଳରେ ଶକ୍ତି ହିଁ ମୁଖ୍ୟବସ୍ତୁ । ଯେପରି ମାଟି ବିନା କୁମ୍ଭାର ହାଣ୍ଡି ନିର୍ମାଣ କରିପାରେ ନାହିଁ ଏବଂ ସ୍ୱର୍ଣ୍ଣକାର ସୁନା ବିନା ଗହଣା ଗଢ଼ିବାରେ ଅସଫଳ ହୁଏ, ସେହିପରି ମୁଁ ମଧ୍ୟ ଶକ୍ତି ବିନା ସୃଷ୍ଟି ରଚନା କରିବାରେ ଅସମର୍ଥ ଅଟେ ।

କଟକ କେବଳ ଯେ ଏକ ସହର ତାହା ନୁହେଁ ପ୍ରାଚୀନ ଓଡ଼ିଆ ପରମ୍ପରାର ପ୍ରତୀକକୁ ବହନ କରୁଥିବା ଗୋଟେ ଉପଦ୍ୱୀପ ମଧ୍ୟ । ତିନି ପାର୍ଶ୍ୱରୁ ଜଳରାଶି ଘେରି ରହିଥିବା କଟକ ନଗରୀ ଦିନେ କଳିଙ୍ଗ ପ୍ରଦେଶର ରାଜଧାନୀ ଥିଲା । ଏଠାରେ ଚାଲୁଥିଲା ରାଜା ଘରର ପରମ୍ପରା । ଏବେ ଜନବସତି ଗଢ଼ି ଉଠିବା ପରେ ମଧ୍ୟ ପୁରୁଣା ପରମ୍ପରା ଭାଙ୍ଗିନି । ରାଜକୀୟ ଶୈଳୀ କଟକ ନଗରୀର ଅନେକ ପୂଜାପାର୍ବଣରେ ଯାଡ଼ି ହୋଇ ରହିଛି । କୁହାଯାଏ, କଟକ ଭସାଣି ଶୋଭାଯାତ୍ରାରେ ପତାକା ନେବା ପରମ୍ପରା ମଧ୍ୟ ସେଇ ରାଜା ଅମଳରୁ ଆରମ୍ଭ ହୋଇଛି ।

ଦେବୀଙ୍କ ଲେଉଟାଣି ଯାତ୍ରାରେ ସବୁଠୁ ଆଗରେ ରୁହେ ପତାକା । ବିନା ପତାକାରେ ଭସାଣି ଶୋଭାଯାତ୍ରା ଯେପରି ଅସମ୍ପୂର୍ଣ୍ଣ । ସହରର କେତେକ ମୁରବୀ ଶ୍ରେଣୀର ଲୋକେ କୁହନ୍ତି, ରାଜାଙ୍କ ଯାତ୍ରାରେ ପତାକା ସବୁଠୁ ଆଗରେ ରୁହେ । ଦଳବଳ ଘେନି ରାଜା ଯେବେ ଯାତ୍ରା ଆରମ୍ଭ କରନ୍ତି ନିଜ ଶାସନର ସଙ୍କେତ ଥିବା ପତାକାକୁ ଆଗରେ ରଖନ୍ତି । ବିଜୟ ଲାଭ କରି ଫେରିବା ବେଳେ ବି ପତାକାକୁ ଆଗରେ ରଖାଯାଏ । ହଜାର ବର୍ଷର ଏହି ସହରରେ ପତାକା ପରମ୍ପରା ସେବେ ଠାରୁ ରହି ଆସିଛି । କଟକ ନଗରୀରେ ଅନେକ ରାଜା ରହୁଥିଲେ । ରାଜପରିବାର ସଂଖ୍ୟା ଏଠାରେ ବହୁ ଅଧିକ ଥିଲା । ଗଡ଼ଜାତ ରାଜ୍ୟ ବୋଲି ବିବେଚନା କରାଯାଉଥିବା ଅଞ୍ଚଳର ରାଜା ବି ଏଠାରେ ଭବନ ନିର୍ମାଣ କରିଥିଲେ । ଏଣୁ ସମସ୍ତେ ଲେଉଟିବା କିମ୍ବା ଯାତ୍ରା କରିବା ବେଳେ ପତାକା ନେଇ ଯାଆନ୍ତି ଆଉ ଫେରନ୍ତି ମଧ୍ୟ । ମହିଷାମର୍ଦ୍ଦିନୀ ଦେବୀ ଦୁର୍ଗା । ମହିଷାସୁରକୁ ବଧ କରିଥିଲେ । ଏଣୁ ତାଙ୍କ ବିସର୍ଜନ ଯାତ୍ରା ଏକ ଗାରିମାର କଥା । ଏହି ପରିପ୍ରେକ୍ଷୀରେ ପତାକା ବ୍ୟବହାର ହେଉଛି ବୋଲି କଟକର କେତେକ ବରିଷ୍ଠ ଲୋକଙ୍କ ମତ । ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥାକୁ ଏହି ପ୍ରସଙ୍ଗରେ ଏଡାଇ ଦିଆଯାଇନପାରେ । ଭସାଣି ଦିନ ଲୋକେ ପତାକା ଚିହ୍ନି କେହି ଦେଇ ପାରନ୍ତି, ପଛକୁ କେଉଁ ମେଢ଼ ଆସୁଛି । ଯାହାକି୫୨ ବଜାର ୫୩ ଗଳିର ଏହି ସହରରେ ଦଶହରାର ଏକ ବିଶେଷ ପରିଚୟ । ବୋଧହୁଏ କଟକ ବ୍ୟତୀତ ରାଜ୍ୟର କୌଣସି ସ୍ଥାନରେ ଏତେ ଗଳି ନାହିଁ କି ଏଭଳି ରୀତି ନାହିଁ । ପ୍ରତ୍ୟେକ ସାହିର ପତାକା ଚିହ୍ନ ଭିନ୍ନ ଭିନ୍ନ । ଯେତେ ସାହି ସେତେ ମଣ୍ଡପ ଯେତେ ପ୍ରତିମା ସେତେ ପତାକା ।



ବିଭିନ୍ନ ଦେବାଦେବୀ ପୀଠରେ ରହିଥିବା ପତାକା ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥାଏ । ଏହି ପତାକା ପରମ୍ପରା ବହୁ ବର୍ଷ ଧରି ରହି ଆସିଛି । ବିଶେଷକରି ପାର୍ବଣରେ ବିଭିନ୍ନ ପୂଜା କମିଟିର ଭସାଣ ଶୋଭାଯାତ୍ରାରେ ଭିନ୍ନ ଭିନ୍ନ ପତାକା ବହନ କରିଥାଏ ସ୍ୱତନ୍ତ୍ର ପରିଚୟ । ଏହା କଟକ ସହରର ଭାଇଚାରର ଜ୍ୱଳନ୍ତ ନିଦର୍ଶନ । ବିଶ୍ୱର ଆରାଧ୍ୟ ଦେବତା ଜଗନ୍ନାଥଙ୍କର ଯେଭଳି ପତାକା ରହିଛି ଠିକ ସେହିଭଳି ମଙ୍ଗଳାବାଗର ଗ୍ରାମଦେବୀ ବାଘମଙ୍ଗଳା ଥିବାରୁ ପତାକାରେ ବାଘ ପ୍ରତୀକ ରହିବା ଆମର ଏକ ସ୍ୱତନ୍ତ୍ର ପରିଚୟ । ଭସାଣ ଶୋଭାଯାତ୍ରାରେ ପତାକାରେ ବାଘ ଚିହ୍ନ ଦେଖି ଏହା ମଙ୍ଗଳାବାଗର ଶୋଭାଯାତ୍ରା ବୋଲି ଲୋକେ ଦୂରରୁ ଜାଣି ପାରନ୍ତି ।

ମାତୃଜାତିକୁ ଏଥିରୁ ରକ୍ଷା କରିବା ପାଇଁ ଆସନ୍ତୁ ଆମେ ମହାମାୟା ଦେବୀ ଦୁର୍ଗାଙ୍କୁ ସମର୍ପଣର ଭାବ ନେଇ ଆମନ୍ତ୍ରଣ କରିବା ଏହି ଶାରଦୀୟ ପାର୍ବଣ ଅବସରରେ । ମା'ଙ୍କୁ ଆମେ ସନ୍ତାନଗଣ ପ୍ରାର୍ଥନା କରିବା ସବୁ ସୁଖସୁବିଧା ଦିଅନ୍ତୁ । ମାତ୍ର ଏସବୁ ଠିକ ଭାବେ ଉପଭୋଗ କରିବା ଲାଗି ବିବେକ ବି ଦିଅନ୍ତୁ । ଅନ୍ତରରେ କାମନାବାସନା ଧ୍ୱଂସ ସହ ବିବେକ ଉଦ୍ରେକ ନହେଲେ, ସବୁଥାଇ ମହିଷାସୁର ପାଲଟିବା ହିଁ ସାର ହେବ । ଯାହା ଆଜିର ଦୁନିଆରେ ଦେଖାଯାଉଛି । ଏଣୁ ମାତୃଚରଣରେ ବନ୍ଦନା କରି ଗାଇବା । ମହିଷାସୁର - ନିର୍ଣ୍ଣାଶୀ ଭକ୍ତାନାମ୍ ସୁଖଦେ ନମଃ, ରୂପଂ ଦେହି ଜୟମ୍ ଦେହି ଯଶୋ ଦେହି । ଦ୍ୱିଷୋ ଜହି ।

♥ ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ,
କଳାବିକାଶ କେନ୍ଦ୍ର ମାର୍ଗ, କଟକ

---

### ଛୋଟ ଗପ

# ପରିତୃପ୍ତ କ୍ଷୁଧାର୍ତ୍ତ



## ଶ୍ରୀ ଶ୍ୟାମା ପ୍ରସାଦ ମିଶ୍ର

ନିର୍ମଳା ଦେବୀଙ୍କ ଆଖିରେ ବାଦଲଫଟା ବର୍ଷା ଜନିତ ବନ୍ୟାଠୁଁ ବି ଅଧିକ ଲୋତକର ଶ୍ରାବଣୀ- ଧାରା ଦେଖି ସାନପୁଅ ଲୁଟୁ ପଚାରିଲା ତାହାର କାରଣ ଏବଂ ସେ ଉତ୍ତର ଦେଲେ କିଛି ଏହିପରି ।

ସେଦିନ ଥାଏ ଶ୍ରାବଣ ଅମାବାସ୍ୟା ଅର୍ଥାତ ଚିତୋଉ ଅମାବାସ୍ୟା ୧୯୯୪ ମସିହା ଏବଂ ଆଜି ମଧ୍ୟ ହେଉଛି ଠିକ୍ ସେହିଦିନ, ଭିନ୍ନ କେବଳ ଏତିକି ଯେ ଆଜି ୨୦୨୪ ମସିହା । ନ ହେଲେ କି ଅପୂର୍ବ ସଂଯୋଗ, ଉଭୟ ଦିନର ତାରିଖ ଅଗଷ୍ଟ ୦୩ ତାରିଖ । ଏହି ଦିନଟିରେ ୧୯୯୪ ମସିହାର ଏକ ଅଭୁଲା ଘଟଣା ଘଟିଥିଲା ଏବଂ ସେହି ଏକା ଦିନରେ ୨୦୨୪ ମସିହାରେ ତୋ' ବାବା ଆରପାରିକୁ ଚାଲିଯାଇଛନ୍ତି । ଏ ସବୁ ଘଟଣା ନିର୍ମଳ ଦେବୀଙ୍କ ମନ କାନଭାସରେ ସ୍ୱତଃ ଚଳଚ୍ଚିତ୍ରବତ୍ ଫ୍ଲାସବ୍ୟାକ୍ ଷ୍ଟାଇଲ୍‌ରେ ଆସିଯାଉଛନ୍ତି ।

ସେତେବେଳେ ସୁନ୍ଦରପୁର ଗାଁରେ ରହୁଥାନ୍ତି ଆମ ପରିବାର, ପରିବାର କହିଲେ ତୋ ବାପା ଭୋଳା, ତାଙ୍କର ବାପା, ମୁଁ ଓ ମୋର କଳିଜାର ଚାରିଟି ଅଂଶ ଅର୍ଥାତ୍ ତୁମେମାନେ (ଟୁଟୁ, ମୁଟୁ, ବୁଟୁ , ଓ ଲୁଟୁ ) । ତୋର ବଡ଼ଭାଇ ଟୁଟୁ ଭାରି ହୁସିଆର୍ । ସେ ପାଠରେ ବହୁତ ଆଗୁଆ । ସ୍କୁଲରେ ସର୍ବୋଚ୍ଚ ନମ୍ବର ରଖେ ପ୍ରତ୍ୟେକ ପରୀକ୍ଷାରେ । ଏସବୁ ଯୋଗୁଁ ସେ ବିଦ୍ୟାଳୟରେ ହୋଇଥାଏ ଜହ୍ନମାମୁଁ । ସେତେବେଳେ ବିଦ୍ୟାଳୟ ମାନଙ୍କରେ ପ୍ରାୟତଃ ଶିକ୍ଷୟିତ୍ରୀ ଦେଖିବାକୁ ମିଳୁ ନ ଥିଲେ । ତେଣୁ ପ୍ରତ୍ୟେକ ଶିକ୍ଷକଙ୍କ ମୁହଁରେ କେବଳ ଗୋଟିଏ ନାଁ 'ଟୁଟୁ' । ସେ ମଧ୍ୟ ଅତି ଆନନ୍ଦରେ ସବୁ ଶିକ୍ଷକଙ୍କ ଚାହିଦା ଅନୁଯାୟୀ ତାଙ୍କର ଆଦେଶ ପାଳନ କରିବା ସହ ପାଠ ମଧ୍ୟ ପଢା ଜାରି ରଖିଥାଏ ।

ଗୋଟିଏ ପରେ ଗୋଟିଏ ପାହାଚ ଚଢି ଟୁଟୁ ପାଦ ଥାପିଲା ଅଷ୍ଟମ ଶ୍ରେଣୀରେ । ସପ୍ତମ ଶ୍ରେଣୀରେ ବୋର୍ଡ୍ ପରୀକ୍ଷାରେ ସେ ହୋଇଥିଲା ବ୍ଲକ୍ ଟପ୍ପର୍ , ଏଣୁ ହାଇସ୍କୁଲକୁ ଆସିବା ପରେ ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲା ।

ତୋ ବାପା ଥିଲେ ଧନରେ ଗରିବ କିନ୍ତୁ ମନରେ ନୁହେ । ତାଙ୍କ ମନରେ ଥାଏ ନିଜେ ସିନା ଉପାସ ରହିବେ, ହେଲେ ପରିବାରରେ କେହି ଉପାସ ରହିବେ ନାହିଁ, ଏଣୁ ସମସ୍ତଙ୍କ ମୁହଁରେ ହସ ଫୁଟାଇବା ପାଇଁ ସେ ଦିନରାତି ଏକ କରି ପରିଶ୍ରମ କରନ୍ତି କେବେକେବେ ପୁରୋହିତ କାମ ତ, କେବେ ବିଲରେ ମୁଲିଆ ଲଗାଇ ଚାଷବାସ କରୁଥାନ୍ତି, ଏ ସବୁ ଯୋଗୁଁ ଆମର ଗୁଜୁରାଣ ମେଣ୍ଟିଯାଉଥାଏ ।

ଏତିକି ବେଳକୁ କଥା ମିଶାଇଲେ ଭୋଳାର ପଡୋଶୀ ରମାଦେବୀ - ଆଉ ତା ସ୍ତ୍ରୀ ନିର୍ମଳ ଦେବୀ ମଧ୍ୟ ଭୋଳାର ଅନୁରୂପ ଜଣେ ବ୍ୟକ୍ତିତ୍ୱ, ସେ ଥିଲେ ଭୋଳାର ସହଧର୍ମିଣୀ, ସହକର୍ମିଣୀ ଓ ସ୍ୱାମୀ ଆଜ୍ଞାପାଳନକାରିଣୀ, ସେ ଭୋଳାର ପ୍ରତ୍ୟେକ କଥାରେ ରାଜି ହୋଇ ସଂସାର ନାଁ'କୁ କେତେବେଳେ କାତ ତ କେତେବେଳେ ଆହୁଲା ମାରି ସୁରୁଖୁରୁରେ ଚଳାଏ ନେଉଥାଏ ।

ଅଷ୍ଟମ ଶ୍ରେଣୀରେ ଟୁଟୁ ପଢୁଥିବା ବେଳେ ତାଙ୍କ ସ୍କୁଲରେ ଠିକ କଲେ ଏକ୍ସକର୍ସନ ଯିବା ପାଇଁ । ଚାନ୍ଦା ଥାଏ ଶହେଟଙ୍କା । ତାର ସବୁ ସାଙ୍ଗ ସାଥି ଯିବାକୁ ଚାନ୍ଦା ଦେଇସାରିଲେଣି । ଏକଥା ଟୁଟୁ ଆସି ଜଣାଇଲା ତା ବୋଉକୁ । ତା' ବୋଉ ଦେଖିଲେ ଘରେ ଅଛି ମାତ୍ର ଦୁଇ ଟଙ୍କା । ତୋ ବାପା ଯାଇଥିଲେ ବ୍ରହ୍ମପୁର କୌଣସି କାମରେ ଲେଉଟିବେ ସନ୍ଧ୍ୟାରେ, ଠିକ୍ ଯେପରି ପକ୍ଷୀଟିଏ ଉଡ଼ିଯାଏ ସୁଦୂର ଇଲାକାକୁ ସବିତା ଦେବତାଙ୍କ ଲେଉଟାଣି ସହ ଫେରି ଆସିବେ ନୀଡ଼କୁ । ପୁଅର ଖୁସିରେ ଅନ୍ତରାୟ, ଅର୍ଥାଭାବ । କିନ୍ତୁ ସେ ପଡୋଶୀଙ୍କଠୁ ଉଧାର ଆଣି ପୁଅକୁ ଦେଲେ ।

ଶୀତଦିନ, ସେ ଦିନ ଥିଲା ରବିବାର । ଶୀତର ପ୍ରକୋପରେ ସମ୍ଭାଳୁଆରୁ ସଦ୍ୟ ପ୍ରସ୍ଫୁଟିତ ପ୍ରଜାପତିଟି ମଧ୍ୟ ଖୋସାରୁ ବାହାରିବାକୁ ଇଚ୍ଛା କରୁ ନ ଥିବା ବେଳେ ଟୁଟୁ କିନ୍ତୁ ଗାଧୋଇ ପାଧୋଇ ଚାରିଟା ବେଳକୁ ବସ୍ ଛାଡିବ ବୋଲି ନିଜ ବେଗ ଧରି ବାହାରିଲା ଏକ୍ସକର୍ସନ ଯିବା ପାଇଁ । ତାକୁ ନିର୍ମଳାଦେବୀ ହାତରେ ଦେଇଥିଲେ କୋଡ଼ିଏ ଟଙ୍କା ମାତ୍ର ଓ କହିଥିଲେ ଭୋକ ଲାଗିଲେ ପୁରୀ, ଉପମା, ବିସ୍କୁଟ,ଚକଲେଟ ଖାଇବା ପାଇଁ । ଗାଡି ପ୍ରଥମେ ରଖିଲା ନୟାଗଡ଼ଠାରେ । ସବୁ ପିଲା ଓହ୍ଲାଇ ମନ ଖୁସିରେ ମନ ପସନ୍ଦର ଜଳଖିଆ ଖାଇଲେ, କିନ୍ତୁ ଟୁଟୁ ଗାଡ଼ିରେ ବସିଥାଏ ଏକାକୀ । ତା ମନରେ କେବଳ ଉଙ୍କି ମାରୁଥାଏ କିପରି ତା ବୋଉ ପ୍ରବାସିନୀ ଦେବୀଙ୍କଠାରୁ ହାତ ଉଧାରୀ ଆଣି ତାକୁ ଦେଇଥିବାର ଦୃଶ୍ୟ ।

ନଅ'ଟା ବେଳେ ଗାଡି ଲାଗିଲା ଅତ୍ରିଠାରେ । ସମସ୍ତେ ଗାଧୋଇଲେ ଓ ତାଙ୍କ ସହ ଟୁଟୁ ମଧ୍ୟ ଗାଧୋଇ ପଡିଲା । ସେଠାରେ ସୁଜି ତରକାରୀ ସମସ୍ତେ ଖାଇଲେ ଏବଂ ଟୁଟୁ ବି ଆନନ୍ଦରେ ଖାଇବାକୁ ବସିଗଲା କିନ୍ତୁ ଏ କ'ଣ ତା' ତୁଣ୍ଡକୁ କିଛି ଯାଉନାହିଁ । ତା'ର କେବଳ ମନେ ପଡୁଚି ସେଇ ଗୋଟିଏ ଦୃଶ୍ୟ । ତା'ପରେ ସେମାନେ ବୁଲିଗଲେ ଲିଙ୍ଗରାଜ ମନ୍ଦିର, କେଦାର ଗୌରୀ ଓ ନନ୍ଦନକାନନ । ସେଠାରେ ରୋଷେଇ ହେଲା ଏବଂ ସମସ୍ତେ କଲେ ମଧ୍ୟାହ୍ନ ଭୋଜନ, ଏଥର କିନ୍ତୁ ଟୁଟୁ ଭୋକ ସମ୍ଭାଳି ନ ପାରି ଦି' ଗୁଣ୍ଡା ଭାତ କଷ୍ଟେମଷ୍ଟେ ଗିଳିଦେଲା । ଏବେ ସମସ୍ତେ ଯିବେ ପୁରୀ, ସେଠାରେ କାଳିଆ ସା'ନ୍ତଙ୍କୁ ନିଜ ନିଜର ଦୁଃଖ ଜଣାଇ ପୁଣି ଫେରି ଆସିବେ ନିଜ ସ୍କୁଲକୁ, ଆଉ କେଉଁଠି ଖାଇବା ପିଇବାର ବ୍ୟବସ୍ଥା ନାହିଁ, ଏଣିକି ଯିଏ ଖାଇବ ନିଜ ହାତରୁ ନିଜ ପକେଟରୁ ଖର୍ଚ୍ଚ କରି ।

ଟୁଟୁକୁ ଭାରି ଭୋକ କାରଣ ସେହି ନିର୍ଦ୍ଦିଷ୍ଟ କାରଣ ତାକୁ ବାରମ୍ବାର କରୁଥିଲା ଆନମନା ଓ ସେ ଭାବନା ରାଜ୍ୟରେ ବୁଡ଼ିଯାଉଥିଲା । ଏଣୁ ସେ ଖରାବେଳେ ଭଲ ଭାବେ ପେଟ ପୁରା ଖାଇପାରି ନ ଥିଲା । ବସ୍ ପୁରୀ ବଡ଼ଦାଣ୍ଡରେ ଲାଗିବା କ୍ଷଣି ସମସ୍ତେ ଓହ୍ଲାଇଲେ । ତା ସାଙ୍ଗ ସାଥି, ଶିକ୍ଷକ, ସମସ୍ତେ ଖୁସିରେ ଲାଗିଗଲେଣି କିଣାକିଣିରେ । କିଏ ଜଗନ୍ନାଥ ବଳଭଦ୍ର ସୁଭଦ୍ରା ମୂର୍ତ୍ତି, ତ କିଏ ମାଳି ମୁଦି, କିଏ ଡୋର ତ କିଏ ଚୁମ୍ବକ ଲାଗିଥିବା ଫଟୋ ଯାହା ଲୁହା ଆଲମାରୀରେ ଲାଗି ପାରିବ । ସମସ୍ତେ ଜିନିଷ କିଣି ସାରିବା ପରେ ବସରେ ରଖି, ଖାଇବାରେ ଲାଗିପଡ଼ିଲେ ଯେହେତୁ ସମସ୍ତେ ଭୋକିଲା । କିଏ ଅବଢ଼ା ତ କିଏ ହୋଟେଲରେ ପନିର ତରକାରୀ, ଛତୁ ପକଡା, କିଏ ଗାରି ଚପ୍ ତ କିଏ ଛେନା ମିଠା ।



ଟୁଟୁ କେବଳ ଦେଖୁଥାଏ, ଏଣେ ତା' ପେଟରେ ମୂଷାମାନେ ଖେଳିଲେଣି କବାଡି । କରଡ଼ି ଜଳିଲାଣି, କ'ଣ କରିବ ସିଏ । ସେ ଏତେ ପର୍ଯ୍ୟନ୍ତ ଗାଡ଼ିରେ ବସି ରହିଥାଏ ପେଟ କାଟିବା ବାହାନାକରି ସାଙ୍ଗ ମାନଙ୍କୁ ବୁଝାଇ । ବର୍ତ୍ତମାନ ସେ ଭାବିଲା କିଛି ନ ଖାଇଲେ ତାର ଚେତା ହଜିଯିବ । ଓହ୍ଲେଇଲା ବସରୁ ଠିକ୍ ଚତୁର୍ଥୀ ଚନ୍ଦ୍ରଟି ଘୁଷୁରି ଘୁଷୁରି ଆକାଶରୁ ଦିଗବଳୟ ଆଡକୁ ଗଲାଭଳି । ଗଲା ଦୋକାନକୁ । ପଚାରିଲା କୋ ମିଠାଟା କେତେ ଟଙ୍କା । ଦେଖିଲା ମିଠା କିମ୍ବା ଚପ୍ ଗାରି ଖାଇଲେ ତା' କୋଡିଏ ଟଙ୍କାଟା ସରିଯିବ । ଏଣୁ ସେ ଭାବିଲା ଖାଇବ କ'ଣ । ଶେଷରେ ସେ ଦେଖିଲା ବଡ଼ ବଡ଼ ଶାକର ଗଡିଗୁଡିକ ସବୁ ଦୋକାନରେ ଥୁଆ ହୋଇଛି , କିନ୍ତୁ ମନରେ ତା'ର ପ୍ରଶ୍ନ - ଏ କ୍ଷେତ୍ରସନାରୀ ଦୋକାନରେ ଚୁଡ଼ି, ସିନ୍ଦୂର, ମାଳି, ମୁଦି ବିକା ହଉଥିବା ଦୋକାନରେ ଶାକର ଗଡିଗୁଡିକ କାହିଁକି ବିକାଯାଉଛି ?

ଏଣୁ ସେ ସ୍ଥିର କଲା ସବୁଠୁ ଶସ୍ତା ଶାକର ଦୁଇ ଗଡି ଖାଇ ବୋତଲେ ପାଣି ପି' ତା' କ୍ଷୁଧାକୁ ଶାନ୍ତ କରିଦେବ । ସେ ଦୁଇଟି ଶାକର ଗଡି କିଣିନେଲା ଦୁଇ ଟଙ୍କା ବିନିମୟରେ । ଶାକର ଗଡି ଗୁଡିକ ପ୍ରାୟ ସାତ ସେମି ଲମ୍ବ ଓ ପାଞ୍ଚ ସେମି ବ୍ୟାସ ବିଶିଷ୍ଟ, ଦେଖିବାକୁ ଧୋବ ଫରଫର ଏତେ ଯେ ବଗ ମଧ୍ୟ ତା' ଆଗରେ ମାଟିଆ ଲାଗିବ । ସେ ଚାରିଆଡ଼କୁ ଚାହିଁଲା - ତା ସାଙ୍ଗ ସାଥି ଶିକ୍ଷକ କେହି ତାକୁ ଦେଖୁନାହାନ୍ତି ତ ?

ଦୋକାନୀ ଶାକର ଗଡି ଦୁଇଟି ତା' ହାତକୁ ବଢ଼ାଇ ଦେବା କ୍ଷଣି ସେ କାଢୁ କରି ଖଣ୍ଡେ ଚୋବାଇ ଦେଲା ଏବଂ ପ୍ରବଳ ଭୋକକୁ ଶାନ୍ତ ଓ ମନକୁ ତୃପ୍ତ କରିବା ଲାଗି ଓ ତା'ର ମିଠା ପାଣିକୁ ଶୋଷିବାକୁ ଲାଗିଲା । କିନ୍ତୁ ଏ କ'ଣ ? ଏ ଶାକର ଗୁଡିକ ତ ଜମାରୁ ମିଠା ନୁହଁ । ସେ ଦୋକାନୀ ପାଖକୁ ଯାଇ ପଚାରିଲା ଏ କଥା । ଦୋକାନୀ ଜଣକ ପ୍ରଥମେ ତାକୁ କଟମଟ କରି ଚାହିଁଲା, କିନ୍ତୁ ଟୁଟୁର କରୁଣ ଚାହାଣି ତା' ହୃଦୟ ତରଳେଇ ଦେଲା ସମ୍ଭବତଃ; ଏଣୁ ସେ କହିଲା - ଆରେ ବାବୁ , ଏହା ଶାକର ନୁହଁ, ଏ ହେଲା ଖଡ଼ି ଚିତା, ଯାକୁ ଘୋରି ମଥାରେ ତିଳକ ଲଗାନ୍ତି ।

ଟୁଟୁ ଅଧା ଖାଇଥିବା ଶାକର ଗଡିଟିକୁ ଯେତେ ଦୂରକୁ ପାରିବ ଘୃଣାରେ ଫିଙ୍ଗିଦେଲା ଓ ବୋତଲେ ପାଣି ଢକ ଢକ କରି ପି' ଭୋକକୁ ଶାନ୍ତ କଲା । ଏତିକି ବେଳକୁ ଜଣେ ସାର୍ ତାକୁ ଖୋଜି ଖୋଜି ଆସି ସେ ଡାକିଲେ ଟୁଟୁକୁ ଏବଂ ସାଥିରେ ନେଇ ଚାଲିଗଲେ କାଳିଆ ପାଖକୁ । ଟୁଟୁ ଶ୍ରୀମନ୍ଦିର ଭିତରେ ଦୁଇ ହାତ ଆକାଶକୁ ତୋଳି କାଳିଆ ସାଆନ୍ତକୁ ମାଗିଲା - ଏ ଦୁନିଆରୁ ରୋଗ, ଦୁଃଖ, ଶୋକ ଓ ଭୋକ ଦୂରକରିଦେବା ପାଇଁ କାରଣ ସେ ଶୁଣିଥିଲା 'ପେଟ ପାଇଁ ନାଟ ଓ କାଳିଆ ଚାହିଁଲେ ସବୁ ସମ୍ଭବ' ।

ସେ ମନ୍ଦିରରୁ ଫେରି ଆସିବା ପରେ କିଣିଲା କିଛି ବିସ୍କୁଟ, ଚକଲେଟ୍ ତା ପାଖରେ ବଳି ପଡିଥିବା ଅଠର ଟଙ୍କାରେ । ସେତକ ନେଇ ଅତି ସନ୍ତର୍ପଣରେ ରଖିଲା ନିଜ ବେଗ୍‌ରେ ସତେ ଯେପରି ସେତକ ତାର କୋଟିନିଧି । ରାତି ନ' ଟା' ବେଳକୁ ଗାଡ଼ି ପହଁଚିଲା ତାଙ୍କ ଗାଁ ଛକରେ । ସେ ବସରୁ ଓହ୍ଲାଇଲା ନିଜ ବେଗ ନେଇ । ଘରେ ପହଁଚିଲା, ଧାଇଁ ଆସିଲେ ତା' ତିନିଭାଇ ଅର୍ଥ ଅଭାବରୁ ସେମାନେ ବି ଥିଲେ ବୁଭୁକ୍ଷୁ, ବେଗ୍ ଖୋଲି ଦେଖିଲେ ବଡ଼ ଭାଇ ଆଣିଛି - ବିସ୍କୁଟ ଓ ଚକଲେଟ । ସେ ତିନିହେଁ ଥିଲେ ଖୁବ୍ ଭୋକିଲା, ଏଣୁ ଭାଗ ବାଣ୍ଟି ଖାଇ ବସିଲେ ସେ ସବୁକୁ ଅତି ଆଦରରେ । ନିର୍ମଳାଦେବୀ ଚାହିଁ ରହିଥାନ୍ତି ଖାଲି - ଆଖିରୁ ଧାରା ଶ୍ରାବଣର ଅବାରିତ ଧାରା ଓ ମନରେ ଅହେତୁକ ଆନନ୍ଦ ଓ ତୃପ୍ତି । ଏତିକିବେଳେ ଭୋଳା ଆସି ପହଂଚି ଯାଇଥିଲା ବ୍ରହ୍ମପୁରରୁ, ଭୋକରେ ସେ ବି ଆଉଟୁପାଉଟୁ । କିନ୍ତୁ ଏ ଦୃଶ୍ୟ ତାକୁ ମଧ୍ୟ କରିଦେଲା ଅଭିଭୂତ । ସେ ଅନୁଭବ କରିପାରୁଥିଲେ ସେଦିନ - ଟୁଟୁ, ନିର୍ମଳା ଓ ସେ ନିଜେ ସମସ୍ତେ ଥିଲେ କ୍ଷୁଧାତୁର, କ୍ଷୁଧାର ତାଡନାରେ ଜର୍ଜରିତ କିନ୍ତୁ ସମସ୍ତେ ତାକୁ ଜଣାପଡୁଥିଲେ ପରିତୃପ୍ତ । ସେ କେବଳ ଭାବୁଥିଲା - ଯଦି ଦୁନିଆଁରେ ସଭିଏଁ ଏହିଭଳି ହୁଅନ୍ତେ, ତାହେଲେ ନ ଥାନ୍ତା ଏଠି ଦୁଃଖ, ଶୋକ, ଯୁଦ୍ଧର ବିଭୀଷିକା କିମ୍ବା କ୍ଷୁଧାତୁରର ଆର୍ତ୍ତନାଦ .....।

+ ପି ଏମ୍ ଶ୍ରୀ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ, ଭଂଜନଗର, ଗଞ୍ଜାମ,
ମୋ : ୯୦୯୦୫୦୭୯୫୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
୧୮ ଅକ୍ଟୋବର ୨୦୨୬

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

୬ ରବିବାର ଚୟନ
ସାପ୍ତାହିକ କ୍ରୋଡ଼ପତ୍ର

# ଶବ୍ଦର ବିନ୍ଧାଣୀ ଥିଲେ ଇନ୍ଦ୍ରମଣି



## ମନୋରଂଜନ ମଲ୍ଲିକ

ସମାଜରେ ମଣିଷ ଜନ୍ମ ହୋଇ ନିଜର ବାଲ୍ୟ, କୈଶର ଅତିକ୍ରମ କରି ଯୁବା ଅବସ୍ଥାରେ ପହଁଚେ । ଯୁବକ ହେଲା ପରେ ବିବାହ କରି ନିଜର ଘର ସଂସାର କରେ । ସେ କୃଷି, ବ୍ୟବସାୟ କିମ୍ବା ସେବା କ୍ଷେତ୍ରରେ ନିଯୁକ୍ତ ହୋଇ ନିଜ ପରିବାର ପ୍ରତିପୋଷଣ କରିଥାଏ । ଏହି ପରିବାର ଜଂଜାଳରୁ ଉର୍ଦ୍ଧ୍ୱକୁଉଠି ସମାଜର ସାଧାରଣ ଲୋକଙ୍କ ପାଇଁ କିଛି କରିବା ଲୋକଙ୍କ ସଂଖ୍ୟା ଅତ୍ୟନ୍ତ ନଗଣ୍ୟ ହୋଇଥାଏ । ସେହି ବ୍ୟକ୍ତିମାନେ ଅଦ୍ୟମ ଉତ୍ସାହର ସହ କାମ କରି ନିଜର ଅସାଧାରଣ ସଂକଳ୍ପ ଯୋଗୁଁ ସମାଜରେ ପରିଚିତ ହୋଇଥାନ୍ତି । ସେହିପରି ଜଣେ ବ୍ୟକ୍ତିଥିଲେ କବି ଇନ୍ଦ୍ରମଣି ବିନ୍ଧାଣୀ । ଶିମିଳିପାର ପାଦଦେଶରେ ବଣପାହାଡ଼ ଘେରା ପୋଡ଼ାଡ଼ିହା ଗ୍ରାମପଂଚାୟତ ଅନ୍ତର୍ଗତ ଭଣ୍ଡାରିପାଳ ଗ୍ରାମରେ ସ୍ୱର୍ଗତଃ ପିତା ହରେକୃଷ୍ଣ ବିନ୍ଧାଣି ଓ ମାତା ସ୍ୱର୍ଗତଃ ପାର୍ବତୀ ଦେବୀଙ୍କ କୋଳ ମଣ୍ଡନ କରି ୧୯୫୬ ମସିହା ଜୁନ ମାସ ୧ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ । ପିଲାଦିନର ଦାରିଦ୍ର ଓ ଅଭାବ ମଧ୍ୟରେ ରହି ସ୍ଥାନୀୟ ପୋଡ଼ାଡ଼ିହା ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷା ସମାପ୍ତ କରି ନୁଦଡ଼ିହାସ୍ଥିତ ଲାଲବାହାଦୁର ଉଚ୍ଚ ବିଦ୍ୟାଳୟରେ ମ୍ୟାଟ୍ରିକୁଲେସନ ପାସ କରିଥିଲେ । ପିତା ହରେକୃଷ୍ଣ ବିନ୍ଧାଣୀ ଜଣେ ପାଲା ଗାୟକ ଥିଲେ । ତାଙ୍କର ପ୍ରଭାବ ପୁତ୍ର ଇନ୍ଦ୍ରମଣିଙ୍କ ଉପରେ ପଡ଼ିଥିଲା । ତେଣୁ ଇନ୍ଦ୍ରମଣି ଭାଇଙ୍କୁ ଯାତ୍ରା କଳାକାର ଭାବେ ପ୍ରଥମେ ଜାଣିଥିଲି । ପ୍ରାୟ ୧୯୮୪-୮୫ ମସିହାର କଥା, ଆମ ଗାଁରେ ପିଲାମାନେ ଏକ ଯାତ୍ରା ଦଳ ଗଠନ କରିଥିଲେ । ସେତେବେଳେ ଯାତ୍ରା ମଝିରେ ଡୁଏଟ ଦିଆଯାଉଥିଲା । ମାତ୍ର ଆମ ପିଲାମାନେ ଡୁଏଟ ଶିଖିନଥିଲେ । ଯାତ୍ରା ମାଷ୍ଟର ପୂର୍ଣ୍ଣଚନ୍ଦ୍ର ନାୟକ ଡୁଏଟ ଗାଇବା ପାଇଁ ଇନ୍ଦ୍ରମଣି ଭାଇଙ୍କ ପାଖକୁ ଚିଠି ଲେଖି ମୋତେ ପଠାଇଥିଲେ । ମୁଁ ଭଣ୍ଡାରିପାଳ ଯାଇ ଇନ୍ଦ୍ରମଣି ଭାଇଙ୍କ ଘର ପଚାରି ପଚାରି ପହଁଚିଲି । ସେତେବେଳେ ସେ ହାରମୋନିଅମ ଟିଏ ଧରି ଗୀତ ଗାଉଥାନ୍ତି । ତାଙ୍କୁ ଚିଠି ଦେବା ପରେ ସେ ସନ୍ଧ୍ୟା ବେଳେ ତାଙ୍କର ଯୋଡ଼ି ଜାମୁଡ଼ିହା ଗ୍ରାମର ରଘୁନାଥ ସେଠୀଙ୍କୁ ଧରି ଆମ ଗାଁରେ ପହଁଚିଲେ । ସେହି ଦିନରୁ ଇନ୍ଦ୍ରମଣି ଭାଇ ଜଣେ ଯାତ୍ରା କଳାକାର, ଯାତ୍ରା ନିର୍ଦ୍ଦେଶକ ଓ ଘୋଷକ ବୋଲି ଜାଣି ପାରିଲି । ପରେ ଶୁଣିଲି ଯେ ସେ ନିଜ ପିତା ହରେକୃଷ୍ଣ ବିନ୍ଧାଣୀଙ୍କ ଠାରୁ ପାଲା ଶିଖି ଜଣେ ପାଲା ଗାୟକ ଭାବରେ ଆଖପାଖ ଗାଁରେ ପାଲା ଗାୟନ କରି ପ୍ରସିଦ୍ଧି ଲାଭ କରିଥିଲେ ।

> ଲୋକଙ୍କ ସଂଖ୍ୟା ଅତ୍ୟନ୍ତ ନଗଣ୍ୟ ହୋଇଥାଏ । ସେହି ବ୍ୟକ୍ତିମାନେ ଅଦ୍ୟମ ଉତ୍ସାହର ସହ କାମ କରି ନିଜର ଅସାଧାରଣ ସଂକଳ୍ପ ଯୋଗୁଁ ସମାଜରେ ପରିଚିତ ହୋଇଥାନ୍ତି । ସେହିପରି ଜଣେ ବ୍ୟକ୍ତିଥିଲେ କବି ଇନ୍ଦ୍ରମଣି ବିନ୍ଧାଣୀ । ଶିମିଳିପାର ପାଦଦେଶରେ ବଣପାହାଡ଼ ଘେରା ପୋଡ଼ାଡ଼ିହା ଗ୍ରାମପଂଚାୟତ ଅନ୍ତର୍ଗତ ଭଣ୍ଡାରିପାଳ ଗ୍ରାମରେ ସ୍ୱର୍ଗତଃ ପିତା ହରେକୃଷ୍ଣ ବିନ୍ଧାଣି ଓ ମାତା ସ୍ୱର୍ଗତଃ ପାର୍ବତୀ ଦେବୀଙ୍କ କୋଳ ମଣ୍ଡନ କରି ୧୯୫୬ ମସିହା ଜୁନ ମାସ ୧ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ । ପିଲାଦିନର ଦାରିଦ୍ର ଓ ଅଭାବ ମଧ୍ୟରେ ରହି ସ୍ଥାନୀୟ ପୋଡ଼ାଡ଼ିହା ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷା ସମାପ୍ତ କରି ନୁଦଡ଼ିହାସ୍ଥିତ ଲାଲବାହାଦୁର ଉଚ୍ଚ ବିଦ୍ୟାଳୟରେ ମ୍ୟାଟ୍ରିକୁଲେସନ ପାସ କରିଥିଲେ । ପିତା ହରେକୃଷ୍ଣ ବିନ୍ଧାଣୀ ଜଣେ ପାଲା ଗାୟକ ଥିଲେ ।

କିଛିବର୍ଷ ପରେ ଉଦଳା କଚେରୀ ପାଖରେ ହଠାତ ତାଙ୍କସହ ମୋର ଦେଖା ହେଲା । କଥା ହେବା ପରେ ସେ ହାତରେ ଧରିଥିବା କିଛି ଲେଖା କାଗଜ ଦେଖାଇଲେ । କଚେରୀରେ ବସି ଲେଖା ଗୁଡ଼ିକ ଉପରେ ଆଖି ବୁଲାଇ ଆଣିଲି । ବହୁ ସୁନ୍ଦର ଭାବରେ ରଙ୍ଗୀନକାଳିରେ ଲେଖାଯାଇଥିବା କାଗଜ ଗୁଡ଼ିକ ଥିଲା ଏକ ହସ୍ତ ଲିଖିତ ପତ୍ରିକା । ତାର ନାମ 'ବନବୀଥି' ସେଥିରେ ବିଭିନ୍ନ ଲେଖକଙ୍କର ଛୋଟ ଛୋଟ କବିତା ଓ ଲେଖା ମାନ ସ୍ଥାନିତ ହୋଇଥିଲା । ସେ ନିଜ ହାତରେ ଲେଖି ସୁନ୍ଦର ଭାବେ ସଜାଇ ଡ଼ାକ ଯୋଗେ ମାତ୍ର ୩/୪ ପୃଷ୍ଠାର ପତ୍ରିକାଟିକୁ ବିଭିନ୍ନ କବି ଓ ଲେଖକ ମାନଙ୍କ ପାଖକୁ ପଠାଉଥିଲେ । ଲେଖାମାନ ସବୁ ପୋଷ୍ଟକାର୍ଡ଼ରେ ଆସୁଥିଲା । ତାକୁ ନିଜେ ସଂପାଦନା କରିବା ସହିତ ସଂପାଦକୀୟ ଲେଖୁଥିଲେ । ତାଙ୍କର ସାହିତ୍ୟ ପ୍ରତି ଏକନିଷ୍ଠ ଆଗ୍ରହ ମୋତେ ଚକିତ କରିଥିଲା । ନଛିପୁରିଆର ଶିଶୁ ସାହିତ୍ୟିକ ନିରଂଜନ ବେହେରାଙ୍କ ଠାରୁ ପ୍ରେରଣା ପାଇ ପ୍ରଥମେ ସେ ଶିଶୁ କବିତାମାନ ଲେଖି ଶିଶୁ ସାହିତ୍ୟିକ ଭାବରେ ପରିଚିତ ହୋଇଥିଲେ । ତାଙ୍କର ଗୋଟିଏ କବିତା 'ଶିଶୁଲେଖା'ରେ ପ୍ରକାଶିତ ହେଲା ପରେ ତାଙ୍କ ମନରେ ଉତ୍ସାହ ବହୁଗୁଣିତ ହୋଇଥିଲା । 'ଅଇରି-ମଇରୀ ଖଇରୀ କାତି, ଶିମିଳିପାଳର ବଣୁଆ ହାତୀ' ଆଦି କେତେକ ମନଛୁଆଁ ଶିଶୁ କବିତା ଆଜି ବି ଅନେକଙ୍କ ସ୍ମୃତିରେ ଗୁରି ଉଠେ । ପରବର୍ତ୍ତୀ ଅବସ୍ଥାରେ ସେ ମଧ୍ୟ ଛନ୍ଦ ବିହୀନ କବିତା ଲେଖିବାରେ ମନ ଦେଇଥିଲେ । ସେ ରାୟଶ୍ରୀ ଉପେନ୍ଦ୍ର ପ୍ରସାଦ ନାୟକଙ୍କ ଦ୍ୱାରା ସଂପାଦିତ ଦୈନିକ 'କାଳାନ୍ତର', ଅଚ୍ୟୁତାନନ୍ଦ କରଙ୍କର ମାସିକ 'ଦୁର୍ମୁଖ' ଓ ମାଧବଚନ୍ଦ୍ର ସ୍ୱାଇଁଙ୍କର ମାସିକ 'ଗୋଳମାଳ' ସମାଲୋଚନା ମୂଳକ ପତ୍ରିକାର ସାମ୍ବାଦିକତା କାର୍ଯ୍ୟ କରିଥିଲେ । ସେ ଓଡ଼ିଶାର ବହୁ ସାହିତ୍ୟ ପତ୍ରିକା ଓ ସାହିତ୍ୟିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ । ତ୍ରୈମାସିକ ସାହିତ୍ୟ ପତ୍ରିକା 'ମାଟିଫୁଲ'ର ଉପଦେଷ୍ଟା ଓ ଆଜୀବନ ସଦସ୍ୟ ଥିଲେ । ନୁଦଡ଼ିହା ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ତରଫରୁ ପ୍ରକାଶିତ 'ଭାବବନ୍ଧନ'ର ସହସଂପାଦନା ଦାୟିତ୍ୱ ତୁଲାଉଥିଲେ । ଏତଦ୍‌ବ୍ୟତିତ 'ଆମ ସାହିତ୍ୟ ସଂସଦ' ନୁଦଡ଼ିହାର ସଂପାଦକ, ଶମୀବୃକ୍ଷ ସାହିତ୍ୟ ସଂସଦର ସଭାପତି ଥିଲେ । ଏହା ବ୍ୟତୀତ ନୁଦଡ଼ିହାର ରାଜକନିକା ସାହିତ୍ୟ ସଂସଦ, ବାଣିପୀଠ ବଡ଼ସାହି, ଉପଖଣ୍ଡ ସ୍ତରୀୟ ଧୁମୁସା ମହୋତ୍ସବ, ପୂଜ୍ୟପୂଜା ବାରିପଦା, ଆରଣ୍ୟକ ସାହିତ୍ୟ ସଂସଦ, ଚେତନା ସାହିତ୍ୟ ସଂସଦ ଖନ୍ତାପଡ଼ା, ମାତାପିତା ସାହିତ୍ୟ ସଂସଦ ଈଶ୍ୱରପୁର, ରୂପକ ସ୍ମୃତି ସାହିତ୍ୟ ସଂସଦ ଶେରଗଡ଼ ଆଦି ବହୁ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ । ତାଙ୍କର କବିତା ସଂଯୋଜନା କରିବାର କଳା ଓ ଯଥାଯଥ ଶବ୍ଦ ବିନ୍ୟାସ ତାଙ୍କୁ ଓଡ଼ିଶାରେ ସାହିତ୍ୟିକ ଓ କବିମାନଙ୍କ ମଧ୍ୟରେ ପରିଚିତ କରାଇଥିଲା । ସେ ବର୍ଷଯାକ ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ଦ୍ୱାରା ଆୟୋଜିତ କବି ସମ୍ମିଳନିରେ ଯୋଗଦେଇ କବିତା ସଂଯୋଜନା କରୁଥିଲେ । ତାଙ୍କର ଏକମାତ୍ର ସାହିତ୍ୟକୃତି କବିତା ପୁସ୍ତକ 'ଅକ୍ଷରପ୍ରତିମା' ଆରଣ୍ୟକ ସାହିତ୍ୟ ସଂସଦ ଦ୍ୱାରା ପ୍ରକାଶିତ ହୋଇ ସମସ୍ତଙ୍କ ଦ୍ୱାରା ଆଦୃତ ହୋଇଅଛି । ସେ ଆକଶବାଣୀ କଟକ ଓ ବାରିପଦାର ନିୟମିତ ଶ୍ରୋତା ଥିଲେ । ଏହାର କାର୍ଯ୍ୟକ୍ରମରେ ପ୍ରତ୍ୟକ୍ଷ ଅଂଶଗ୍ରହଣ କରିବା ସହିତ କାର୍ଯ୍ୟକ୍ରମ ଉପରେ ନିଜର ବଳିଷ୍ଠ ମତାମତ ପତ୍ର ମାଧ୍ୟମରେ ଦେଉଥିଲେ । ସେ ବିଭିନ୍ନ ଅନୁଷ୍ଠାନ ମାନଙ୍କରୁ ସମ୍ମାନିତ ହୋଇଛନ୍ତି । ବଡ଼ସାହିର ବାଣୀପୀଠ, ଉତ୍ତରଓଡ଼ିଶା ସାହିତ୍ୟ ଓ ସଂସ୍କୃତି ସମ୍ମେଳନ, ଧ୍ୱନି ପ୍ରତିଧ୍ୱନି ପାଠକ ମଂଚ, ଧୁମୁସା ମହୋତ୍ସବ ଆଦି ବହୁ ଅନୁଷ୍ଠାନରୁ ସେ ସମ୍ବର୍ଦ୍ଧିତ ହୋଇଛନ୍ତି।

ତାଙ୍କର ଅବର୍ତ୍ତମାନରେ ଆମେ ଆମ ପାଖରୁ ଏକ ସରଳ, ନିଷ୍କପଟ, ସଦାସହଯୋଗୀ, ମିଷ୍ଟଭାଷୀ, କର୍ମଯୋଗୀ ବନ୍ଧୁ ଓ ବଡ଼ଭାଇଙ୍କୁ ହରାଇଲୁ । ଯାହାର ଅଭାବ ପୂରଣ ହେବା ଆଉ ସମ୍ଭବ ନୁହେଁ । ତାଙ୍କ ପ୍ରେରଣା ଯୋଗୁଁ ଆମେ ନୁଦଡ଼ିହାରେ 'ଆମ ସାହିତ୍ୟ ସଂସଦ' ଗଢ଼ିଥିଲୁ । ତାଙ୍କର ନିମନ୍ତ୍ରଣ ପାଇ ବହୁ ପ୍ରତିଷ୍ଠିତ କବି ଓ ସାହିତ୍ୟିକ ଆମ ସାହିତ୍ୟ ଆସରକୁ ଆସୁଥିଲେ । ଏବେ ତାଙ୍କର ସ୍ଥାନ ପୂରଣ ହେବା ସମ୍ଭବ ନୁହେଁ ।

+ ନୁଦଡ଼ିହା, ମୟୂରଭଂଜ
ମୋ-୯୪୩୮୧୧୬୮୪୨

ଗୋଟେ ଉପନ୍ୟାସର ଆଲୋଚନା

# ବିରଜାଙ୍କ 'ଓଲଟପୁର' : କେବଳ ଅନୁଭବ ନୁହେଁ ବରଂ ଅନୁଭବର ଗୋଟେ ମହାର୍ଘ ନୀରବତା

## ସୈରିନ୍ଧ୍ରୀ ସାହୁ






ଉପନ୍ୟାସର ନାଁ 'ଓଲଟପୁର' । ଓଲଟପୁର ଗୋଟେ ଜାଗାର ନାଁ। ଓଡ଼ିଶାରେ ଜାଗାଟି ଥିଲେ ବି ଭାରି ପ୍ରସିଦ୍ଧ। ଯୋଉ ଜାଗାରେ ଆଶାର ଫୁଲ ଫୁଟେ, ସମ୍ଭାବନାର ପବନ ଛୁଏଁ ଏବଂ ବିଶ୍ୱାସର ମଂଜିଟିଏ ସେଠି କୁଆଁମେଲେ, ସେଠିକୁ ଯାଉଥିବା ମଣିଷ ମନରେ। ସେଇ ଜାଗାକୁ ଶୀର୍ଷକ କରି ଉପନ୍ୟାସ ଲେଖିଛନ୍ତି ବିରଜା ତାଙ୍କର ପ୍ରଥମ ଉପନ୍ୟାସ। ବିଶିଷ୍ଟ କବି, ଗାଳ୍ପିକ ବିରଜା ରାଉତରାୟ। କବିତାରେ ଶବ୍ଦମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଦେଇ ବେଶ୍ ଭାବପୂର୍ଣ୍ଣ ଭାବରେ ବସାଣ କରିବାର କଳା ଆୟତ୍ତ କରିଥିବା ବିରଜା ଯେ ସାହିତ୍ୟର ସବୁ ବିଭାଗରେ ସ୍ୱଚ୍ଛନ୍ଦ ଭାବରେ ବିଚରଣ କରିପାରିବେ ତାହା ତାଙ୍କ ଗଳ୍ପ, ଆଲୋଚନା ଓ ଉପନ୍ୟାସରେ ପ୍ରମାଣିତ କରିସାରିଛନ୍ତି।

"ଏଠାକୁ ଆସୁଥିବା ସବୁ ମଣିଷର ହାତ ପାପୁଲିରେ ଦୁଇ ସମାନ୍ତରାଳ ରେଖା ସମୟର ପେଟ ଚିରି ଯେପରି ଆଗକୁ ବଢ଼ିଥାଏ, ସେଇ ସମାନ୍ତରାଳ ରେଖାର ଗୋଟିଏ ଗାର ସ୍ୱପ୍ନ ହେଲେ ଆରଟି ସ୍ୱପ୍ନଭଂଗ। ଦୁହିଁଙ୍କୁ ଏକାଠି ମିଶାଇ ଜିଇଁବା ଶିଖାଏ ଓଲଟପୁର।"

ବିରଜାଙ୍କର ପ୍ରଥମ ବକ୍ତବ୍ୟ 'ଓଲଟପୁର'କୁ ନେଇ ଉପନ୍ୟାସ 'ଓଲଟପୁର'ରେ। ଏଇଥିରୁ ବୁଝି ହୁଏ ବିରଜାଙ୍କର ଅନୁଭବ। ନିଜ ଅନୁଭବ ଓ ଅନୁଭୂତି ଉପନ୍ୟାସଟିକୁ କେବଳ ଗତିଶୀଳ କରିନାହିଁ କରିଛି ପରିପୁଷ୍ଟ ଏବଂ ଦେଇଛି ଗୋଟେ ବଳିଷ୍ଠ ଦିଶା । ଉପନ୍ୟାସର ନାୟିକା ସିମାଦ୍ରୀ। ଯାହା ଆଖିରୁ ହଜି ଯାଇଛି ନିଦ, ଉଡ଼ିଯାଇଛି ସ୍ୱପ୍ନ, ଇଡ଼ିଯାଇଛି ନିଜର ଅସ୍ତିତ୍ୱ। ତାର ବକ୍ତବ୍ୟ ଦେଖନ୍ତୁ କେତେ ମାର୍ମିକ: 'ମୁଁ କଣ ଆଉ ଭଲ ହୋଇପାରିବିନି ବିଦୁ! ଏମିତି ଗୋଟିଏ ପରେ ଗୋଟିଏ ଉଜାଗର ରାତି ଆସି ମୋତେ ତାର ମୁନିଆ ନଖ ଆଉ ଦାନ୍ତରେ କଣ କ୍ଷତାକ୍ତ କରି ଚାଲିଥିବ! ରୁମ୍ ସାରା ଘୁରି ବୁଲୁଥିବା ମୋର ବିପର୍ଯ୍ୟସ୍ତ ଭାଗ୍ୟର ଚେହେରା କଣ ମୋତେ ଏଇପରି ଡରେଇ ଚାଲିଥିବ! ବେଡ୍‌ରେ କଣ ଶୋଇରହି ଅପେକ୍ଷା କରି ଚାଲିଥିବ ମୋର ଶେଷ ରାତିକୁ?"

ସ୍ୱପ୍ନ ଭଙ୍ଗର ଯନ୍ତ୍ରଣା ଏମିତି ଦାରୁଣ।

ଦେଖନ୍ତୁ କେତେ ସୁନ୍ଦର ଧାଡ଼ିରେ ଆଶାର ଦୀପ ଜଳେଇଛନ୍ତି ବିରଜା: 'ସବୁ ରାତିର ଗୋଟେ ଶେଷ ପ୍ରହର ଥାଏ ଦିଦି। ଆପଣ ଭରସା ରଖିଥାନ୍ତୁ, କିଏ ଜାଣେ ଏଇ ଅମାବାସ୍ୟ ପରି ଲମ୍ବାରାତିର ଅନ୍ତପରେ ଆପଣଙ୍କ ଜୀବନକୁ ଯେ ସକାଳ ନଆସିବ!'

ମଣିଷର ଜୀବନ ଏମିତି। ସ୍ୱପ୍ନ- ସ୍ୱପ୍ନଭଂଗ, ଘଟଣା-ଦୁର୍ଘଟଣା, ସୁଖ-ଦୁଃଖ କାହା ଅକ୍ତିଆରରେ ଥାଏନା। ବୁଝିହୁଏନା କେମିତି ଗୋଟିଏ ମାତ୍ର ମୁହୂର୍ତ୍ତରେ ମାଟିରେ ମିଶିଯାଏ ନଭଶ୍ଚୁମ୍ଭୀ ଅଟ୍ଟାଳିକା। କେମିତି ଚୁନା ହୋଇଯାଏ ସୁନାର ଉଆସ! ଶିଖର ଛୁଇଁବା ସ୍ୱପ୍ନ କେମିତି ବାମ୍ଫ ହୋଇ ଉଡ଼ିଯାଏ, କେମିତି ଛିଡ଼ିଯାଏ ଗୋଟେ ପ୍ରଜାପତିର ଡେଣା।

ଆଖି ପିଛୁଳାକେ ଓଲଟିଯାଏ ଜୀବନ, ଯେମିତି ଓଲଟି ଯାଇଥିଲା ସିମାଦ୍ରୀର ଜୀବନ। ବାପା ମା'ଙ୍କର ଏକମାତ୍ର ଅଲ୍ୟଳ ସନ୍ତାନ। ସେମାନଙ୍କୁ ଛାଡ଼ି ଦୂରରେ ରହିପାରିବନି ବୋଲି ବଡ଼ ବଡ଼ କର୍ପୋରେଟ୍ ହାଉସର ଭଲ ପ୍ୟାକେଜକୁ ନା'କରି ରହିଯାଇଥିଲା ଓଡ଼ିଶାରେ। ସପ୍ତାହକୁ ଥରେ ଆସୁଥିଲା ଘରକୁ; ନିଜ ଗାଡ଼ିରେ, ଯୋଉ ଗାଡ଼ିକୁ ବାପା ଦେଇଥିଲେ ଉପହାର ଭାବେ। ସେଇ ଗାଡ଼ିରେ ଆସିଲା ବେଳ ସିମାଦ୍ରୀ ବେଶ୍ ନିଶ୍ଚିନ୍ତରେ ଆସେ, ଯାଏ। ପୁରୁଣା ଡ୍ରାଇଭର ସୁଧୀରଙ୍କ ହେପାଜତରେ ଗାଡ଼ି ଓ ସିମାଦ୍ରୀ। ସେଦିନ ଆରାମଦାୟକ ମାରୁତି ଏସ୍‌କ୍ରସ୍ ଗାଡ଼ିରେ ଯାତ୍ରା କରୁଥିବା ସିମାଦ୍ରୀ ନିମଜ୍ଜି ଯାଇଥିଲା ଫୋନ୍‌ରେ, ରୋହିତଙ୍କ ସହ ଆଳାପରେ। ରୋହିତ ତାର ପ୍ରାଣପ୍ରିୟ, ଯାହାକୁ ବିବାହ କରି ସଂସାର କରବା ଥୟ।

ଠିକ୍ ସେତିକିବେଳେ ଦୁର୍ଘଟଣା। କିଛି ବୁଝିବା ଆଗରୁ ଜୀବନ ମୃତ୍ୟୁର ଦୋଛକି ଉପରେ ଛିଟ୍‌କି ପଡ଼ିଥିଲା ସିମାଦ୍ରୀ।

ତା'ପରର ବର୍ଣ୍ଣନା ଅବର୍ଣ୍ଣନୀୟ। ଚେତା ଆସିବାପରେ ନିଜକୁ ଆଇସିୟୁ ରୁମ୍‌ରେ ଆବିଷ୍କାର କରିଥିବା ସିମାଦ୍ରୀକୁ ଉପସ୍ଥିତ ଥିବା ନର୍ସ କୁହନ୍ତି- କଣ ଘଟିଗଲା ସେ ବିଷୟରେ ଜାଣିବାର ମନ କରନ୍ତୁ ନାହିଁ। ଆପଣ ଏଇ ରିକଭରୀକୁ ନେଇ ଆଶାବାଦୀ ରୁହନ୍ତୁ, ବାସ୍ ସେତିକି ଆବଶ୍ୟକ।'

ୟା'ପରେ କାହାଣୀ ଏତେ ଗମ୍ଭୀର ଓ ସାବଲୀଳ ଭାବେ ଗତି କରୁଛି ଯେ ପୃଷ୍ଠା ପରେ ପୃଷ୍ଠା ଓଲଟେଇବାକୁ ବାଧ୍ୟ ହେବ ପାଠକ। ବର୍ଣ୍ଣନାରେ ବିରଜା ପ୍ରାଞ୍ଜଳ, ପ୍ରାଜ୍ଞ ଓ ପ୍ରବୀଣ। ସିମାଦ୍ରୀର ମନୋବେଦନାକୁ ମନୋବୈଜ୍ଞାନିକ ଶୈଳୀରେ ରୂପ ଦେଲାବେଳେ ଟିକେ ମାତ୍ର ଅନ୍ୟମନସ୍କତା ତାଙ୍କୁ ଛୁଇଁନାହିଁ। ମାନସିକ ଟ୍ରୋମା ଭିତରେ ଅଣନିଃଶ୍ୱାସୀ ହୋଇପଡ଼ିଲା ବେଳେ ତାକୁ ଚିକିତ୍ସା କରୁଥିବା ଡାକ୍ତର କହୁଛନ୍ତି- 'ମୁଁ ବୃତ୍ତିରେ ଜଣେ ଡାକ୍ତର। ପୂର୍ବଜନ୍ମ ଆଉ ପରଜନ୍ମ ପରି ଶାସ୍ତ୍ରୀୟ ବ୍ୟାଖ୍ୟାକୁ ଗ୍ରହଣ କରେ ବା ନକରେ କିନ୍ତୁ ସମ୍ମାନ ଦିଏ। ସହସ୍ର କୋଟିର ଜନ୍ମ ଜନ୍ମାନ୍ତ ଚାଲିଛି। ସେହି ଅନୁସାରେ ଯଦି ଆପଣ ଭାବନ୍ତି, କାହିଁ କେତେ ଚଉରାଅଶି ଲକ୍ଷ ଜନ୍ମ ମଧ୍ୟରୁ ଏହି ଜନ୍ମ ଗୋଟିଏ, ଆପଣଙ୍କ କଷ୍ଟ ଏତେ ଭାରି ଜଣାପଡ଼ିବ ନାହିଁ।"

ଦୁଃଖରୁ ବାହାରି ଆସିବାର ଅବ୍ୟର୍ଥ ଔଷଧ ଏହି ଦର୍ଶନ, ଯାହାକୁ ବିରଜା ଖଂଜି ଦେଇଛନ୍ତି ଉପନ୍ୟାସର ଲଲାଟରେ।

ସିମାଦ୍ରୀ ସହିତ 'ଓଲଟପୁର' ଉପନ୍ୟାସକୁ ଓହ୍ଲେଇଛନ୍ତି ସହାୟିକା ବିଦୁଲତା, ସେରିବ୍ରାଲ ପାଲ୍‌ସିରେ ଆକ୍ରାନ୍ତ ରୋଜି, ବିଭୂତି। ଯାହାକୁ ସମୟକ୍ରମେ ଭେଟେ ସିମାଦ୍ରୀ। ବିଭୂତିଙ୍କ ସହ ଘଟିଥିବା ଦୁର୍ଘଟଣା ଭିତରେ ବି ତାଙ୍କର ପ୍ରେମ ଦିଶେ ଶ୍ରୀମନ୍ଦିରରେ ଉଡୁଥିବା ନେତାପରି, ଯାହାକୁ ନେଇ କେବଳ ଆଶ୍ୱସ୍ତି ନୁହେଁ ଗର୍ବ କରିହେବ। ଅଥଚ ସିମାଦ୍ରୀର ପ୍ରେମ? ଦୁର୍ଘଟଣା ପରେ ପ୍ରଥମଥର ଦେଖିବାକୁ ଆସି ଦଶମିନିଟ୍ ବି ରହିପାରିନଥିଲା ରୋହିତ। କହିଥିଲା- ଏହି ଭୁବନେଶ୍ୱରରେ ଆଉ ଗୋଟିଏ ଅଫିସ୍‌ଆଲି ଏନ୍‌ଗେଜମେଣ୍ଟ ଅଛି।' ତା' ପରଠାରୁ ସିମାଦ୍ରୀର ସ୍ୱପ୍ନମାନେ ପଛଘୁଞ୍ଚା ଦେଇଥିଲେ। ପ୍ରେମ ପାଲଟି ଯାଇଥିଲା ନଟ୍ ରିଚେବଲର ସିଗ୍‌ନାଲ।

ଭଂଗା ଜୀବନର ଉଠାଣି ଗଡ଼ାଣିକୁ ଖାତିର ନକରି ବାଟ ଚାଲୁଥିବା ସିମାଦ୍ରୀର ଅନୁଭବରେ ବେଶ୍ ସୁନ୍ଦର ଦର୍ଶନ ଖଂଜିଛନ୍ତି ଔପନ୍ୟାସିକ। କେତେବେଳେ ଈଶ୍ୱରଙ୍କ ପ୍ରତି ଆସ୍ଥା, କେତେବେଳେ ବିଜ୍ଞାନ ପ୍ରତି ବିଶ୍ୱାସ ପୁଣି କେତେବେଳେ ଏଇ ଆସ୍ଥା ଓ ବିଶ୍ୱାସ ମଝିରେ ଗୋଟେ ମହାର୍ଘ ନୀରବତା। ତଥାପି ସବୁ ଭିତରେ ସିମାଦ୍ରୀର ମନରେ ଆସ୍ତେ ଆସ୍ତେ କଞ୍ଚଉଥିଲା ଗୋଟେ ସକରାତ୍ମକତାର ଦ୍ୱିପତ୍ର। ଏସବୁ ବର୍ଣ୍ଣନାରେ ବିରଜାଙ୍କର ଉପନ୍ୟାସ ଏତେମାତ୍ରାରେ ଗତିଶୀଳ ଯେ ପଢ଼ିଲା ବେଳେ ଜାଣିହେଉନଥିଲା ଏହା ପୁସ୍ତକ ନା ଗୋଟେ ଚଳଚ୍ଚିତ୍ର। ସଂଗୀତ, ପୁସ୍ତକ ଆଉ ଖେଳ ହିଁ ଭବିଷ୍ୟତର କିଟିକିଟି ଅଂଧାର ଭିତରେ ବୁନ୍ଦାଏ ଆଲୋକର ଉପସ୍ଥିତି ପରି, ଯାହା ଜଣେ ଆଶାହୀନ ମଣିଷ ଭିତରେ ତିଆରି କରିପାରେ ଗୋଟେ ଆଲୋକିତ ପୃଥିବୀର ସ୍ୱପ୍ନ, ଏହା ହିଁ ଥିଲା 'ଓଲଟପୁର'ର ଆତ୍ମା। ଏଇଥିରେ ବିରାଜ ବର୍ଣ୍ଣନା କରିଛନ୍ତି ଓଲଟପୁରର ଇତିହାସ । ଏହାର ପ୍ରତିଷ୍ଠା, ଏଇ ସ୍ଥାନର ଇତିହାସ ଓ ମାଇଥୋଲୋଜିକାଲ ତଥ୍ୟ ସଂକ୍ରାନ୍ତରେ ତଥ୍ୟ ପ୍ରଦାନ ମଧ୍ୟ ଏହାର ଅନ୍ୟ ଏକ ବିଶେଷତ୍ୱ।

କାହାଣୀର ଉଠାଣି ଗଡ଼ାଣି ଦେଇ ଔପନ୍ୟାସିକ ସିମାଦ୍ରୀ ମନରେ ଯେପରି ଭାବରେ ଆତ୍ମବିଶ୍ୱାସର ଡେଣା ଖଂଜିବାର ପ୍ରୟାସ କରିଛନ୍ତି ଓ ସଫଳ ହୋଇଛନ୍ତି ତାହା ତାଙ୍କ କଲମ ଓ ଅନୁଭବର ଚମତ୍କାରିତା ନିଶ୍ଚୟ। କେତେବେଳେ ପରମଯୋଗୀ ଶ୍ରୀ ଅରବିନ୍ଦଙ୍କ ମାନବୀୟ ଅଭୀପ୍‌ସା ସମ୍ପର୍କିତ ଦୁଇପଦର ବାର୍ତ୍ତା ତ କେତେବେଳେ ବାସ୍କେଟବଲ ଖେଳରେ ରେଫ୍ରିଙ୍କ ଲମ୍ବା ହୁଇସିଲର ଗର୍ଜନ। ସବୁ ଭିତରେ ସୀମାଦ୍ରୀର ସୀମାହୀନ ଆତ୍ମବିଶ୍ୱାସ 'ମୋତେ ଆଜି ଡିସଚାର୍ଜ କରିଦିଅନ୍ତୁ ସାର୍, ମୁଁ ଚାହୁଁଚି ପୁଣିଥରେ ଫେରିଯିବାକୁ ବାହାର ପୃଥିବୀକୁ।'

ଅସୀମିତ ପୃଥିବୀର ବିସ୍ତୀର୍ଣ୍ଣ ପଥ ଅପେକ୍ଷା କରିଛି ସୀମାଦ୍ରୀକୁ ଗୋଟେ ସାଲ୍ୟୁଟ ଦେବାକୁ ଏବଂ କହିବାକୁ- ସୀମାଦ୍ରୀ.. ଦ ଓମ୍ୟାନ୍ ଅନ୍ ହୁଇଲସ୍, ଯୋଉଠି ଚୁନା ଚୁନା ସୁନାଖରା ବିଛେଇ ଯାଇଛି ସୀମାଦ୍ରୀର ରାସ୍ତାରେ।

ଓଲଟପୁର ଏକ ଉପନ୍ୟାସର କାହାଣୀ ନୁହେଁ କି ନୀରବତାର ଅନୁଭବ ନୁହେଁ ବରଂ ଅନୁଭବର ନୀରବତା ଭିତରେ ନିଜପ୍ରତି ଗଭୀର ଆସ୍ଥା ଓ ବିଶ୍ୱାସର ବଡ଼ଦାଣ୍ଡ।

ଏମିତି ସୁନ୍ଦର ଅନୁଭବ ସିଦ୍ଧ ଉପନ୍ୟାସଟିଏ ଭେଟି ଦେଇଥିବାରୁ ଔପନ୍ୟାସିକ ବିରଜା ରାଉତରାୟଙ୍କୁ ମୋର ଅପରିମିତ ଶ୍ରଦ୍ଧା ଓ ଶୁଭେଚ୍ଛା।

# ଶାନ୍ତିନିକେତନ... ଏକ ବନ୍ଧୁତ୍ୱ, ଏକ ଅଭୁଲା ସ୍ମୃତି



## ବିଷ୍ଣୁ ପ୍ରସାଦ ଦାସ

କିଛି ସ୍ଥାନକୁ ଦେଖିବାର ଇଚ୍ଛା ମନରେ ହଠାତ୍ ଜନ୍ମ ନିଏ ନାହିଁ । ସେହି ଇଚ୍ଛା ଧୀରେ ଧୀରେ ମନର ଗଭୀରତମ ପ୍ରଦେଶରୁ ଜନ୍ମ ନିଏ, ସ୍ୱପ୍ନର ରୂପରେ । ସ୍ୱପ୍ନ ଦିନେ ନା ଦିନେ ସୁଯୋଗ ମିଳିଲେ ବାସ୍ତବତାର ରୂପ ନିଏ । ଶାନ୍ତିନିକେତନ ମୋ ପାଇଁ ସେହିପରି ଏକ ସ୍ୱପ୍ନ ଥିଲା । କବିଗୁରୁ ରବୀନ୍ଦ୍ରନାଥ ଠାକୁରଙ୍କ ନାମ ଶୁଣିଲେ ମନରେ ଯେଉଁ ସୃଜନଶୀଳ ଜଗତର ଚିତ୍ର ଭାସି ଉଠେ। ଶାନ୍ତିନିକେତନ ସେହି ଜଗତର ଏକ ଜୀବନ୍ତ ପ୍ରତୀକ ପରି ଲାଗୁଥିଲା । ବହୁଦିନ ଧରି ମନରେ ଏକ ପ୍ରଶ୍ନ ଥିଲା, ଯେଉଁ ଲାଲ ମାଟି ରବୀନ୍ଦ୍ରନାଥଙ୍କ ସ୍ୱପ୍ନ ଶିକ୍ଷା ଓ ସଂସ୍କୃତିର ଏକ ନୂଆ ଦିଗ ଦେଖାଇଥିଲା, ସେହି ଲାଲ୍ ମାଟିକୁ ନିଜ ଆଖିରେ କେବେ କ'ଣ ଦେଖି ପାରିବି ?

ଶେଷରେ ସେହି ଦିନଟି ଆସିଲା । କୋଲକାତାର ଜଣେ ଫେସବୁକ୍ ବନ୍ଧୁଙ୍କୁ ମୋର ଇଚ୍ଛା ବିଷୟରେ କହିଲି । ସେ କେବଳ ମୋ' କଥା ଶୁଣିଲେ ନାହିଁ, ମୋ' ସହିତ ଶାନ୍ତିନିକେତନ ଯିବାକୁ ମଧ୍ୟ ରାଜି ହୋଇ ଗଲେ । ଆଜି ଭାବିଲେ ମନେ ହୁଏ,...କେତେ ଅଦ୍ଭୁତ ଏହି ସୋସିଆଲ୍ ମିଡିଆର ଦୁନିଆ ! କେବେ କେବେ ଯେଉଁ ଲୋକଙ୍କୁ ଆମେ କେବଳ ଏକ ପରିଚୟ ଭାବେ ଜାଣୁ, ସେହି ଲୋକହିଁ ଜୀବନର କୌଣସି ଏକ ସ୍ମରଣୀୟ ଅଧ୍ୟାୟର ଅଂଶ ହୋଇ ଯାଆନ୍ତି ।

୨୦୨୧ ମସିହା ନଭେମ୍ବର ମାସର ଏକ ଶୀତୁଆ ସକାଳ, ଭୁବନେଶ୍ୱର ବିମାନ ବନ୍ଦରରୁ କୋଲକାତା ଅଭିମୁଖେ ଇଣ୍ଡିଗୋ ବିମାନରେ ଯାତ୍ରା କଲି । ମନରେ ଥିଲା ଏକ ନୂତନ ସ୍ଥାନ ଦେଖିବାର ଅଜଣା ଉତ୍ସାହ ତଥା ପ୍ରଥମ ଥର ପାଇଁ ମୋର ବନ୍ଧୁଙ୍କ ସହିତ ସାକ୍ଷାତ। ମୋର ଗନ୍ତବ୍ୟ କେବଳ ଏକ ପର୍ଯ୍ୟଟନ ସ୍ଥଳୀ ନଥିଲା, ଏହା ଥିଲା ମୋର ଦୀର୍ଘଦିନର ଏକ ସ୍ୱପ୍ନର ଠିକଣା । କୋଲକାତା ବିମାନ ବନ୍ଦରରେ ପହଞ୍ଚିବା ପରେ ବନ୍ଧୁ ଏକ ଟ୍ୟାକ୍ସିରେ ମୋତେ ନେବାକୁ ଆସିଥିଲେ । ତାଙ୍କ ସହିତ ଥିଲେ ତାଙ୍କ ଯୁବତୀ କନ୍ୟା ଏବଂ ଆଉ ଜଣେ ମହିଳା ବାନ୍ଧବୀ । ଟ୍ୟାକ୍ସି ଡ୍ରାଇଭରଙ୍କ ବ୍ୟତୀତ ମୁଁ ଥିଲି ଏକମାତ୍ର ପୁରୁଷ । ଅନ୍ୟ ତିନିଜଣ ଥିଲେ ମହିଳା । ସେଦିନର ପରିସ୍ଥିତି ମୋତେ ଏକ ଅଜଣା ଦାୟିତ୍ୱବୋଧର ଦ୍ୱାହି ଦେଇଥିଲା । କାରଣ ଆମର ପରିଚୟ ଦୀର୍ଘଦିନର ନଥିଲା ଏବଂ ସେହି ଦିନ ଥିଲା ପ୍ରଥମ ସାକ୍ଷାତ । ଆମର ସମ୍ପର୍କର ଭିତ୍ତି ଥିଲା କେବଳ ବିଶ୍ୱାସ ।

ଆମେ ଚାରିଜଣ ଟାକ୍ସିରେ ଶାନ୍ତିନିକେତନ ଅଭିମୁଖେ ଯାତ୍ରା ଆରମ୍ଭ କଲୁ । ପ୍ରାୟ ତିନି ଘଣ୍ଟାର ଯାତ୍ରାକୁ ସରସ ସୁନ୍ଦର କରିବାର ପ୍ରାରମ୍ଭିକ ଉଦ୍ୟମ ଜାରୀ ରଖିବାକୁ ପଡ଼ିଥିଲା । ଜଣେ ଲେଖକ ହିସାବରେ ବିଭିନ୍ନ ବିଷୟକୁ ନେଇ ତର୍ଜମା କରିବା ଉଚିତ୍ ମଣିଥିଲି । ସେତେବେଳେ କୋଭିଡ୍ ସମୟ । ରାସ୍ତାରେ ଆଗ ଭଳି ଭିଡ଼ ନଥିଲା । ରାସ୍ତାର ଚିରପରିଚିତ କୋଳାହଳ କିଛିଟା ନିରବ ହୋଇ ଯାଇଥିଲା । ତଥାପି ଆମ ଗାଡ଼ି ଭିତରେ ଚାଲିଥିଲା କିଛି ହସ, ପରିଚୟ ଆଦାନ ପ୍ରଦାନ ଏବଂ ଏକ ନୂଆ ଯାତ୍ରାର ଉତ୍ସାହ । ତିନି ଘଣ୍ଟା ପରେ ଆମେ ପହଞ୍ଚିଲୁ ଆମର ଗନ୍ତବ୍ୟ ସ୍ଥାନ ଶାନ୍ତିନିକେତନ ଠାରେ । ପ୍ରଥମ ଦୃଷ୍ଟିରେ ମୋ' ମନରେ ଏକ ଅଜଣା ଅନୁଭୂତି ଜାଗିଥିଲା, ତାହାକୁ ଶବ୍ଦରେ ପୂରାପୂରି କହିବା କଷ୍ଟକର । ମୁଁ କେବଳ ଶାନ୍ତିନିକେତନକୁ ଦେଖୁନଥିଲି, ମନେ ହେଉଥିଲା, ମୁଁ ଇତିହାସର ଏକ ଅଧ୍ୟାୟ ଭିତରକୁ ପ୍ରବେଶ କରୁଛି । କବିଗୁରୁ ରବିନ୍ଦ୍ର ନାଥଙ୍କ ସ୍ମୃତି ଗୁଡ଼ିକ ମନ ମଧ୍ୟରେ ଜାଗ୍ରତ ହୋଇ ଉଠୁଥିଲା ଓ

ହୋଟେଲ ଠିକ୍ କରି କିଛି ସମୟ ବିଶ୍ରାମ, ମଧ୍ୟାହ୍ନ ଭୋଜନ ପରେ, ଅପରାହ୍ନ ସମୟରେ ସୋନାଝୁରି ହାଟରେ ବୁଲିବାର ଅନୁଭୂତି ଥିଲା ଆଉ ଏକ ଭିନ୍ନ ଜଗତକୁ ଉପଭୋଗ କରିବା । ଆଦିବାସୀ ରମଣୀ ମାନଙ୍କର ନୃତ୍ୟ, ସଙ୍ଗୀତ, ସରଳ ଜୀବନ ତଥା ଲୋକ ସଂସ୍କୃତିର ସଙ୍ଗମ ହୃଦୟକୁ ଗଭୀର ଭାବରେ ଛୁଇଁ ଯାଇଥିଲା । ନୃତ୍ୟର ତାଳେ ତାଳେ... ଗ୍ରାମ ଛାଡା ଓଇ ରାଂଗା ମାଟିର ପଥ ଆମାର ମନ ଭୁଲାଏ ରେ ... ରବୀନ୍ଦ୍ର ନାଥଙ୍କ ସଂଗୀତ ହୃଦୟକୁ ଛୁଇଁ ଯାଉଥିଲା । କୋପାଇ ନଦୀର ସୌନ୍ଦର୍ଯ୍ୟକୁ ହୃଦୟରୁ ଉପଭୋଗ କରିବାର ସୁଯୋଗ ମିଳିଥିଲା । ରବିନ୍ଦ୍ରନାଥ ନଦୀ କୂଳରେ ବସି ଅନେକ କାଳଜୟୀ କବିତା ଲେଖି ଯାଇଥିବା କଥା ମଧ୍ୟ ଶୁଣିଥିଲି ।

ଆମେ ହୋଟେଲରେ ଦୁଇଟି ରୁମ୍ ନେଇଥିଲୁ। ତିନିଜଣ ମହିଳା ଗୋଟିଏ ରୁମ୍‌ରେ ରହିଲେ ଏବଂ ମୁଁ ଅନ୍ୟ ରୁମ୍‌ରେ । ବିଶ୍ୱାସ ଉପରେ ନିର୍ଭର କରିଥିବା ବନ୍ଧୁତା ଏବଂ ଜଣେ ପୁରୁଷ ହିସାବରେ ତିନିଜଣ ମହିଳାଙ୍କ ସୁରକ୍ଷା, ସମ୍ମାନ ପ୍ରତି ଧ୍ୟାନ ଦେବା ମୋର ପ୍ରଥମ କର୍ତ୍ତବ୍ୟ ଥିଲା । ପ୍ରଥମ ସାକ୍ଷତ, ପ୍ରଥମ ଯାତ୍ରା, ତଥାପି ଏତେ ବିଶ୍ୱାସ! ମୁଁ ନିଜକୁ ନିଜେ ବିଶ୍ୱାସ କରି ପାରୁ ନଥିଲି । ରାତ୍ରିଭୋଜନ ପରେ ଆମର ଅନେକ ସମୟ ଧରି ପରସ୍ପର ମଧ୍ୟରେ ଜୀବନ ଶୈଳୀ, ସମ୍ପର୍କ, ପରିବାର, ଭ୍ରମଣ, ଉପରେ ଅନେକ କଥା ଆଲୋଚନା ହେଲା । ସେହି ଆଳାପରେ କୌଣସି ଅସ୍ୱାଭାବିକତା ନଥିଲା, କୌଣସି ଦୂରତା ନଥିଲା, ଥିଲା ଏକ ଅଜଣା ପରିବାରର ମଧ୍ୟରେ ନିଜକୁ ନିଜ ଲୋକ ପରି ଅନୁଭବ କରିବାର ଉଷ୍ମତା । ସେହି ରାତିରେ ମୁଁ ବୁଝିଲି...ସମ୍ପର୍କ ସବୁବେଳେ ରକ୍ତର ସୂତ୍ରରେ ତିଆରି ହୁଏ ନାହିଁ । କେବେ କେବେ ବିଶ୍ୱାସ ହିଁ ସବୁଠାରୁ ଦୃଢ଼ ସମ୍ପର୍କର ଭିତ୍ତି ସ୍ଥାପନ କରିଥାଏ।

ପରଦିନ ସକାଳେ ଆମେ ଏକ ଅଟୋ ନେଇ ଶାନ୍ତିନିକେତନର ବିଭିନ୍ନ ସ୍ଥାନ ବୁଲିବାକୁ ବାହାରିଲୁ। ମୋ ସହିତ ଥିଲେ ମୋର ବନ୍ଧୁ ଏବଂ ତାଙ୍କ କନ୍ୟା । ଅଟୋ ଡ୍ରାଇଭର ଆମକୁ ଶାନ୍ତିନିକେତନର ପ୍ରତିଟି ସ୍ଥାନ ବୁଲାଇବା ସହିତ ତାଙ୍କ ଜ୍ଞାନରୁ ସେହି ଐତିହାସିକ ସ୍ଥାନର ଗୁରୁତ୍ୱ ବିଷୟରେ ବୁଝାଇ କହୁଥିଲେ, ଶତାଧିକ ବର୍ଷର ପୁରାତନ ବଟ ବୃକ୍ଷ ମୂଳରେ ବସି ରବିନ୍ଦ୍ର ନାଥଙ୍କ କବିତା ଲିଖନର ସ୍ଥାନ ଅତୀବ ଚମତ୍କାର । ରବୀନ୍ଦ୍ରନାଥଙ୍କ ସ୍ମୃତିରେ ପୂର୍ଣ୍ଣ ସେହି ପରିବେଶ ମୋତେ ବାରମ୍ବାର ଆଶ୍ଚର୍ଯ୍ୟ ଚକିତ କରି ଦେଉଥିଲା । ତାଙ୍କ ସୃଜନଶୀଳତା, ଶିକ୍ଷା, ଦର୍ଶନ, ପ୍ରକୃତି ପ୍ରେମ ଏବଂ ମାନବତାବାଦୀ ଚିନ୍ତାଧାରା, ସବୁକିଛି ମୋ' ମନରେ ନୂଆ ଚିନ୍ତାର ଦ୍ୱାର ଖୋଲି ଦେଉ ଥିଲା । ଭରତ ଏବଂ ବାଂଲାଦେଶର ଜାତୀୟ ସଙ୍ଗୀତର ଲେଖକ, ସାହିତ୍ୟ ପାଇଁ ପ୍ରଥମ ଭାରତୀୟ ନୋବେଲ ପୁରସ୍କାର ବିଜେତା କବି ଗୁରୁ ଦେଶ ପାଇଁ ଏକ ଗର୍ବ କହିଲେ ଅତ୍ୟୁକ୍ତି ହେବ ନାହିଁ ।




ସେହି ଯାତ୍ରାରୁ ମୁଁ କେବଳ ଶାନ୍ତିନିକେତନର ସ୍ମୃତି ନେଇ ଫେରି ନଥିଲି, ଫେରି ଥିଲି ତିନିଜଣ ବନ୍ଧୁଙ୍କର ନିର୍ମଳ ବିଶ୍ୱାସକୁ ସାଙ୍ଗରେ ନେଇ । ଆଜି ମଧ୍ୟ ଯେତେବେଳେ ସେହି ଦିନଗୁଡ଼ିକ ମନେ ପଡ଼େ, ମୋର ମହିଳା ବନ୍ଧୁଙ୍କ ପ୍ରତି ମୋ' ମନ କୃତଜ୍ଞତାରେ ଭରିଯାଏ । ସେ ମୋତେ କେବଳ ଶାନ୍ତିନିକେତନ ଦେଖାଇନଥିଲେ, ସେ ମୋତେ ଦେଖାଇଥିଲେ...ଜଣେ ପୁରୁଷ ଏବଂ ଜଣେ ମହିଳାଙ୍କ ମଧ୍ୟରେ ଏକ ନିର୍ମଳ, ସମ୍ମାନପୂର୍ଣ୍ଣ ତଥା ପାରିବାରିକ ବନ୍ଧୁତ୍ୱର ଏକ ନୂତନ ଅଧ୍ୟାୟ । ସେ ନିଜ ସ୍ୱାମୀଙ୍କ ଅନୁମତି ନେଇ ମୋ' ସହିତ ଏହି ଯାତ୍ରା କରିଥିଲେ । ତାଙ୍କ ବାନ୍ଧବୀ ମଧ୍ୟ ସେହି ବିଶ୍ୱାସ ନେଇ ଆମ ସହିତ ଆସିଥିଲେ । ବିଶ୍ୱାସର ମର୍ଯ୍ୟାଦା ରଖିବା ମୋ' ପାଇଁ ମଧ୍ୟ ଏକ ନୈତିକ ଦାୟିତ୍ୱ ପାଲଟି ଯାଇଥିଲା ।

ଜୀବନ ଯାତ୍ରାରେ ଆମେ ଅନେକ ଲୋକଙ୍କ ସହିତ ଦେଖା ହେଉ । କେହି କିଛି ଦିନ ପାଇଁ ଆସନ୍ତି, କେହି କିଛି ବର୍ଷ ପାଇଁ । ଆଉ କେହି କେହି ଆମ ଜୀବନରେ ଅତି ସ୍ୱଳ୍ପ ସମୟ ପାଇଁ ଆସି ମଧ୍ୟ ଏମିତି ଏକ ସ୍ମୃତି ଛାଡ଼ି ଯାଆନ୍ତି, ଯାହା ସମୟର ଧୂଳିରେ କେବେବି ମଇଳା ହୋଇ ଯାଏନାହିଁ । ମୋର ଶାନ୍ତିନିକେତନ ଯାତ୍ରା ସେହିପରି ଏକ ସ୍ମୃତି ହୋଇ ରହି ଯାଇଛି । ଆଜି ମଧ୍ୟ ମୋର ମନେ ହୁଏ, ସେହି ଯାତ୍ରାର ସବୁଠାରୁ ବଡ଼ ଉପହାର ଥିଲା, ଜଣେ ମଣିଷର ଆଉ ଜଣେ ମଣିଷ ପ୍ରତି ଅଖଣ୍ଡ ବିଶ୍ୱାସ । ମୁଁ ସେହି ବନ୍ଧୁଙ୍କୁ ଭଲପାଏ...କୌଣସି ଆଶା କିମ୍ବା ଅଧିକାର ମୋର ଭଲପାଇବାରେ ନଥାଏ । ଥାଏ କେବଳ ଏକ ନିର୍ମଳ ବନ୍ଧୁତ୍ୱର ନିଦର୍ଶନ । ମୁଁ ତାଙ୍କୁ, ତାଙ୍କ ବିଶ୍ୱାସକୁ ସମ୍ମାନ କରେ । ଆଉ ମୋ ମନର ଗଭୀରତାରୁ ତାଙ୍କୁ ଧନ୍ୟବାଦ ଜଣାଏ। ଶାନ୍ତିନିକେତନ ପରିଦର୍ଶନର ଅଭିଜ୍ଞତା ମୋତେ ଶିଖାଇଛି, ଭ୍ରମଣ କେବଳ ନୂଆ ସ୍ଥାନ ଦେଖିବାର ସଂଜ୍ଞା ନୁହେଁ । କେତେକ ଯାତ୍ରା ଆମକୁ ନୂଆ ମଣିଷ ମାନଙ୍କୁ ଚିହ୍ନାଏ, ନୂଆ ସମ୍ପର୍କର ଅର୍ଥ ବୁଝାଏ ଏବଂ ନିଜ ମନର ଏକ ଅଜଣା କୋଣକୁ ମଧ୍ୟ ଆବିଷ୍କାର କରିବାର ସୁଯୋଗ ଦିଏ ।

ସେହି ଦୁଇ ଦିନର ଯାତ୍ରା ଶେଷ ହୋଇ ଯାଇଛି । କିନ୍ତୁ ଶାନ୍ତିନିକେତନର ଲାଲମାଟି, ସୋନାଝୁରିର ସେଇ ଆଦିବାସୀ ସଙ୍ଗୀତର ମୂର୍ଚ୍ଛନା, ରବୀନ୍ଦ୍ରନାଥଙ୍କ ସ୍ମୃତି ଏବଂ ଜଣେ ବନ୍ଧୁଙ୍କ ଅଗାଧ ବିଶ୍ୱାସ....ଆଜି ମଧ୍ୟ ମୋ ମନରେ ସେହିପରି ସତେଜ ଅଛି । ରବୀନ୍ଦ୍ର ନାଥ ଠାକୁରଙ୍କ ଏକ କବିତା ମନେ ପଡ଼ିଯାଏ ... ଆମି ଚିନି ଗୋ ଚିନି ତୋମାୟେ ଓଗୋ ବିଦେଶିନୀ ... ରବୀନ୍ଦ୍ର ନାଥଙ୍କ ସେଇ ବିଦେଶିନୀ ଫିରିଙ୍ଗି ଝିଅ ପାଇଁ ଲେଖିଥିବା କବିତା ପରି ମୋର କୋଲକାତା ନିବାସୀ ବନ୍ଧୁଙ୍କୁ ମୁଁ ଅନୁଭବ କରୁଛି.... ବନ୍ଧୁ ତୁମେ ସଦା ସର୍ବଦା ତୁମ ପରିବାର ସହିତ ସୁଖରେ ରୁହ ଏବଂ ଆମ ବନ୍ଧୁତା ପୂର୍ବ ପରି ଅତୁଟ ରହୁ..... ଜୟ ଜଗନ୍ନାଥ ।

+ ସ୍ନେହ କୁଟୀର,
ଝାଞ୍ଜିରୀ ମଙ୍ଗଳା, କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭

# ଖଣି ଅଧିଗ୍ରହଣ ପୂର୍ବରୁ ଜମି କିଣାବିକାକୁ ନେଇ ବିବାଦ : ସହ-ଅଂଶୀଦାରଙ୍କ ଅନୁମତି ବିନା ଜମି ବିକ୍ରି ଅଭିଯୋଗ, ତଦନ୍ତ ନିର୍ଦ୍ଦେଶ ଦେଲେ ଆରଡିସି

ଝାରସୁଗୁଡ଼ା, ୧୭/୧୦ (ନି.ପ୍ର): ଲଖନପୁର ତହସିଲ ଅଂଚଳରେ ଖଣି ପାଇଁ ଜମି ଅଧିଗ୍ରହଣକୁ କେନ୍ଦ୍ର କରି ଜମି କିଣାବିକାରେ ଅନିୟମିତତା ହୋଇଥିବା ଅଭିଯୋଗ ଉଠିଛି। ସହ-ଅଂଶୀଦାରଙ୍କ ସହମତି ବିନା ପୈତୃକ ଜମି ବିକ୍ରି ଏବଂ ଏହାର ପଞ୍ଜୀକରଣକୁ ନେଇ ଜୟବୁଡ଼ିଆ ଗ୍ରାମର ଦୁଇ ଜଣ ଅଂଶୀଦାର ସଂକୀର୍ତନ କୁମୁରା ଓ ବାବୁଲାଲ କୁମୁରା ଉତରାଚଂଳ ରାଜସ୍ୱ କମିସନର (ଆର୍ଡିସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଗୁରୁତ୍ୱ ଦେଇ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଘଟଣାର ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ନେବାକୁ ଆର୍ଡିସିଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ଅଭିଯୋଗ ଅନୁଯାୟୀ, ଲଖନପୁର ତହସିଲ ଅଧୀନ କୁଡ଼ାଲୋଇ ମୌଜାର ଖାତା ନମ୍ବର ୧୭୩ ଓ ପ୍ଲଟ୍ ନମ୍ବର ୭୩୧ରେ ଥିବା ୧୦ ଡେସିମିଲ ଜମି ସଂକୀର୍ତନ ଓ ବାବୁଲାଲଙ୍କ ପିତାଙ୍କ ନାମରେ ଥିବା ପୈତୃକ ସମ୍ପତିର ଅଂଶବିଶେଷ। ଏହି ଜମିକୁ ଅନ୍ୟ ଅଂଶୀଦାରମାନେ ସେମାନଙ୍କ ସହମତି ନ ନେଇ ବେଲପାହାଡ଼ର ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଥିବା ସେମାନେ ଅଭିଯୋଗ କରିଛନ୍ତି।

ଅଭିଯୋଗକାରୀଙ୍କ ଦାବି ଅନୁସାରେ, ଉକ୍ତ ଜମିର ପଞ୍ଜୀକୃତ ମୂଲ୍ୟ ୩ ଲକ୍ଷ ଟଙ୍କା ଥିବାବେଳେ ଏହାକୁ ମାତ୍ର ୯୦ ହଜାର ଟଙ୍କାରେ କିଣାବିକା କରାଯାଇଛି। ଏହି କାରବାରରେ ଜମି ମାଫିଆଙ୍କ ଷଡ଼ଯନ୍ତ୍ର ଥିବା ମଧ୍ୟ ସେମାନେ ସନ୍ଦେହ ପ୍ରକାଶ କରିଛନ୍ତି। ଜମି ବିକ୍ରି ହେବାର ମାତ୍ର ପାଂଚ ଦିନ ପରେ, ଗତ ଜୁଲାଇ ୨୨ ତାରିଖରେ ଖଣି ପାଇଁ ଜମି ଅଧିଗ୍ରହଣ ନିମନ୍ତେ ଏହି ପ୍ଲଟ୍ ସମ୍ପର୍କରେ ଭୂମି ଅଧିଗ୍ରହଣ ଆଇନର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଅଧିଗ୍ରହଣ ପରେ ମିଳିବାକୁ ଥିବା କ୍ଷତିପୂରଣ ରାଶି ହାତେଇବା ଉଦ୍ଦେଶ୍ୟରେ ଏଭଳି କାରବାର କରାଯାଇଥିବା ସଂକୀର୍ତନ ଓ ବାବୁଲାଲ ଅଭିଯୋଗ କରିଛନ୍ତି। ଏପରିକି ଜମି କିଣିଥିବା ବ୍ୟକ୍ତିଙ୍କ ନାମ ତୁରନ୍ତ ଏକଜିମାଲି ପଟ୍ଟାରେ ଅନ୍ତର୍ଭୁକ୍ତ ହୋଇଯାଇଥିବାରୁ ଅବଶିଷ୍ଟ ପୈତୃକ ଜମିର ସୁରକ୍ଷାକୁ ନେଇ ସେମାନେ ଆଶଙ୍କାରେ ଅଛନ୍ତି। ଏହି ପ୍ରକ୍ରିୟାରେ ତହସିଲ କାର୍ଯ୍ୟାଳୟର କର୍ମଚାରୀଙ୍କ ଭୂମିକା ଉପରେ ମଧ୍ୟ ସେମାନେ ପ୍ରଶ୍ନ ଉଠାଇଛନ୍ତି।

ଏହି ଘଟଣାରେ ଜମି ପଞ୍ଜୀକରଣ ବାତିଲ କରିବା ସହ ବେଆଇନ କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନାନୁଯାୟୀ ପଦକ୍ଷେପ ନେବାକୁ ଅଭିଯୋଗକାରୀମାନେ ଦାବି କରିଛନ୍ତି। ଜମି ବିକ୍ରି ଓ ହସ୍ତାନ୍ତର ପ୍ରକ୍ରିୟାରେ ଅନ୍ୟ ସହ-ଅଂଶୀଦାରଙ୍କ ଆଇନଗତ ଅଧିକାର କ୍ଷୁଣ୍ଣ ହୋଇଛି କି ନାହିଁ, ତାହାର ମଧ୍ୟ ତଦନ୍ତ ଦାବି କରାଯାଇଛି। ଅଭିଯୋଗ ପରେ ଉତରାଚଂଳ ରାଜସ୍ୱ କମିସନରଙ୍କ କାର୍ଯ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ରଶ୍ମିରଞ୍ଜନ ରାଉତ ପତ୍ର ସଂଖ୍ୟା ୯୮୨୨ ମାଧ୍ୟମରେ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଏହି ମାମଲାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ କହିଛନ୍ତି। ତଦନ୍ତ ପରେ ଜମି କାରବାରର ପ୍ରକୃତ ତଥ୍ୟ ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି।

# ରେଳ ମଣ୍ଡଳ ଦ୍ୱାରା ରେଳ ଜନ ସମ୍ବାଦ କାର୍ଯ୍ୟକ୍ରମ : ଯାତ୍ରୀଙ୍କ ସହ ରେଳ ଅଧିକାରୀଙ୍କ ଆଲୋଚନା; ଯାତ୍ରୀ ସୁବିଧା ଓ ସ୍ୱଚ୍ଛତାରେ ଉନ୍ନତି ପାଇଁ ମତାମତ ସଂଗ୍ରହ

ଜୟପୁର, ୧୭/୧୦ (ନି.ପ୍ର): ସ୍ୱତନ୍ତ୍ର ଅଭିଯାନ ୬.୦ ଅନ୍ତର୍ଗତ ରାୟଗଡ଼ା ରେଳ ମଣ୍ଡଳର ବିଭିନ୍ନ ସ୍ଥାନରେ ରେଳ ଜନ ସମ୍ବାଦ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଯାତ୍ରୀଙ୍କ ସହ ସିଧାସଳଖ ଆଲୋଚନା, ଯାତ୍ରା ସମୟରେ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକୁ ବୁଝିବା ଏବଂ ରେଳ ସେବାର ଉନ୍ନତି ପାଇଁ ସେମାନଙ୍କର ମୂଲ୍ୟବାନ ମତାମତ ଓ ପରାମର୍ଶ ସଂଗ୍ରହ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି କାର୍ଯ୍ୟକ୍ରମ ସମୟରେ ବିଶେଷକରି ଯୁବ ଯାତ୍ରୀମାନଙ୍କ ସହ ଆଲୋଚନା କରାଯାଇ ସେମାନଙ୍କ ରେଳଯାତ୍ରା ସମୟରେ ହେଉଥିବା ଅସୁବିଧା ଓ ଆବଶ୍ୟକତା ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଥିଲା। ଯାତ୍ରୀମାନଙ୍କ ମତାମତ ଓ ପରାମର୍ଶ ଜାଣିବା ପାଇଁ ମତାମତ ଫର୍ମ ବଂଟନ କରାଯାଇଥିଲା। ଏହା ମାଧ୍ୟମରେ ଯାତ୍ରୀଙ୍କ ସମସ୍ୟା, ଆଶା ଓ ଆବଶ୍ୟକତା ସମ୍ପର୍କରେ ରେଳ ଅଧିକାରୀମାନେ ଅବଗତ ହୋଇଥିଲେ।ଏହି କାର୍ଯ୍ୟକ୍ରମରେ ରେଳ ଷ୍ଟେସନ ଓ ଟ୍ରେନ୍ ରେ ସ୍ୱଚ୍ଛତା ବଜାୟ ରଖିବାର ଗୁରୁତ୍ୱ ସମ୍ପର୍କରେ ଯାତ୍ରୀ ଓ ସାଧାରଣ ଲୋକଙ୍କୁ ସଚେତନ କରାଯାଇଥିଲା। ଆବର୍ଜନାର ଉପଯୁକ୍ତ ପୃଥକୀକରଣ, ଦାୟିତ୍ୱପୂର୍ଣ୍ଣ ଆବର୍ଜନା ନିଷ୍କାସନ ଏବଂ ଏକ ସ୍ୱଚ୍ଛ, ସ୍ୱାସ୍ଥ୍ୟକର ଓ ସୁନ୍ଦର ରେଳ ପରିବେଶ ବଜାୟ ରଖିବାରେ ଯାତ୍ରୀମାନଙ୍କ ଭୂମିକା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ରାୟଗଡ଼ା ରେଳ ମଣ୍ଡଳର ମୁଖ୍ୟ ଚିକିତ୍ସା ଅଧୀକ୍ଷକ ଡା. ସଞ୍ଜୀବ କୁମାର ସାହୁ ରାୟଗଡ଼ା, କୋରାପୁଟ, ଜଗଦଲପୁର ଓ ଆରାକୁଠାରେ ଆୟୋଜିତ କାର୍ଯ୍ୟକ୍ରମଗୁଡ଼ିକର ନେତୃତ୍ୱ ନେଇଥିବା ବେଳେ ସହକାରୀ ମଣ୍ଡଳ ଯାନ୍ତ୍ରିକ ଇଞ୍ଜିନିୟର/କୋରାପୁଟ ରମେଶ ବାବୁ ପୋଟଲୁରୀ ଏବଂ ସମ୍ପୃକ୍ତ ମୁଖ୍ୟ ସ୍ୱାସ୍ଥ୍ୟ ନିରୀକ୍ଷକମାନେ ଏହି କାର୍ଯ୍ୟକ୍ରମ ଗୁଡିକୁ ସଂଯୋଜନା କରିଥିଲେ। ଯାତ୍ରୀମାନଙ୍କ ସହ ଆଲୋଚନା କରି ସ୍ୱଚ୍ଛତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ଏହି ଅଭିଯାନରେ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରାଯାଇଥିଲା । ଏହି ପଦକ୍ଷେପ ମାଧ୍ୟମରେ ରାୟଗଡ଼ା ରେଳ ମଣ୍ଡଳ ଯାତ୍ରୀଙ୍କ ସହ ନିରନ୍ତର ସମ୍ପର୍କ ସ୍ଥାପନ, ଉତମ ସେବା ପ୍ରଦାନ ଏବଂ ରେଳ ପରିଚାଳନାର ଏକ ଅବିଚ୍ଛେଦ୍ୟ ଅଂଶ ଭାବେ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛି। ରେଳ ଷ୍ଟେସନ ଓ ଟ୍ରେନ୍ କୁ ସ୍ୱଚ୍ଛ ଏବଂ ସ୍ୱାସ୍ଥ୍ୟକର ରଖିବା ପାଇଁ ଯାତ୍ରୀମାନେ ନିଜର ମତାମତ ଦେବା ସହ ସକ୍ରିୟ ସହଯୋଗ କରିବାକୁ ମଣ୍ଡଳ ପକ୍ଷରୁ ଆହ୍ୱାନ କରାଯାଇଛି।

# ଦୋକାନରେ ପଶି ଟଙ୍କା ଲୁଟ୍ ଘଟଣା: ୨ ଗିରଫ

ଜୟପୁର, ୧୭/୧୦ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ସହର ମହାରାଣୀପେଟା ଅଞ୍ଚଳରେ ଏକ ଦୋକାନରେ ପଶି ଟେବୁଲ୍ ଡ୍ରୟାରରୁ ଟଙ୍କା ଚୋରି ମାମଲା ରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମାଛବନ୍ଧ ସାହିର ଗୌତମ ସେଙ୍ଗାରାବି(୧୮) ଏବଂ କୁମ୍ଭାର ସାହିର ଟି. ଶିବା (୧୯)। ସେମାନଙ୍କ ନିକଟରୁ ଚୋରି ହୋଇଥିବା ନଗଦ ୩ ହଜାର ଟଙ୍କା ଜବତ କରାଯାଇଛି। ସୂଚନା ଅନୁଯାୟୀ, ଗତ ୧୩ ତାରିଖ ରେ ମହାରାଣୀପେଟା ନିବାସୀ ଡି. ଗୋବିନ୍ଦା ଆମ୍ମା (୭୫) ଦୋକାନ ସଟର ଖୋଲି ଘର ଭିତରକୁ ଯାଇଥିବା ବେଳେ ହଠାତ୍ ଜଣେ ଯୁବକ ଦୋକାନରେ ପ୍ରବେଶ କରି ଟେବୁଲ୍ ଡ୍ରୟାରରୁ ଟଙ୍କା ଚୋରି କରି ନେଇଥିଲା। ପରିବାର ଲୋକେ ପାଟି କରିବାରୁ ଦୁର୍ବୃତ୍ତ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ଏ ନେଇ ବୃଦ୍ଧା ମହିଳା ଜଣକ ୧୪ ତାରିଖ ରାତିରେ ଜୟପୁର ଟାଉନ୍ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣାସ୍ଥଳ ଓ ଏହାର ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ୍ ଏବଂ ସନ୍ଦେହରେ କିଛି ଲୋକଙ୍କୁ ପଚରାଉଚୁରା କରିବା ଆଧାର କରି ପୋଲିସ ତଦନ୍ତ ରେ ଜାଣି ପୁରୁଣା ସରକାରୀ ବସଷ୍ଟାଣ୍ଡ ନିକଟରେ ଚଢ଼ଉ କରି ଉଭୟ ଗୌତମ ଓ ଶିବାଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତ ଠାରୁ ଗୌତମଠାରୁ ୨ ହଜାର ଏବଂ ଶିବାଠାରୁ ୧ ହଜାର ଟଙ୍କା ଜବତ କରାଯାଇଛି। ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ତରଫରୁ ସୂଚନା ଦିଆଯାଇଛି ।

# ବାର୍ଦ୍ଧକ୍ୟ ଭତ୍ତା ନପାଇ ଗୋଟି ଖଟୁଛନ୍ତି ଅସହାୟ

ଗଞ୍ଜାମ, ୧୭/୧୦ (ନି.ପ୍ର): ଏବେ ମଧ୍ୟ ଅନେକ ଅସହାୟ ବୃଦ୍ଧ ବୃଦ୍ଧା ରାସନ୍ କାର୍ଡ ହେଉ କି ବାର୍ଦ୍ଧକ୍ୟ ଭତା ହେଉ କରାଇ ଦେବା ପାଇଁ ପଂଚାୟତ ଠାରୁ ସହରାଚଂଳର ପ୍ରତିନିଧି ନେତା କୁଜି ନେତାଙ୍କ ପାଖରେ ବାଡି ମାଲି ହୁଅନ୍ତି ମାସ ମାସ ଧରି ବାବୁ ଭାୟାଙ୍କୁ ଗୁହାରି କରନ୍ତି, ଶେଷରେ ବାଧହୋଇ କିଏ ମାସ ମାସ ଧରି ପର ଘରେ ବାସନ ମାଜୁଛି ଘର ପାଇଟି କରଛି, କିଏ ପୁଣି ବିଲରେ ଗୋଟି ଖଟୁଛି। ଏବେ ମଧ୍ୟ ଜିଲ୍ଲା ତଥା ରାଜ୍ୟର ଅସହାୟ ବୃଦ୍ଧ ବୃଦ୍ଧାଙ୍କ ଏହା ଅତ୍ୟନ୍ତ ବିକଳ ଚିତ୍ର। ସରକାର ପରେ ସରକାର ବଦଳିଲେ ମଧ୍ୟ ଗରିବ ଅସହାୟଙ୍କ ଅବସ୍ଥା ବଦଳୁ ନାହିଁ, ଏପରିକି ଅସହାୟ ବୃଦ୍ଧ ବୃଦ୍ଧା ପରିବାର ସହ କିମ୍ବା ଏକାକୀ ଦାଦାନ ଖଟିବାକୁ ମଧ୍ୟ ବାଧ ହେଉଛନ୍ତି ବୋଲି ଆଜି ଗଞ୍ଜାମ ଜିଲ୍ଲା ବରିଷ୍ଠ ନାଗରିକ ସୁରକ୍ଷା ମଂଚ ର ଆଲୋଚନା ସଭାରେ ମତପ୍ରକାଶ ପାଇଥିଲା ଏବଂ ଅସନ୍ତୋଷ ଦେଖା ଦେଇଥିଲା। ନିକଟରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ରାଜ୍ୟର ବିଭିନ୍ନ ଜିଲ୍ଲା ତଥା ବ୍ଲକ ଓ ସଦର ମହକୁମା ମାନଙ୍କରେ ସରକାରଙ୍କ ତରଫରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଏବଂ ସଚେତନତା ସୃଷ୍ଟି କରିବା ପାଇଁ ପ୍ରୟାସ କରାଯାଇଥିଲା। କିନ୍ତୁ, ଅସହାୟଙ୍କ ନିକଟରେ ସରକାରୀ ପ୍ରଶାସନ ପହଂଚି ସେମାନଙ୍କୁ ସହାୟତା ପ୍ରଦାନ କଲେ ସେମାନେ ଉପକୃତ ହୋଇପାରିବେ ବୋଲି ମତପ୍ରକାଶ ପାଇଥିଲା। ଅନୁଷ୍ଠାନର ମାସିକ ଆଲୋଚନା ସଭା ସ୍ଥାନୀୟ ହିଲ୍ ପାଟଣା ସ୍ଥିତ ଜି. ଏସ୍ ଲିଗାଲ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ସଭାପତି ରାଧା ଚରଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସାଧାରଣ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ ସମ୍ପାଦକୀୟ ପାଠ କରି ପ୍ରସଙ୍ଗ ସମ୍ବନ୍ଧରେ ଆଲୋଚନା କରିବାକୁ ସଭା ଅନୁରୋଧ କରିଥିଲେ। ଜିଲ୍ଲା ସ୍ତରୀୟ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଅନୁଷ୍ଠାନ ର ସଭାପତି ତଥା ବିଶିଷ୍ଟ ସ୍ତମ୍ଭକାର ଲେଖକ କବି ରାଧା ଚରଣ ନାୟକଙ୍କୁ ଜିଲ୍ଲା ପ୍ରଶାସନ ସମ୍ବର୍ଦ୍ଧିତ କରିଥିବାରୁ ଜିଲ୍ଲା ପ୍ରଶାସନକୁ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିବା ସହ ଶ୍ରୀ ନାୟକଙ୍କୁ ଅଭିନନ୍ଦନ ଅର୍ପଣ କରାଯାଇଥିଲା ଏବଂ ଅକ୍ଟୋବର ମାସରେ ଜନ୍ମିତ ଅନୁଷ୍ଠାନର ସଦସ୍ୟ ସଦସ୍ୟାଙ୍କୁ ଅଭିନନ୍ଦନ ସହ ଶୁଭେଚ୍ଛା ଅର୍ପଣ କରି ମହା ମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରାଯାଇଥିଲା। ଏହି ଅବସରରେ ଆସନ୍ତା ଦିନରେ ଅନୁଷ୍ଠାନ ତରଫରୁ କନିଷି ବ୍ଲକ ଏବଂ କୁକୁଡା ଖଣ୍ଡି ବ୍ଲକ ରେ ବରିଷ୍ଠ ନାଗରିକ ସଚେତନତା କାର୍ଯ୍ୟକ୍ରମ କରାଯିବା ପାଇଁ ସ୍ଥିର କରାଗଲା। ଏହି ଆଲୋଚନା ସଭାରେ ଅନୁଷ୍ଠାନର ସଂଯୋଜକ ଗୌରୀଶଙ୍କର ପଟ୍ଟନାୟକ, ସଂପାଦକ ରଜନୀକାନ୍ତ ମଣ୍ଡଳ, କୋଷାଧ୍ୟକ୍ଷ ଲଡୁକେଶ ମିଶ୍ର, ଯୁଗ୍ମ ସମ୍ପାଦକ କେ. କିରଣ କୁମାର ଦୋରା, ବରିଷ୍ଠ ସଦସ୍ୟ ଏ. ଅଶୋକ କୁମାର ପାତ୍ରଙ୍କ ସମେତ ଅନ୍ୟ ସଦସ୍ୟ ସଦସ୍ୟା ଉପସ୍ଥିତ ଥିବାବେଳେ ଆଭାସୀ ମାଧ୍ୟମରେ ଶ୍ରୀମତୀ ସ୍ୱର୍ଣ୍ଣପ୍ରଭା ମିଶ୍ର, ନିରଞ୍ଜନ ମହାପାତ୍ର, ଅକ୍ଷୟ କୁମାର ପଟ୍ଟନାୟକ, ମହେନ୍ଦ୍ର କୁମାର ଅଗ୍ରୱାଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ରଜନୀ କାନ୍ତ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୁରୁପଦ୍ମ ସମ୍ଭବ ପ୍ରଚାର ସମିତି ପକ୍ଷରୁ ଦୁଇଦିନିଆ ସମର୍ପଣ ଉତ୍ସବ

ସମ୍ବଲପୁର, ୧୭/୧୦ (ନି.ପ୍ର): ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଅନୁଷ୍ଠିତ ଗୁରୁପଦ୍ମ ସମ୍ଭବ ପ୍ରଚାର ସମିତିର ବୈଠକରେ ୧୧ ତମ ସମର୍ପଣ ଉତ୍ସବର ରୂପରେଖ ଉପରେ ଆଲୋଚନା କରାଯାଇଥିଲା। ଚଳିତ ଅକ୍ଟୋବର ମାସ ୩୧ ଏବଂ ନଭେମ୍ବର ଏକ ତାରିଖରେ ଦୁଇଦିନିଆ ୧୧ ତମ ସମର୍ପଣ ଉତ୍ସବ ଆୟୋଜନ ନେଇ ଆଜି ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସମିତିର ଆବାହକ ଭବାନୀଶ ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ବିଗତ ଦଶବର୍ଷ ଧରି ଆୟୋଜିତ ସମର୍ପଣ ଉତ୍ସବ ବିଷୟରେ ସୂଚନା ଦିଆଯାଇଥିଲା। ପଶ୍ଚିମ ଓଡ଼ିଶାର ବୌଦ୍ଧ ଇତିହାସକୁ ଲୋକ ଲୋଚନକୁ ଆଣିବା ସହିତ ସମ୍ବଲପୁତ୍ର ଗୁରୁପଦ୍ମ ସମ୍ଭବ, ରାଜା ଇନ୍ଦ୍ରଭୁତି, ଲକ୍ଷ୍ମୀ କରାଙ୍କ ସହିତ ତତ୍କାଳୀନ ସମୟର ଇତିହାସକୁ ଲୋକ ଲୋଚନକୁ ଆଣିବା ପାଇଁ ଭାରତୀ ସମାଜ ପକ୍ଷରୁ ଉଦ୍ୟମ କରାଯାଉଛି। ଏଥିପାଇଁ ସ୍ୱତନ୍ତ୍ର ଭାବେ ଗୁରୁପଦ୍ମ ସମ୍ଭବ ପ୍ରଚାର ସମିତି ଗଠନ କରାଯାଇ ଏହି ଦିଗରେ ଚେଷ୍ଟା କରାଯାଉଛି। କାର୍ଯ୍ୟକ୍ରମରେ ପଶ୍ଚିମାଞ୍ଚଳର ଭିନ୍ନଭିନ୍ନ ଅଞ୍ଚଳର ତଥା ୭ମ ଶତାବ୍ଦୀର ପୁରାତନ ଇତିହାସ ବିଷୟରେ ସ୍ଥାନୀୟ ଲୋକମାନଙ୍କ ଠାରୁ ଲୋକ କଥା ତଥା ଇତିହାସ ସଂଗ୍ରହ କରାଯିବ । ଏଥିପାଇଁ ପଶ୍ଚିମାଞ୍ଚଳର ଭିନ୍ନଭିନ୍ନ ଜିଲ୍ଲାର ଗାଁ ଗୁଡିକରୁ ଲୋକଙ୍କୁ ଭେଟି ତଥ୍ୟ ସଂଗ୍ରହ କରାଯାଉଛି। ପଶ୍ଚିମ ଓଡ଼ିଶାର ବୌଦ୍ଧ କରିଡ଼ର କୁ ବିକଶିତ କରି ପର୍ଯ୍ୟଟନ ର ବିକାଶ ନେଇ ଲକ୍ଷ୍ୟ ରଖାଯାଇଥିବା ବୈଠକରେ ଆଲୋଚନା ହୋଇଥିଲା। ଆଜିର ବୈଠକରେ ସମିତିର ସଦସ୍ୟ ଡ଼ ସ୍ୱୟଂ ପ୍ରକାଶ ପଣ୍ଡା, ଗୋପବନ୍ଧୁ ସେନାପତି, ସୁବୋଧ କୁମାର ଦୋରା, ମାନସ ରଞ୍ଜନ ବକ୍ସି, ରାହୁଲ ଗୁପ୍ତା, ରାଜେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଏଚ୍ପିସି ଦରମା ଓ ବୋନସ୍ ଦାବିରେ ଠିକା ଶ୍ରମିକଙ୍କ ଧାରଣା ଚେତାବନୀ, ନଭେମ୍ବର ୧୫ ସୁଦ୍ଧା ଦାବି ପୂରଣ ନହେଲେ ୧୬ରୁ ଆନ୍ଦୋଳନ

ଝାରସୁଗୁଡ଼ା, ୧୭/୧୦ (ନି.ପ୍ର): ଏମ୍ସିଏଲ୍ ର ଲଖନପୁର କ୍ଷେତ୍ରରେ କାର୍ଯ୍ୟରତ ଠିକା ଶ୍ରମିକଙ୍କୁ ଏଚ୍ପିସି ଦରମା, ବକେୟା ମଜୁରି, ବୋନସ୍ ଓ ଅନ୍ୟାନ୍ୟ ଆଇନଗତ ସୁବିଧା ପ୍ରଦାନ ଦାବି ଜୋର ଧରିଛି। ଏହାକୁ ନେଇ ଆଜି ଏମ୍ସିଏଲ୍ ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ଶ୍ରମିକଙ୍କୁ ନିୟମିତ ଓ ନିର୍ଦ୍ଧାରିତ ସମୟରେ ଦରମା ପ୍ରଦାନ, ପ୍ରଯୁଜ୍ୟ ସର୍ବନିମ୍ନ ମଜୁରି ସହ ଏଚ୍ପିସି ଦରମା ଲାଗୁ, ନିଯୁକ୍ତି ସମ୍ପର୍କିତ ଆବଶ୍ୟକ କାଗଜପତ୍ର ଯୋଗାଇବା ଏବଂ ଶ୍ରମ ଆଇନ ଅନୁଯାୟୀ ସମସ୍ତ ସୁବିଧା ପ୍ରଦାନ କରିବାକୁ ଦାବି କରାଯାଇଛି। ଏଥିସହ ଯୋଗ୍ୟ ଶ୍ରମିକଙ୍କୁ ଦୀପାବଳି ପୂର୍ବରୁ ବୋନସ୍ ପ୍ରଦାନ କରିବା ସହ ଦରମା ଓ ନିଯୁକ୍ତି ସମ୍ପର୍କିତ ରେକର୍ଡ ଯାଂଚ୍ କରି ଅନିୟମିତତା ଥିଲେ ଆବଶ୍ୟକ ପଦକ୍ଷେପ ନେବାକୁ ସଂଘ ଦାବି ଜଣାଇଛି। ଆସନ୍ତା ନଭେମ୍ବର ୧୫ ତାରିଖ ସୁଦ୍ଧା ଦାବିଗୁଡ଼ିକର ସମାଧାନ କରା ନ ଗଲେ ନଭେମ୍ବର ୧୬ ତାରିଖରୁ ଲଖନପୁର ଜି.ଏମ୍. କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ ବୋଲି ସଂଘ ଚେତାବନୀ ଦେଇଛି। ଠିକା ଶ୍ରମିକଙ୍କ ନ୍ୟାର୍ଯ୍ୟ ଅଧିକାର ଓ ସ୍ୱାର୍ଥର ସୁରକ୍ଷା ପାଇଁ ଏମ୍ସିଏଲ୍ କର୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରିବାକୁ ସଂଘ ଅନୁରୋଧ କରିଛି।

ସଂଘ ସଭାପତି ରମେଶ ତ୍ରିପାଠୀ କହିଛନ୍ତି ଯେ, ଶ୍ରମିକଙ୍କ ଅଧିକାର କୌଣସି ଦୟା ନୁହେଁ, ବରଂ ସେମାନଙ୍କର ନ୍ୟାୟସଂଗତ ଅଧିକାର ବୋଲି ସଂଘ ପକ୍ଷରୁ କୁହାଯାଇଛି। ଝାରସୁଗୁଡ଼ା ଜିଲ୍ଲାରେ ବହୁ କୋଇଲା ଖଣି, ତାପଜ ବିଦ୍ୟୁତ୍ ପ୍ରକଳ୍ପ ଓ ଶିଳ୍ପ ପ୍ରତିଷ୍ଠା ହୋଇଥିଲେ ମଧ୍ୟ ସ୍ଥାନୀୟ ଶ୍ରମିକ ଓ ବିସ୍ଥାପିତ ପରିବାରର ଯୁବକଯୁବତୀ ଆଶାନୁରୂପ ନିଯୁକ୍ତି ସୁଯୋଗ ପାଉନଥିବା ସଂଘ ଅଭିଯୋଗ କରିଛି। ଜିଲ୍ଲାରେ ଶ୍ରମିକ ଶୋଷଣ ବନ୍ଦ, ଉପଯୁକ୍ତ ମଜୁରି ପ୍ରଦାନ ଓ ନିଯୁକ୍ତିରେ ସ୍ଥାନୀୟ ଯୁବକଯୁବତୀଙ୍କୁ ପ୍ରାଥମିକତା ଦେବା ଦାବିରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଚିଠି ଦିଆଯାଇଥିବା ସଂଘ ସଭାପତି ପ୍ରକାଶ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଓଡ଼ିଶାରେ ନୂଆ ରାଜ୍ୟପାଳ...

ତେବେ ରାଜନୈତିକ କ୍ଷେତ୍ରରେ ତାଙ୍କର ଦୀର୍ଘ ଅଭିଜ୍ଞତା ରହିଛି। ସେ ପୂର୍ବରୁ ତିନିଥର ସାଂସଦ ଓ ଥରେ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି । ରାଜ୍ୟପାଳ ନିଯୁକ୍ତି ପରେ ସେ କୃଷି ଓ କୃଷକ କଲ୍ୟାଣ ଦିଗରେ ଅନେକ ସ୍ୱପ୍ନ ଦେଖିଥିବା କହିଥିଲେ। ତେଣୁ ରାଜ୍ୟର କୃଷି କ୍ଷେତ୍ର ଓ ଚାଷୀଙ୍କ ସ୍ୱାର୍ଥ ସହ ଜଡ଼ିତ ପ୍ରସଙ୍ଗରେ ତାଙ୍କର ଭୂମିକା କ'ଣ ରହିବ, ତାହା ଉପରେ ନଜର ରହିବ । ରାଜ୍ୟପାଳଙ୍କ ପାଇଁ ଶାସକ ଓ ବିରୋଧୀ ଦଳ ମଧ୍ୟରେ ସାମ୍ବିଧାନିକ ସନ୍ତୁଳନ ରକ୍ଷା କରିବା ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ହେବ । ସେହିପରି ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା ଅଧ୍ୟାପକ ପଦ ପୂରଣ ଏବଂ ଉଚ୍ଚଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ମଧ୍ୟ ତାଙ୍କ ପାଇଁ ଆହ୍ୱାନ ହୋଇପାରେ । ପୂର୍ବତନ ରାଜ୍ୟପାଳ ହରିବାବୁ କମ୍ଭମପାଟି ଅକ୍ଷୟ ଶକ୍ତି କ୍ଷେତ୍ରରେ ରାଜ୍ୟରେ ପରିବର୍ତ୍ତନ ଆଣିବା ଦିଗରେ ଗୁରୁତ୍ୱ ଦେଇଥିଲେ। ଏବେ ନୂଆ ରାଜ୍ୟପାଳଙ୍କ କାର୍ଯ୍ୟକାଳରେ କୃଷି, କୃଷକ କଲ୍ୟାଣ, ଉଚ୍ଚଶିକ୍ଷା ଓ ସାମ୍ବିଧାନିକ ଦାୟିତ୍ୱ ପାଳନ ଉପରେ କେତେ ଗୁରୁତ୍ୱ ଦିଆଯାଉଛି, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ ।

### ସାହିତ୍ୟର ସୁବାସରେ...

ଡ. ପ୍ରଦୀପ୍ତ ମିଶ୍ରଙ୍କ ମନ୍ତ୍ରୋଚ୍ଚାରଣ ଏବଂ ସଙ୍ଗୀତ ବିଶାରଦ ଜୟନ୍ତ ପାଣିଗ୍ରାହୀଙ୍କ ପ୍ରାଣସ୍ପର୍ଶୀ ସଙ୍ଗୀତ ପରିବେଷଣ ସମଗ୍ର ପରିବେଶକୁ ଏକ ଆଧ୍ୟାତ୍ମିକ ଓ ସାହିତ୍ୟିକ ସ୍ନିଗ୍ଧତାରେ ଭରି ଦେଇଥିଲା। ଅତିଥିମାନେ ଆନୁଷ୍ଠାନିକ ଭାବେ ପତ୍ରିକାର ଉନ୍ମୋଚନ କରିଥିଲେ। ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ସମାଜ' ଉତ୍ତର ଓଡ଼ିଶା ସଂସ୍କରଣର ସମ୍ବାଦ ମୁଖ୍ୟ କୁଳମଣି ବାରିକ ମତବ୍ୟକ୍ତ କରିଥିଲେ ଯେ, ପତ୍ରିକା କେବଳ କାଗଜର ସମଷ୍ଟି ନୁହେଁ ବରଂ ଏହା ହେଉଛି ଏକ ଯୁଗର ଚେତନା ଏବଂ ସମାଜର ଦର୍ପଣ। ଏହି ସମାରୋହରେ ବିଶିଷ୍ଟ ଶିକ୍ଷାବିତ୍ ଶ୍ୟାମ ସୁନ୍ଦର ମିଶ୍ର, ନୀଳମଣି ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ନାଟ୍ୟକାର ଡ. ତପନ ବେହେରା, ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ଡ. ରାଧାରଞ୍ଜନ ପଟ୍ଟନାୟକ, ପ୍ରସିଦ୍ଧ ଆଇନଜୀବୀ ତଥା ସମାଜସେବୀ ବିଜୟ କୁମାର ପାଣିଗ୍ରାହୀ, ଯୁବ ରାଜନେତା ତଥା ସମାଜସେବୀ ବିକ୍ରମ କୁମାର ପଣ୍ଡା, ସୁନାମଧନ୍ୟା ଗାଳ୍ପିକା କବିତା ବାରିକ ଏବଂ 'ସାଗରିକା' ଓ 'ଧ୍ୱନି ପ୍ରତିଧ୍ୱନି'ର ମୁଖ୍ୟ ସମ୍ପାଦକ ତଥା ପରିଚାଳନା ନିର୍ଦ୍ଦେଶକ ଔପନ୍ୟାସିକ ସୃଷ୍ଟିଧର ପରିଡ଼ା ପ୍ରମୁଖ ମଞ୍ଚାସୀନ ରହି ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ମର୍ମସ୍ପର୍ଶୀ ଆଲୋଚନା କରିଥିଲେ। ବକ୍ତାମାନେ ଗଭୀର ଶ୍ରଦ୍ଧାର ସହ ସ୍ମରଣ କରିଥିଲେ ଯେ, ଦୀର୍ଘ ୪୨ ବର୍ଷର ଏହି ଦୀର୍ଘପଥ ଯାତ୍ରାରେ 'ସାଗରିକା' ଅନେକ ପ୍ରତିକୂଳତା ଓ ଝଡ଼ଝଞ୍ଜାକୁ ସାମ୍ନା କରିଛି; କିନ୍ତୁ କେବେବି ନିଜର ମୂଲ୍ୟବୋଧ ଓ ସାହିତ୍ୟିକ ନିଷ୍ଠାଠାରୁ ଓହରି ଯାଇନାହିଁ। ବିଶେଷ କରି, ବର୍ତ୍ତମାନର ବଜାରକୈନ୍ଦ୍ରିକ ଏବଂ ଟି.ଆର.ପି. ଦୌଡ଼ର ଯୁଗରେ ସମ୍ପାଦିକା ଲେଖକର ନାମ ବା ପ୍ରସିଦ୍ଧିକୁ ନ ଦେଖି, କେବଳ ଲେଖାର ମାନ, ଶୁଦ୍ଧତା ଏବଂ ଗୁଣବତ୍ତାକୁ ଆଖିରେ ରଖି ଯେପରି ପତ୍ରିକା ପରିଚାଳନା କରିଆସୁଛନ୍ତି, ତାହା ସମଗ୍ର ସାହିତ୍ୟ ଜଗତ ପାଇଁ ଏକ ଅନୁକରଣୀୟ ଦୃଷ୍ଟାନ୍ତ। ଆଜିର ଡିଜିଟାଲ୍ ଯୁଗରେ ମୋବାଇଲ୍ ଏବଂ ବିଭିନ୍ନ ସ୍କ୍ରିନ୍ ଆଗରେ ବନ୍ଦୀ ହୋଇପଡ଼ିଥିବା ଯୁବପିଢ଼ି କ୍ରମଶଃ ମୁଦ୍ରିତ ପୁସ୍ତକ ଓ ପତ୍ରିକାରୁ ଦୂରେଇ ଯାଉଥିବା ନେଇ ସମାରୋହରେ ଗଭୀର ଚିନ୍ତା ପ୍ରକଟ କରାଯାଇଥିଲା। କିନ୍ତୁ ଏହି ଅନ୍ଧକାର ମଧ୍ୟରେ 'ସାଗରିକା' ଭଳି ପତ୍ରିକାଗୁଡ଼ିକ ଆଶାର କିରଣ, ଯାହା ପିଲାମାନଙ୍କ ହାତରେ ପୁଣିଥରେ କାଗଜର ପୃଷ୍ଠା ଧରାଇବା ଏବଂ ସେମାନଙ୍କୁ ମାତୃଭାଷା ସାହିତ୍ୟ ପ୍ରତି ଆକୃଷ୍ଟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଶରତର ଏହି ସାହିତ୍ୟିକ ସନ୍ଧ୍ୟାରେ ବାଲେଶ୍ୱରର କବି, ଲେଖକ, ବୁଦ୍ଧିଜୀବୀ ଓ ପ୍ରାଣବନ୍ତ ସାହିତ୍ୟାନୁରାଗୀମାନଙ୍କ ପ୍ରାଣରେ ଏକ ନୂତନ ଉନ୍ମାଦନା ସୃଷ୍ଟି ହୋଇଥିଲା। 'ସାଗରିକା'ର ଏହି ଶାରଦୀୟ ସଂଖ୍ୟା ଓଡ଼ିଆ ପାଠକମାନଙ୍କ ହୃଦୟରେ ସାହିତ୍ୟର ନୂତନ ସ୍ୱପ୍ନ ଓ ଚେତନା ଜାଗ୍ରତ କରୁ— ଉପସ୍ଥିତ ଅତିଥିମାନେ ମତପ୍ରକାଶ କରିଥିଲେ।

### ଓଡ଼ିଶା ଭିଜିଲାନ୍ସର ବିଳମ୍ବିତ...

ଯନ୍ତ୍ରୀ ପ୍ରସନ୍ନଜିତ ଦାସ ଦେଇପାରି ନଥିବାରୁ ଭିଜିଲାନ୍ସ ଏହି ଟଙ୍କା ଜବତ କରିଛି। ଟଙ୍କାର ଉତ୍ସ ଜାଣିବା ପାଇଁ ତାଙ୍କୁ ଅଟକ ରଖାଯାଇ ପଚରାଉଚରା ଜାରି ରହିଛି। ଏହି ଘଟଣାରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ୧୬ ଅକ୍ଟୋବର ୨୦୨୬ରେ କେସ୍ ନମ୍ବର ୨୪ ରୁଜୁ ହୋଇଛି। ଦୁର୍ନୀତି ନିବାରଣ ଆଇନ, ୧୯୮୮ର ଧାରା ୧୩(୨) ସହିତ ସଂଶୋଧିତ ଆଇନ, ୨୦୧୮ର ଧାରା ୧୩(୧)(ବି) ଅନୁଯାୟୀ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

### କୋଲକାତା ଦୁର୍ଗାପୂଜାରେ...

ଦଳାଚକଟା ଘଟଣା ଘଟିଛି। ଏହି ଘଟଣା ଆଜି ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ଗିରିଶ ପାର୍କ ଥାନା ଅଞ୍ଚଳରେ ଘଟିଛି। ଦୁର୍ଘଟଣା ପରେ ସମସ୍ତ ଆହତଙ୍କୁ ତୁରନ୍ତ ଉଦ୍ଧାର କରି ମେଡକାଲରେ ଭର୍ତ୍ତି କରାଯାଇଛି। କଣ୍ଟ୍ରୋଲ ରୁମ୍, ଦମକଳ ବାହିନୀ, କୋଲକାତା ପୁଲିସ ଏବଂ ବିପର୍ଯ୍ୟୟ ପରିଚାଳନା ଗୋଷ୍ଠୀର ଟିମ୍ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଆମ୍ବୁଲାନ୍ସ ସହିତ ମେଡିକାଲ ଟିମ୍ ମଧ୍ୟ ପଠାଯାଇଛି। ପରିସ୍ଥିତି ଭଲ ନଥିବାରୁ ପୂଜା ମଣ୍ଡପକୁ ବନ୍ଦ ରଖାଯାଇଛି। ସେଠାକୁ ଶ୍ରଦ୍ଧାଳୁମାନଙ୍କୁ ଯିବା ନେଇ ବାରଣ କରାଯାଇଛି। ଦୁର୍ଗାପୂଜା ସମୟରେ ଘଟିଥିବା ଏହି ଦୁର୍ଘଟଣା ନେଇ ପଶ୍ଚିମବଙ୍ଗ ସରକାର ହେଲ୍ପଲାଇନ୍ ନମ୍ବର ଜାରି କରିଛନ୍ତି। ଲୋକମାନେ ୧୮୦୦୩୪୫୫୬୭୮ ସହିତ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ଦୁର୍ଗାପୂଜା ମଣ୍ଡପରେ ଦଳାଚକଟା ନେଇ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଟିଏମ୍ସି ସୁପ୍ରିମୋ ମମତା ବାନାର୍ଜୀ କ୍ଷୋଭ ପ୍ରକାଶ କରିଛନ୍ତି। ସେ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

### ହର୍ମୁଜ୍ ପ୍ରଣାଳୀରେ...

ଥରେ ଚେତାବନୀ ଦେଇଛି। ଇରାନର ସାର୍ବଭୌମ ନିଷ୍ପତ୍ତି ଏବଂ ସାମୁଦ୍ରିକ ନିୟମ ଅନୁଯାୟୀ ହର୍ମୁଜ୍ ପ୍ରଣାଳୀ ବର୍ତ୍ତମାନ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଆମେରିକା ସେନା ଉପରେ ଭରସା କରି ଇରାନର ନିୟମକୁ ଅବମାନନା କରିବାର ପରିଣାମଏଭଳି ଭୟାନକ ହେବ ବୋଲି ସଂଗଠନ କହିଛି। ବିଗତ କିଛି ସପ୍ତାହ ମଧ୍ୟରେ ଏହି ଜଳପଥ ଚାରିପାଖରେ ଆକ୍ରମଣ ବହୁଳ ଭାବେ ବୃଦ୍ଧି ପାଇଛି। ଆମେରିକା ପକ୍ଷରୁ ଇରାନର ବନ୍ଦରଗୁଡ଼ିକ ଉପରେ କରାଯାଇଥିବା ଅବରୋଧ ଏବଂ ଗତ ମାସରେ ଲାଗୁ ହୋଇଥିବା କଡ଼ା କଟକଣା ଜବାବରେ ଇରାନ ନିଜର ଆକ୍ରମଣକୁ ଜୋରଦାର କରିଛି। ହର୍ମୁଜ୍ ପ୍ରଣାଳୀ ଏବଂ ଏହାର ଆଖପାଖ ଅଞ୍ଚଳରେ ବାଣିଜ୍ୟିକ ଜାହାଜ ଚଳାଚଳ ପ୍ରତି ବଢ଼ୁଥିବା ବିପଦ ଆଞ୍ଚଳିକ ସୁରକ୍ଷା ଚିନ୍ତାକୁ ବହୁଗୁଣିତ କରିଛି। ୱାସିଂଟନ ଉପରେ ଚାପ ପକାଇବା ପାଇଁ ସାମୁଦ୍ରିକ ଚଳାଚଳକୁ ଇରାନ ସେନା ପକ୍ଷରୁ ସୀମିତ କରାଯାଇଛି। ତୈଳ ମୂଲ୍ୟ ବୃଦ୍ଧି ରଖିବା ଏବଂ ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନକୁ ପ୍ରଭାବିତ କରିବା ଉଦ୍ଦେଶ୍ୟରେ ଇରାନ ଏହି ନୂତନ ରଣନୀତି ଆପଣାଉଥିବା ରଏଟର୍ସ ସୂତ୍ରରୁ ଜଣାପଡ଼ିଛି। ଗତ ଜୁନ୍ ମାସରେ ସ୍ୱାକ୍ଷରିତ ହୋଇଥିବା ଅନ୍ତରୀଣ ଅସ୍ତ୍ରବିରତି ଚୁକ୍ତି ଭାଙ୍ଗିବା ପରେ ଇରାନ ଏବଂ ଆମେରିକା ମଧ୍ୟସ୍ଥିଙ୍କ ଜରିଆରେ ବିଭିନ୍ନ ପ୍ରସ୍ତାବ ବିନିମୟ କରିଛନ୍ତି। ତଥାପି ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା ପ୍ରକ୍ରିୟା ସ୍ଥଗିତ ରହିଛି।

# ସେବା ସଂକଳ୍ପ ଅଭିଯାନରେ ମାଗଣା ହେଲମେଟ ବଣ୍ଟନ କାର୍ଯ୍ୟକ୍ରମ: ସଡ଼କ ସୁରକ୍ଷା ଓ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ ଉପରେ ଗୁରୁତ୍ୱ



ବାରିପଦା, ୧୭/୧୦ (ନି.ପ୍ର): ସେବା ସଂକଳ୍ପ ଅଭିଯାନ ଅବସରରେ ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ ଅନ୍ତର୍ଗତ ବଡ଼ ଦେଉଳିଠାରେ ସଡ଼କ ସୁରକ୍ଷା ସମ୍ପର୍କରେ ଜନସଚେତନତା ସୃଷ୍ଟି ଏବଂ ଦୁଇଚକିଆ ଯାନ ଚାଳକଙ୍କୁ ହେଲମେଟ ବ୍ୟବହାର ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏକ ମାଗଣା ହେଲମେଟ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଡ଼କ ସୁରକ୍ଷା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ । ସମସ୍ତେ ନିଜ ସୁରକ୍ଷା ସହ ଅନ୍ୟମାନଙ୍କ ସୁରକ୍ଷା ପ୍ରତି ମଧ୍ୟ ସଚେତନ ରହିବା ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ହେମକାନ୍ତ ସୟ, ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଡୁପାଲ୍ଲୀ , ବାରିପଦା ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା , ଶୁଳିଆପଦା ବିଡ଼ିଓ ଲକ୍ଷ୍ମୀ ସାଗର ମାଝୀ ଏବଂ ତହସିଲଦାର ନାରାନ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଯାତାୟାତ କରୁଥିବା ବାଇକ ଚାଳକଙ୍କୁ ମାଗଣାରେ ହେଲମେଟ ବଣ୍ଟନ କରାଯାଇଥିଲା । ବାରିପଦା ଆଞ୍ଚଳିକ ପରିବହନ ଅଧିକାରୀ, ପ୍ରଶାନ୍ତ କୁମାର ପରିଡ଼ା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

ରବିବାର, ଅକ୍ଟୋବର ୧୮, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ମଲ୍ଲିକାଦେଇପୁର ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ

ବାସୁଦେବପୁର, ୧୭/୧୦ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ମଲ୍ଲିକା ଦେଇପୁର ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ କରଞ୍ଜଆଡିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦାମ ବେହେରା ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ପୂର୍ବତନ ପ୍ରଧାନ ଶିକ୍ଷକ ଗଦାଧର ଦାସ, ସରପଞ୍ଚ ମାର୍କଣ୍ଡ ଚରଣ ତରାଇ, ଶିକ୍ଷାବିତ୍ ଅମୀୟ କୁମାର ମହାଳିକ, ସି ଆର ସି ସି ଲଳିତ କୁମାର ରାୟ, ପୂର୍ବତନ ପ୍ରଧାନ ଶିକ୍ଷକ ସନାତନ ବେହେରା, ସ୍କୁଲ୍ ପରିଚାଳନା କମିଟି ସଭାପତି ସତ୍ୟଭାମା ପ୍ରଧାନ, ଆଲୁମୁନି କମିଟି ସଭାପତି ସୁଶାନ୍ତ କୁମାର ବାରିକ୍ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଶିକ୍ଷୟତ୍ରୀ ପ୍ରତିମା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ବରିଷ୍ଠ ଶିକ୍ଷକ ପାର୍ଥ ସାରଥୀ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ,ବକ୍ତୃତା, ତର୍କ, ହସ୍ତାକ୍ଷର ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା। ଏହି ଉତ୍ସବରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଶିକ୍ଷୟତ୍ରୀ ସ୍ମୃତି ସ୍ମରଣିକା ମହାନ୍ତି ଓ ସ୍ୱର୍ଣ୍ଣ ପ୍ରଭା ସାହୁ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟତ୍ରୀ ମିତାଲି ମଧୁସ୍ମିତା ନାୟକ ଓ ଅପର୍ଣ୍ଣା ସେଠୀ ବେଦ ପାଠ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ସୁମିତା ଜେନା, ସ୍ୱୟଂଶିଖା ଭୋଇ, ସୁଭଦ୍ରା ସିଂ, ସଞ୍ଜୀବ କୁମାର ବାରିକ୍, ପରମାନନ୍ଦ ମଲିକ୍, ସୁବ୍ରତ ମହାରଣା, ସରୋଜ ସେଠୀ, ଶମ୍ଭୁନାଥ ସ୍ୱାଇଁ, ଶଙ୍କର୍ଷଣ ପ୍ରଧାନ ପ୍ରମୁଖ ଏହି ଉତ୍ସବକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।



ଭୁବନେଶ୍ୱର : ନାରାୟଣୀ ବୁକ୍ ଷ୍ଟଲରେ ସାଗରିକାର ଉନ୍ମୋଚନ ପର୍ବ ପାଳିତ । ଏହି ଉତ୍ସବରେ କବି ଡ. ରଜନୀ ରଂଜନ, କବି ବିପିନ ମହାନ୍ତି, ପରାଗର ସମ୍ପାଦକ ବନମାଳୀ ସେନାପତି, କବି ପ୍ରିୟରଂଜନ ମହାନ୍ତି, ରଶ୍ମି ରାଉତ ଓ ନାରାୟଣୀ ବୁକ୍ ଷ୍ଟୋରର ମାଲିକ ବାବୁଲି ବେହେରାଙ୍କ ସମେତ ସାଗରିକାର ପରିଚାଳନା ସମ୍ପାଦକ ସୃଷ୍ଟିଧର ପରିଡା ଉପସ୍ଥିତ ଥିଲେ ।

# ଜନଜାଗୃତି ମଂଚ ତରଫରୁ 'ପ୍ରତିବନ୍ଧକରୁ ପରିବର୍ତ୍ତନ' କାର୍ଯ୍ୟକ୍ରମ

ଉଦଳା, ୧୭/୧୦ (ନି.ପ୍ର): 'ଅଭାବ ହିଁ ଉଦ୍ଭାବନର ଜନନୀ' ଉକ୍ତିଟି ବହୁ ପୂର୍ବରୁ ପ୍ରଚଳିତ ଅଛି। ଯେଉଁଠି ଅସୁବିଧା ତାହାକୁ ଦୂର କରିବାକୁ ମିଳିତ ପ୍ରୟାସ ହେବା ଆବଶ୍ୟକ। ଏହିସବୁ ଚିନ୍ତାଧାରାକୁ ଆଧାର କରି 'ପ୍ରତିବନ୍ଧକରୁ ପରିବର୍ତ୍ତନ' ଶିର୍ଷକ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଦଶହରା ଠାରୁ ଦୀପାବଳୀ ପର୍ଯ୍ୟନ୍ତ କରାଯାଉଛି । ଆତ୍ମଶକ୍ତି ଟ୍ରଷ୍ଟର ନେତୃତ୍ୱରେ ଜନଜାଗୃତି ମଂଚର ଆୟୋଜନରେ ମୟୂରଭଂଜ ଜିଲ୍ଲାର କପ୍ତିପଦା, ଉଦଳା, ଖୁଂଟା, ଗୋପବନ୍ଧୁନଗର, ଶ୍ୟାମାଖୁଂଟା, ଶୁଳିଆପଦା, କୁଳିଅଣା, ବାରିପଦା ସଦର, ବାଙ୍ଗିରିପୋଷୀ ପ୍ରଭୃତି ବ୍ଲକ ଅଂଚଳର ଗୋଟିଏ କରି ଗ୍ରାମରେ ଏହାର ଆରମ୍ଭ କରାଯାଇଛି । ସରକାରଙ୍କ ତରଫରୁ ପ୍ରଥମରୁ ଚଉଦ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରତି ପିଲାଙ୍କ ନିମନ୍ତେ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ଘୋଷଣା କରାଯାଇଛି । ଏହା ସତ୍ୱେ ଅନେପ ପିଲା ବିଦ୍ୟାଳୟ ବାହାରେ ରହିଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ଏହାପଛରେ ଅନେକ କାରଣ ରହିଯାଇଛି । ଏହି କାରଣ ଗୁଡ଼ିକୁ ଖୋଜି ବାହାର କରିବା ଓ ପ୍ରାଥମିକତା ଦୃଷ୍ଟିକୋଣରୁ ଅତି ଆବଶ୍ୟକ ଅସୁବିଧା ଗୁଡ଼ିକୁ ପର୍ଯ୍ୟାୟକ୍ରମେ ସମାଧାନ କରିବା ନିମନ୍ତେ ପ୍ରୟାସ ଜାରୀ ରହିଛି । ଏଥିରେ ଗ୍ରାମବାସୀ, ପିତାମାତା, ଅଭିଭାବକ, ଛାତ୍ର ଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ପଂଚାୟତରାଜ ପ୍ରତିନିଧି, ସ୍ୱୟଂସହାୟକ ଗୋଷ୍ଠୀ, ଯୁବକ ଯୁବତୀ ମାନଙ୍କୁ ସମ୍ପୃକ୍ତ କରାଯାଇଛି । ଗ୍ରାମସ୍ତରରେ ଏହିମାନଙ୍କୁ ନେଇ ବୈଠକ ଆୟୋଜନ କରାଯାଉଛି । ଗ୍ରାମରେ ଶିକ୍ଷାକୁ ନେଇଥିବା ସମସ୍ୟା ପ୍ରତ୍ୟେକଙ୍କ ଠାରୁ ଲିଖିତ ଭାବରେ ସଂଗ୍ରହ କରାଯାଉଛି । ଆବଶ୍ୟକ ମୁତାବକ ଏଥିସମ୍ବନ୍ଧୀୟ ଦୃଶ୍ୟଶ୍ରାବ୍ୟ ଚିତ୍ର ଗ୍ରହଣ କରାଯାଉଛି । ଏହି ସଂଗୃହିତ ସମସ୍ୟାବଳୀକୁ ଲିପିବଦ୍ଧ କରାଯିବା ସହିତ ଏହାକୁ ବାଉଁଶରେ ନିର୍ମିତ ଏକ ବୃକ୍ଷରେ ଲଟକାଇ ଦିଆଯାଉଛି । ଦଶହରାରେ ଅସତ୍ୟ ଉପରେ ସତ୍ୟର ବିଜୟ ନିମନ୍ତେ ପ୍ରତିକାତ୍ମକ ଭାବେ ରାବଣପୋଡ଼ି କରାଯିବା ଭଳି ଏହି ଶିକ୍ଷା ସମସ୍ୟା ବୃକ୍ଷକୁ ଦଶହରା ପର୍ବ ପାଳନ ଅବସରରେ ଗ୍ରାର ଆବାଳ ବୃଦ୍ଧ ବନିତାଙ୍କ ଉପସ୍ଥିତିରେ ଆଲୋଚନା କରାଯାଇ ଦହନ କରାଯିବ । ଦଶହରାରୁ ଦୀପାବଳୀ ମଧ୍ୟରେ ପ୍ରାଥମିକତା ଭିତିରେ ଗୋଟିଏ ପ୍ରମୁଖ ସମସ୍ୟାକୁ ସମାଧାନ କରିବା ନିମନ୍ତେ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ । ଏହି କାର୍ଯ୍ୟପନ୍ଥାକୁ ଆଲୋକର ପର୍ବ ଦୀପାବଳୀ ସହିତ ତୁଳନା କରାଯାଉଛି । ଜନଜାଗୃତି ମଂଚର ଜିଲ୍ଲା ପରିଚାଳକ ଗଦାଧର ଦାଶ ଏହାର ନେତୃତ୍ୱ ନେଇଥିବା ବେଳେ ଜନସାଥୀ ରାମଚନ୍ଦ୍ର ସିଂ, ରାମାୟ ମୁର୍ମୁ, ରବିନ୍ଦ୍ର ଖଣ୍ଡେଇ ପ୍ରମୁଖ ପରିଚାଳନାର ଦାୟିତ୍ୱ ତୁଲାଉଛନ୍ତି । ମଂଚର ଉର୍ମି ଲିଡ଼ର ଓ ବ୍ଲକ ସଂଯୋଜକ ସମସ୍ତେ ମିଳିମିଶି ଏହାକୁ ସଫଳ କରିବା ପାଇଁ ସହଯୋଗ କରୁଛନ୍ତି ।



# ରାଜଘର ପୋଖରୀ ହାଇସ୍କୁଲରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ



ବାସୁଦେବପୁର, ୧୭/୧୦ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ରାଜଘର ପୋଖରୀ ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ରାଜଘର ପୋଖରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ସେଠୀ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଅବସର ପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅମୀୟ କୁମାର ମହାଳିକ। ଏହି ଉତ୍ସବରେ ଯୋଗ ସ୍ଥାନୀୟ ସରପଞ୍ଚ ଅରୁଣ କୁମାର ମହାନ୍ତି, ସି ଆର ସି ସି ଗଙ୍ଗାଧର ବେରା, ଅବସର ପ୍ରାପ୍ତ ଶିକ୍ଷକ ଘନଶ୍ୟାମ ବିଶ୍ୱାଳ, କେ ସି ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଜୟନ୍ତୀ ଲତା ବେହେରା, ଅବସର ପ୍ରାପ୍ତ ଶିକ୍ଷକ ଜୟନ୍ତ କୁମାର ଦାସ , ମନୋଜ କୁମାର ଅଗସ୍ତି ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଶିକ୍ଷା ସାହିତ୍ୟ ଓ କଳା ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଉତ୍ସବରେ ଆଦିକନ୍ଦ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସ୍ମୃତି ରଞ୍ଜନ ବିଶୋଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଗାର ଟି ବିଦ୍ୟାଳୟର ଛାତ୍ର ଛାତ୍ରୀ ଏହି ଉତ୍ସବରେ ଅଂଶ ଗ୍ରହଣ କରିଥିଲେ। ଏହି ଉତ୍ସବରେ ସାଧାରଣ ଜ୍ଞାନ,ବକ୍ତୃତା, ତର୍କ,ହସ୍ତାକ୍ଷର, ନୃତ୍ୟ, ସଙ୍ଗୀତ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା। ଏହି ଉତ୍ସବରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

# ବଲାଙ୍ଗୀ ସାହିତ୍ୟ ସଂସଦର ସାରସ୍ୱତ ବନ୍ଧୁମିଳନ ଓ କବିତା ଆସର



ନୀଳଗିରି , ୧୭/୧୦ (ନି.ପ୍ର): ନୂତନକରି ବାଲେଶ୍ୱରରେ ଗଢି ଉଠିଥିବା ବଲାଙ୍ଗୀ ସାହିତ୍ୟ ସଂସଦର ଉଦଘାଟନ ଓ କବିତା ଆସର ଶାରଦୀୟ ପାର୍ବଣର ଅବସରରେ ଗବଗାଁ ସ୍ଥିତ ସାଇ ଶିଶୁବିଦ୍ୟାମନ୍ଦିର ପ୍ରେକ୍ଷାଳୟରେ ସଭାପତି ଡ.ରତ୍ନାକର ସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି ।ଉଦଘାଟକ ରୂପେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକ ପ୍ରତିଭା ଶ୍ରୀ ଓ ପ୍ରଜାପତି ଅନୁଷ୍ଠାନର ମୁଖ୍ୟକବି ପ୍ରଶାନ୍ତ ଦାସ ଓ କେନ୍ଦ୍ରସାହିତ୍ୟ ଏକାଡେମୀ ସଦସ୍ୟ ତଥା ଓଡ଼ିଶା ସାହିତ୍ୟଏକାଡେମୀ ପୁରସ୍କାର ପ୍ରାପ୍ତ ଓ ଫକୀରମୋହନ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି କବି ବିମଳ ଜେନା ଯୋଗଦାନ କରିଥିଲେ। ଆବେଗର କଥା କହେ କବିତା ।କବିତା ଲୋକଙ୍କ ମଧ୍ୟରେ ଗ୍ରହଣୀୟ ହେଲେ ସେ ଆଉ କବିତା ହୋଇ ରହେନାହିଁ ତାହା ମନ୍ତ୍ର ପାଲଟି ଯାଏ। ନୀରବତା ହିଁ କବିତା। କୋଳାହଳ ବି କବିତା ଯୁଦ୍ଧ ମଧ୍ୟ କବିତା। ଶାନ୍ତି ମଧ୍ୟ କବିତା। ଭାବର ଆବେଗରେ ଯେଉଁ ଲୁହଝରେ ସେ ଲୁହହୋଇ ରହେନାହିଁ, ସେ ମୁକ୍ତା ପାଲଟିଯାଏ ।ସବୁ ଛଳନାର ଉର୍ଦ୍ଧ୍ୱରେ ଭାବନାର ସ୍ୱଚ୍ଛଧାରାହିଁ ଶାଶ୍ୱତ କବିତା। ଏହି ଆସରରେ ଦଶରଥ ହେମ୍ବ୍ରମଙ୍କ ପ୍ରତିଷ୍ଠିତ ଓ ସମ୍ପାଦିତ'ଆଦିଭୂମି'ଶାରଦୀୟ ସଂକଳନଟିକୁ ସହଯୋଗୀ ସମ୍ପାଦକ ଜୁମରନାଥ ପାତ୍ର, ସ୍ନିଗ୍ଧା ସାମନ୍ତରାୟ, ସମରବଲ୍ଲଭ ଭୋଇ, ଆଜିମ ବାଲେଶ୍ୱରୀ, ସୁବ୍ରତା ମହାନ୍ତି, ଜ୍ୟୋତ୍ସ୍ନା ରାୟ, ପ୍ରଭାତ ଆଚାର୍ଯ୍ୟ, ପ୍ରବୀର କମିଲା, ସୁବାସ ସ୍ୱାଇଁଙ୍କ ଗହଣରେ କବି ପ୍ରଶାନ୍ତ ଦାସ ଓ କବି ବିମଳ ଜେନାଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା। ଏତଦବ୍ୟତୀତ ପ୍ରଭାକର ସାହୁ, ପଦ୍ମଲୋଚନ ପ୍ରଧାନ,ଶାନ୍ତିଲତା ପଣ୍ଡା, ଶାନ୍ତି ବିଶିକଲ୍ୟାଣୀ ନନ୍ଦ, କଳ୍ପନାକୁମାରୀ ଲାହା, କୃଷ୍ଣା ପ୍ରଧାନ, ତ୍ରିନାଥ ନନ୍ଦୀ, ଝରଣା ମଲ୍ଲିକ, ରଣଜିତ କୁମାର ବେହେରା, ଆଭାମୟୀ ବାରିକ, କାର୍ତ୍ତିକ ସେଠୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଓ ସାଇ ଶିଶୁବିଦ୍ୟାମନ୍ଦିରର ଅଧ୍ୟକ୍ଷ କବି ମଧୁସୂଦନ ମିଶ୍ର ମଞ୍ଚପରିଚାଳନା ସହ ସମ୍ପାଦକୀୟ ପ୍ରାକକଥନ ଉପସ୍ଥାପନ କରିଥିଲେ ।ଆଭାମୟୀ ବାରିକ ମଞ୍ଚ ଆହ୍ୱାନ କରିଥିବାବେଳେ କାର୍ତ୍ତିକ ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭରୁଚର ଔଷଧ ରାସାୟନିକ କାରଖାନାରେ ବିସ୍ଫୋରଣ: ୫ ଶ୍ରମିକଙ୍କ ମୃତ୍ୟୁ, ୬ ଆହତ

ନୂଆଦିଲ୍ଲୀ,୧୭/୧୦ : ଗୁଜରାଟର ଭରୁଚ ଜିଲ୍ଲା ଅନ୍ତର୍ଗତ ଓ୍ୱାଗ୍ରା ଶିଳ୍ପାଞ୍ଚଳରେ ଥିବା ସେନଜିଲ ଫାର୍ମା କେମିକାଲ୍ସ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀରେ ଶୁକ୍ରବାର ବିଳମ୍ବିତ ରାତିରେ ଭୟଙ୍କର ବିସ୍ଫୋରଣ ଘଟିଥିବା ଖବର ମିଳିଛି। ପ୍ରାରମ୍ଭିକ ସୂଚନା ଅନୁଯାୟୀ, ଏହି ଦୁର୍ଘଟଣାରେ ୫ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୬ ଜଣ ଆହତ ହୋଇଛନ୍ତି। ତେବେ ଖବର ଲେଖାଯିବା ସୁଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ମୃତକଙ୍କ ସଂଖ୍ୟା ଆନୁଷ୍ଠାନିକ ଭାବେ ସ୍ପଷ୍ଟ କରାଯାଇ ନଥିଲା। ପ୍ରାରମ୍ଭିକ ସୂଚନା ଅନୁଯାୟୀ, କାରଖାନାରେ ରାସାୟନିକ ପ୍ରକ୍ରିୟା ଚାଲିଥିବା ସମୟରେ ୧୫ ହଜାର ଲିଟର କ୍ଷମତା ବିଶିଷ୍ଟ ଏକ ରାସାୟନିକ ପାତ୍ରରେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣର ଶବ୍ଦ ପ୍ରାୟ ୧୫ କିଲୋମିଟର ଦୂର ପର୍ଯ୍ୟନ୍ତ ଶୁଣାଯାଇଥିବା କୁହାଯାଉଛି। ଏହା ପରେ ଆଖପାଖ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା ଏବଂ ଅନେକ ଲୋକ ଭୟରେ ଘରୁ ବାହାରକୁ ଚାଲି ଆସିଥିଲେ।

BETNOTI COLLEGE OF NURSING
COLLEGE ROAD, BETNOTI, MAYURBHANJ
Approved by: Health & Family Welfare Department, Govt. of Odisha, Bhubaneswar
(Recognised by : Odisha Nursing Council, Bhubaneswar)
(Affiliated to ODISHA UNIVERSITY OF HEALTH SCIENCES, BBSR, ODISHA)
Course Offer: ADMISSION OPEN : 2026-27
B.Sc. Nursing (4 Years Degree Course)
Eligibility: +2 Science with Biology (Mark 45% & 40% for SC/ST Students)
100% Placement
BETNOTI SCHOOL OF NURSING
G.N.M. 3 YEARS DIPLOMA COURSE
Eligibility : +2 Arts/ Science/ Commerce
A.N.M. 2 YEARS COURSE
(Mark 40% & 35% for SC/ST Students)
Eligibility : +2 Arts/ Science/ Commerce
(Clinical Training at D.H.H. & P.R.M. Medical College, Baripada)
FACILITIES : Most Experienced Faculties, In Campus Girl's Hostel, Canteen, well Equipped, Laboratories, Library, Smart, Class Rooms, Separate, Boy's Hostel & Free Wi-fi.
STIPEND FOR SC/ST/OBC & SEBC STUDENTS
Contact for Admission:
7008973851, 8455087373, 9861373681

# ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ସତର୍କତା ସଚେତନତା ଅଭିଯାନ



ବାରିପଦା, ୧୭/୧୦ (ନି.ପ୍ର): ବ୍ୟାଙ୍କ ଅଫ ଇଣ୍ଡିଆ, ବାରିପଦା ଅଞ୍ଚଳ ପକ୍ଷରୁ କପ୍ତିପଦା ଓ ବଡ଼ସାହି ଶାଖା ଆନୁକୂଲ୍ୟରେ ଶିମିଳିପାଳ, ଝରିଆ, ବାଛୁରୀପାଳ ଠାରେ ସତର୍କତା ସଚେତନତା ଅଭିଯାନର ଅଂଶସ୍ୱରୂପ ଗ୍ରାମସଭା ମାନ ଆୟୋଜିତ ହୋଇଯାଇଛି। ଏହି ଅଭିଯାନରେ ସ୍ଥାନୀୟ ଜନସାଧାରଣଙ୍କୁ ସତର୍କତା, ସଚ୍ଚୋଟତା ଓ ସ୍ୱଚ୍ଛତାର ଗୁରୁତ୍ୱ ସମ୍ପର୍କରେ ସଚେତନ କରାଯାଇଥିଲା। ଏଥିସହ ଦୁର୍ନୀତି ନିବାରଣ, ସୁରକ୍ଷିତ ବ୍ୟାଙ୍କିଙ୍ଗ ବ୍ୟବସ୍ଥା, ଆର୍ଥିକ ଠକେଇ ଓ ସାଇବର ଅପରାଧରୁ ରକ୍ଷା ପାଇବାର ବିଭିନ୍ନ ଉପାୟ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥିଲା। ଅଭିଯାନରେ ବ୍ୟାଙ୍କ ଅଫ ଇଣ୍ଡିଆର ଭିଜିଲାନ୍ସ ଅଧିକାରୀ ମିଥିଲେଶ କୁମାରଙ୍କ ସମେତ ସ୍ଥାନୀୟ ଶାଖା ପରିଚାଳକ ମାନେ ଯୋଗ ଦେଇଥିଲେ. ତେବେ ଏହି ସତର୍କତା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ବିଭିନ୍ନ ଗ୍ରାମୀଣ ଏବଂ ଅର୍ଦ୍ଧ ସହରାଞ୍ଚଳ ଶାଖା ଅଞ୍ଚଳରେ ଅନୁଷ୍ଠିତ ହୋଇଯାଇଛି. ଏହି ଅଭିଯାନ ମାଧ୍ୟମରେ ଜନସାଧାରଣଙ୍କ ମଧ୍ୟରେ ସତର୍କତା ଓ ସୁରକ୍ଷିତ ଆର୍ଥିକ କାରବାର ସମ୍ପର୍କିତ ସଚେତନତା ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

# ବେଆଇନ କାଠ ବୋଝେଇ ପିକଅପ ଜବତ



ଲଙ୍ଗଳେଶ୍ୱର, ୧୭/୧୦ (ନି.ପ୍ର): ଓଡିଶା ରୁ ପଶ୍ଚିମବଙ୍ଗ କୁ କାଠ ଚୋରା ଚାଲାଣ ବେଳେ ବନ ବିଭାଗ ର ଚଢଉ , ପିକଅପ ଭ୍ୟାନ୍ ସମେତ ଲକ୍ଷାଧିକ ଟଙ୍କା ର ମୂଲ୍ୟବାନ କାଠ ଜବଦ, ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ପାରୁଳିଆ ବ୍ରିଜ ନିକଟ ରେ ଚଢଉ କରି ଜବଦ କରିଛି ବନ ବିଭାଗ ଟିମ୍, ଆଜି ଏକ ପିକଅପ ଭ୍ୟାନ୍ ରେ କାଠ ବୋଝେଇ କରି ପଶ୍ଚିମବଙ୍ଗ କୁ ଚୋରା ଚାଲାଣ କରା ଯାଉଥିବା ନେଇ ବନବିଭାଗ ଟିମ୍ କୌଣସି ସୂତ୍ରରୁ ଖବର ପାଇ ପାରୁଳିଆ ବ୍ରିଜ ନିକଟରେ ଚଢଉ କରି ପିକଅପ ଭ୍ୟାନ୍ କୁ ଜବଦ କରିଥିଲେ, ଘଟଣା ସ୍ଥଳରୁ ଡ୍ରାଇଭର ଗାଡି ଛାଡି ଫେରାର ହୋଇଥିବା ବେଳେ ଗାଡି ସମେତ କାଠ ଜବଦ କରି ଅଧିକ ତଦନ୍ତ କରୁଛି ବନବିଭାଗ ଜବତ ସମୟରେ ରେଞ୍ଜର ଜିତେନ୍ କିସ୍କୁ, ଲଙ୍ଗଳେଶ୍ୱର ଫୋରେଷ୍ଟର ବିଜୟକୁମାର ସାହୁ ଉପସ୍ଥିତ ଥିଲେ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Editor: Sairindhree Sahoo
❐ Managing & Executive Editor : Srustidhar Parida